
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୫ ମଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TURSDAY 25 MAY 2021
Vol.No. 32 ■ No. 133 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ପାରାଦୀପ ଠାରୁ ୪୯୦କିମି ଦୂରରେ ୟାସ୍

## ୨୬ ତାରିଖ ମଧ୍ୟାହ୍ନରେ ବାଲେଶ୍ୱରରେ ଲ୍ୟାଣ୍ଡଫଲ୍ କରିବ ୟାସ୍

- ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ପ୍ରଭାବିତ ହେବ
- ସମୁଦ୍ରରୁ ୨ରୁ୪ ମିଟର ଉଚ୍ଚ ଜୁଆର ଆସିବା ସମ୍ଭାବନା
- ମୁକାବିଲା କରିବାକୁ ଓଡିଶାରେ ୫୨ଟି ଏନଡିଆରଏଫ୍ ଟିମ୍ ନିୟୋଜିତ

ଭୁବନେଶ୍ୱର,୨୪/୦୫ (ନି.ପ୍ର): ବାତ୍ୟା ୟାସ୍ ସମୁଦ୍ର ମଧ୍ୟରେ ସାମୁଦ୍ରିକ ଝଡ଼ ବା ବାତ୍ୟାରେ ପରିଣତ ହୋଇଛି। ଆଗାମୀ ୨୪ ଘଂଟାରେ ଏହା ଅତିଭୀଷଣ ବାତ୍ୟାର ରୂପ ନେବ। ୨୬ ତାରିଖ ଦ୍ୱିପ୍ରହରରେ ଏହା ପାରାଦୀପ ଓ ସାଗର ଦୀପ ମଧ୍ୟରେ ଲ୍ୟାଣ୍ଡଫଲ୍ କରିବ। ଲ୍ୟାଣ୍ଡଫଲ୍ ବେଳେ ପବନର ବେଗ ଘଂଟା ପ୍ରତି ୧୫୫ ରୁ ୧୮୫ କିମି ପର୍ଯ୍ୟନ୍ତ ରହିବ। ଏହି ସୂଚନା ଦେଇଛନ୍ତି ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର। ସେହିପରି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଏଚଆର ବିଶ୍ୱାସ କହିଛନ୍ତି ଯେ ୨୬ ତାରିଖ ପୂର୍ବାହ୍ନ ୧୧ ଟାରୁ ଦିନ ଗୋଟାଏ ମଧ୍ୟରେ ବାଲେଶ୍ୱର ପାଖାପାଖି ଲ୍ୟାଣ୍ଡଫଲ୍ କରିବ। ଲ୍ୟାଣ୍ଡଫଲ ବେଳେ ପବନର ବେଗ ଘଂଟା ପ୍ରତି ୧୫୫କିମିରୁ ୧୬୫ କିମି ରହିବ। ସୋମବାର ସଂଧ୍ୟା ସୁଦ୍ଧା ପାରାଦୀପ ଠାରୁ ୪୯୦ କିମି ଏବଂ ବାଲେଶ୍ୱର ଠାରୁ ୫୯୦ କିମି ଦୂରରେ ରହିଛି ବାତ୍ୟା ୟାସ୍ । ବାତ୍ୟାର ବେଗ ସାମାନ୍ୟ ବଢ଼ିଛି, ଘଂଟାକୁ ୫ରୁ୭ କିମି ବେଗରେ ଆସୁଛି । କାଲି ସକାଳ ସୁଦ୍ଧା ଭୀଷଣ ବାତ୍ୟାର ରୂପ ନେବ ୟାସ୍ । ପୂର୍ଣ୍ଣିମା ଥିବାରୁ ସମୁଦ୍ରରୁ ଜୁଆର ଉଠିବା ନେଇ କୁହାଯାଇଛି । ୨ରୁ ୪ ମିଟର ପର୍ଯ୍ୟନ୍ତ ସାମୁଦ୍ରିକ ଜୁଆର ଉଠିବା ସମ୍ଭାବନା ରହିଛି । ଲ୍ୟାଣ୍ଡଫଲ୍ ପୂର୍ବରୁ ଅର୍ଥାତ ୨୫ ତାରିଖରୁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ମୟୂରଭଞ୍ଜ, ଢେଙ୍କାନାଳ, ଗଞ୍ଜାମ, କଟକ, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାନା ରହିଛି। ୨୬ ତାରିଖରେ ବର୍ଷାର ପରିମାଣ ବଢ଼ିବ ବୋଲି ଶ୍ରୀ ବିଶ୍ୱାସ କହିଛନ୍ତି। ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ମୟୂରଭଞ୍ଜ, କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲାରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୨୭ ତାରିଖରେ ବର୍ଷାର ପରିମାଣ କମିଯିବ ବୋଲି ଶ୍ରୀ ବିଶ୍ୱାସ କହିଛନ୍ତି। ଅପରପକ୍ଷରେ ସୋମବାର ପୂର୍ବାହ୍ନରୁ ଉପକୂଳ ଓଡିଶାର ▶▶ପୃଷ୍ଠା ୭




# ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିବେଦନ

- ଆମେ ଏକ ସମୟରେ ଦୁଇଟି ବଡ ବିପଦର ସାମନା କରୁଛୁ
- ସାମାନ୍ୟ ହେଳା ବଡ ବିପଦ ସୃଷ୍ଟି କରିପାରେ
- ସ୍ଥାନାନ୍ତର ପାଇଁ ପ୍ରଶାସନକୁ ପୁରା ସହଯୋଗ କରନ୍ତୁ, ଡବଲ ମାସ୍କ ପିନ୍ଧନ୍ତୁ



ଭୁବନେଶ୍ୱର,୨୪/୦୫ (ନି.ପ୍ର): ଆମେ ଏକା ସମୟରେ କୋଭିଡ ଓ ବାତ୍ୟା ୟଶ ଭଳି ଦୁଇଟି ବଡ ବିପଦର ସାମ୍‌ନା କରୁଛୁ। ତେଣୁ ସମସ୍ତେ ପ୍ରଶାସନକୁ ସ୍ଥାନାନ୍ତରରେ ସହଯୋଗ କରନ୍ତୁ ଓ ଡବଲ ମାସ୍କ ପିନ୍ଧନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ସାଢେ ଚାରି କୋଟି ଓଡିଶାବାସୀ ମୋର ପରିବାର। ବିପଦ ସମୟରେ ମୋ ପରିବାରର ନିରାପତା ମୋ ପାଇଁ ସବୁଠାରୁ ବଡ ପ୍ରାଥମିକତା। ଆସୁଥିବା ବାତ୍ୟା ପରିପ୍ରେକ୍ଷୀରେ ଲୋକମାନଙ୍କୁ ଏକ ଭିଡ଼ିଓ ବାର୍ତା ଜରିଆରେ ଆଜି ସତର୍କ କରି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ଏଥିସହ ବାତ୍ୟା ଆଶ୍ରୟସ୍ଥଳ ବା ପକ୍କା ଘର ଯେଉଁଠାରେ ଥିଲେ ବି ଦୁଇଟି ମାସ୍କ ଏକ ସମୟରେ ପିନ୍ଧନ୍ତୁ। ତା ସହିତ ସାବୁନ ଓ ସାନିଟାଇଜରରେ ହାତ ମଧ୍ଯ ଧୋଇବା ପାଇଁ ସେ ନିବେଦନ କରିଛନ୍ତି। ଆବଶ୍ୟକତାକୁ ଦେଖି ମିଶନ୍ ଶକ୍ତି ଗୋଷ୍ଠୀ ଜରିଆରେ ଲୋକଙ୍କୁ ମାସ୍କ ଯୋଗାଇବା ପାଇଁ ସେ କଲେକ୍ଟର ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି କହିଥିଲେ। ବାତ୍ୟା ଓଡିଶା ପାଇଁ ନୂଆ ନୁହେଁ, ତଥାପି ଆମକୁ ସତର୍କ ରହିବାକୁ ହେବ। ସାମାନ୍ୟ ହେଳା ବଡ ବିପଦ ସୃଷ୍ଟି କରିପାରେ ବୋଲି ସେ ସତର୍କ କରିଥିଲେ। ସରକାର ବାତ୍ୟା ଓ କୋଭିଡ ଦୁଇଟି ଯାକ ପରିସ୍ଥିତିର ମୁକାବିଲା ପାଇଁ ସଂପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ଜନସାଧାରଣଙ୍କ ସହଯୋଗ ହିଁ ଆମର ପ୍ରସ୍ତୁତିକୁ ଆହୁରି ମଜବୁତ କରିବ ବୋଲି ସେ ଆଶାପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରତ୍ୟେକ ଲୋକଙ୍କୁ ନିରାପଦ ସ୍ଥାନରେ ପହଂଚାଇବା ▶▶ପୃଷ୍ଠା ୭

## ୟାସ୍ ମୁକାବିଲା ପାଇଁ ୫ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀଙ୍କୁ ଦାୟିତ୍ୱ

ଭୁବନେଶ୍ୱର,୨୪/୦୫ (ନି.ପ୍ର): ୨୬ ତାରିଖ ମଧ୍ୟାହ୍ନରେ ପାରାଦୀପ ଓ ସାଗର ଦ୍ୱୀପ ମଧ୍ୟରେ ଲ୍ୟାଣ୍ଡଫଲ୍ କରିବ ଅତି ଭୀଷଣ ବାତ୍ୟା 'ୟାସ୍'। ବିଶେଷ କରି କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ ବାତ୍ୟା 'ୟାସ'ର ପ୍ରଭାବ ଅଧିକ ରହିବ। ଏହାକୁ ଦୃଷ୍ଟିରେ ରଖି ଏହି ୫ ଜିଲ୍ଲାରେ ବାତ୍ୟା ମୁକାବିଲା ପ୍ରସ୍ତୁତି ଓ ବାତ୍ୟା ପରବର୍ତୀ ରିଲିଫ୍ କାର୍ଯ୍ୟ ତଦାରଖ ପାଇଁ ରାଜ୍ୟ ସରକାର ୫ ଜଣ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ଦାୟିତ୍ୱ ଦେଇଛନ୍ତି। ସେହିପରି ଜିଲ୍ଲା ପୋଲିସ୍‌କୁ ପରାମର୍ଶ ଓ ମାର୍ଗଦର୍ଶନ ପାଇଁ ୫ ବରିଷ୍ଠ ଆଇପିଏସ୍ ଙ୍କୁ ଦାୟିତ୍ୱ ଦିଆଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏସମ୍ପର୍କିତ ନିର୍ଦ୍ଦେଶନାମା ଜାରି କରାଯାଇଛି। ▶▶ପୃଷ୍ଠା ୭

## ‘ୟଶ୍’ ପ୍ରଭାବ ସମ୍ପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସହ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଲୋଚନା



ଭୁବନେଶ୍ୱର,୨୪/୦୫ (ନି.ପ୍ର): ‘ୟଶ୍’ ବାତ୍ୟା ଦ୍ୱାରା ଓଡ଼ିଶାରେ ପ୍ରଭାବିତ ହେବାକୁ ଥିବା ଜିଲ୍ଲା ଗୁଡ଼ିକ ସମ୍ପର୍କରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଅବଗତ କରିବା ସହ ବାତ୍ୟା ସହ ଜଡ଼ିତ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ର ସରକାର ଏହି ବିପତି ସମୟରେ ଓଡ଼ିଶା ସାଙ୍ଗରେ ଅଛନ୍ତି ଏବଂ ସମସ୍ତ ପ୍ରକାର ସମ୍ଭାବ୍ୟ ସହାୟତା ଏବଂ ସମ୍ପୂର୍ଣ୍ଣ ସହଯୋଗ ପାଇଁ ପ୍ରସ୍ତୁତ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ପ୍ରତିଶ୍ରୁତି ଦେଇଥିବା ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି। ଏଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଡ଼ିଶାର ଭାଇ ଭଉଣୀ ଓ ଗୁରୁଜନମାନେ ପ୍ରଶାସନ ଦ୍ୱାରା ଜାରୀ କରାଯାଇଥିବା ସତର୍କତା ସୂଚନାକୁ ମାନିବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି। “ଆମେ ଏହି ବାତ୍ୟା ଓ ବର୍ଷାକୁ ସାହାସର ସହିତ ମୁକାବିଲା କରିବା। ବାତ୍ୟା ‘ୟଶ୍’ ପ୍ରଭାବରେ କାହାର କିଛି କ୍ଷତି ନହେଉ, ଏହା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା” ବୋଲି କେନ୍ଦ୍ରମନ୍ତ୍ରୀ ଟ୍ୱିଟ୍ କରିଛନ୍ତି ।

## ବାତ୍ୟା ପାଇଁ ଟେଷ୍ଟିଂ ଓ ଟିକାକରଣ ବନ୍ଦ

ଭୁବନେଶ୍ୱର,୨୪/୦୫ (ନି.ପ୍ର): ବାତ୍ୟା ପାଇଁ କୋଭିଡ୍ ଟେଷ୍ଟିଂ, ଟୀକାକରଣ ଓ ଡୋର ଟୁ ଡୋର ସର୍ଭେକୁ ସ୍ଥଗିତ ରଖାଯାଇଛି। ବାତ୍ୟା ୟାସ୍ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଜିଲ୍ଲା ଯଥା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, ମୟୁରଭଂଜ ଓ କେନ୍ଦୁଝର ରେ ଏହି ସବୁ ସେବା ୨୫ ରୁ ୨୭ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବା ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ଏହା ଜଣାଇଛନ୍ତି । ଏଥିସହ କେନ୍ଦ୍ରାପଡା, ଜଗତସିଂହପୁର ଓ କେନ୍ଦୁଝର ଜିଲ୍ଲାରେ ଏହି ସେବା ଗୁଡିକ ବନ୍ଦ ରହିବ କି ନାହିଁ ତାହା ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନେ ସ୍ଥିତି ଦେଖି ନିଷ୍ପତି ନେବେ ବୋଲି ଶ୍ରୀ ମହାପାତ୍ର ଜଣାଇଛନ୍ତି।

## ବାତ୍ୟା ପାଇଁ ଲକ୍‌ଡାଉନ୍ କଟକଣା ୨ ଦିନ କୋହଳ

### ୧୦ ଜିଲ୍ଲାରେ ୧୧ଟା ପରିବର୍ତ୍ତେ ଦିନ ୧ଟା ଯାଏଁ ଖୋଲା ରହିବ ଦୋକାନ

ଭୁବନେଶ୍ୱର,୨୪/୦୫ (ନି.ପ୍ର): ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଲୋକ ମାନେ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ସୁଯୋଗ ଦେବାକୁ ରାଜ୍ୟ ସରକାର ୧୦ ଟି ଜିଲ୍ଲାରେ ଲକ ଡାଉନ କଟକଣାକୁ ଦୁଇ ଦିନ ପାଇଁ କୋହଳ କରିବା ନେଇ ଘୋଷଣା କରାଯାଇଛି। ସୋମବାର ଓ ମଙ୍ଗଳବାର ପାଇଁ ଏହି ନିୟମ କୋହଳ କରାଯାଇଛି। ଏସଆରସି କାର୍ଯ୍ୟାଳୟ ପକ୍ଷରୁ ଏ ନେଇ ନିର୍ଦ୍ଦେଶନାମା ଜାରୀ କରା ଯାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାତ୍ୟା ପରିପ୍ରେକ୍ଷୀରେ ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, କେନ୍ଦ୍ରାପଡା, ମୟୂରଭଞ୍ଜ, କେଉଁଝର, ପୁରୀ, ଯାଜପୁର, କଟକ ଏବଂ ଖୋର୍ଦ୍ଧା ସମେତ ୧୦ଟି ଜିଲ୍ଲାରେ ଲୋକଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଯଥା ପନିପରିବା, ମାଛମାଂସ, ଖୀର ଆଦି କିଣିବା ନିମନ୍ତେ ଅଧିକ ସମୟ ଦେବା ପାଇଁ ୨୪ ଓ ୨୫ ତାରିଖ ଦୋକାନ ସକାଳ ୭ଟାରୁ ୧ଟା ପର୍ଯ୍ୟନ୍ତ ଖୋଲା ରହିବ।

## କୋଭିଡ୍ ପରିଚାଳନା ପାଇଁ ବାଲେଶ୍ୱର ଓ ଭଦ୍ରକ ଗଲେ ୨୮ ଡାକ୍ତର

ଭୁବନେଶ୍ୱର,୨୪/୦୫ (ନି.ପ୍ର): ବାତ୍ୟାରେ ପ୍ରଭାବିତ ହେବାକୁ ଥିବା ଜିଲ୍ଲା ବାଲେଶ୍ୱର ଓ ଭଦ୍ରକକୁ ଅତିରିକ୍ତ ଡାକ୍ତର ପଠାଇଛନ୍ତି ରାଜ୍ୟ ସରକାର। ବାତ୍ୟାବେଳେ କୋଭିଡ୍ ସୁପରିଚାଳନା ପାଇଁ ଏହି ଦୁଇ ଜିଲ୍ଲାକୁ ୨୮ ଜଣ ଡାକ୍ତରଙ୍କୁ ପଠାଯାଇଛି । ଏହି ଡାକ୍ତରଙ୍କ ମଧ୍ୟରୁ ୮ ଜଣ ପୋଷ୍ଟ ପିଜି ଡାକ୍ତର ଓ ୨୦ ଜଣ ଇଂଟର୍ଣ୍ଣ ଡାକ୍ତର ରହିଛନ୍ତି । ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ୮ ଜଣ ପୋଷ୍ଟ ପିଜି ଡାକ୍ତରଙ୍କ ମଧ୍ୟରୁ ୪ ଜଣ ଲେଖାଏଁ ଭଦ୍ରକ ଜିଲ୍ଲା ଓ ବାଲେଶ୍ୱର ଜିଲ୍ଲାକୁ ଯିବେ । ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅବସ୍ଥାପିତ କରାଯାଇଛି । ସେହିପରି ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ୧୦ ଜଣ ଲେଖାଏଁ ଇଂଟର୍ଣ୍ଣ ଡାକ୍ତରଙ୍କୁ ପଠାଯାଇଛି । ସୂଚନାଯୋଗ୍ୟ ଯେ, ୟାସ୍ ବାତ୍ୟା ଭଦ୍ରକ କିମ୍ବା ବାଲେଶ୍ୱରରେ ସ୍ଥଳଭାଗ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ଦୁଇଟି ଜିଲ୍ଲା ଉପରେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ବାତ୍ୟା ସମୟରେ ଏହି ଦୁଇଟି ଜିଲ୍ଲାରେ ଯେପରି କୋଭିଡ୍ ସ୍ଥିତି ନ ବିଗିଡ଼େ ସେଥିପାଇଁ ଏସବୁ ଡାକ୍ତରମାନଙ୍କୁ ପଠାଯାଇଛି ।

## ୨୫ରୁ ୨୭ ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର,୨୪/୦୫ (ନି.ପ୍ର): ବାତ୍ୟା ୟାସ୍ ର ପ୍ରଭାବରେ ୨୫ ରୁ ୨୭ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ମଙ୍ଗଳବାରଠାରୁ ବର୍ଷା ବଢିବ ଏବଂ ସଂଧ୍ୟାଠାରୁ ପବନର ବେଗ ମଧ୍ୟ ବୃଦ୍ଧି ପାଇବ। ବାଲେଶ୍ୱର ଜିଲ୍ଲାରେ ସମୁଦ୍ରରେ ୪ ମିଟର ପର୍ଯ୍ୟନ୍ତ ଉଚ୍ଚ ଜୁଆର ଆସିପାରେ। ପାରାଦୀପରୁ ଧାମରା ପର୍ଯ୍ୟନ୍ତ ୨ରୁ ୩ ମିଟର ପର୍ଯ୍ୟନ୍ତ ଜୁଆର ଦେଖାଦେଇପାରେ ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ ଜେନା କହିଛନ୍ତି। ସେହିପରି ବାତ୍ୟା ପୂର୍ବପ୍ରସ୍ତୁତି ସମ୍ପର୍କରେ ଶ୍ରୀ ଜେନା କହିଛନ୍ତି ଯେ ଲୋକଙ୍କୁ ଆଜିଠାରୁ ଆଶ୍ରୟସ୍ଥଳୀକୁ ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ମଙ୍ଗଳବାର ଅପରାହ୍ନ ପୂର୍ବରୁ ସ୍ଥାନାନ୍ତର ଶେଷ କରିବାକୁ କୁହାଯାଇଛି। ଆଶ୍ରୟସ୍ଥଳୀରେ ସମସ୍ତଙ୍କୁ ମାସ୍କ ଦେବାକୁ ବ୍ୟବସ୍ଥା କରାଯାଇଛି। ସେଠାରେ ଲୋକଙ୍କୁ ପାନୀୟ ଜଳ. ରନ୍ଧା ଖାଦ୍ୟ ସହ ଛତୁଆ ଏବଂ ପିଲାଙ୍କୁ ବିସ୍କୁଟ ଦିଆଯିବ। ଏହା ସହିତ ଗର୍ଭବତୀ ମହିଳା ଓ ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ▶▶ପୃଷ୍ଠା ୭

## ଉତରାଖଣ୍ଡର ଉତରକାଶୀରେ ଭୂମିକମ୍ପ

ଡେରାଡୁନ,୨୪/୦୫ (ନି.ପ୍ର): ଦେବଭୂମି ଉତରାଖଣ୍ଡରେ ରବିବାର ବିଳମ୍ବିତ ରାତି ପାଖାପାଖି ୧୨.୩୦ରେ ଭୂମିକମ୍ପ ଯୋଗୁଁ ଲୋକମାନେ ଘର ଭିତରୁ ବାହାରକୁ ବାହାରି ଆସିଥିଲେ । କରୋନାରେ ମୁକାବିଲା କରୁଥିବା ରାଜ୍ୟର ଉତରକାଶୀ ଜିଲ୍ଲାରେ ଭୂମିକମ୍ପର ପ୍ରଖର ଝଟକା ଜଣାଯାଇଥିଲା । ଏହା ବ୍ୟତୀତ ଉତରାଖଣ୍ଡର ଅନେକ ଇଲାକାରେ ଭୂମିକମ୍ପର ଝଟକା ଅନୁଭୂତ ହୋଇଥିଲା । ରାଷ୍ଟ୍ରୀୟ ଭୂମିକମ୍ପ ବିଜ୍ଞାନ କେନ୍ଦ୍ର ମୁତାବିକ ୨୪ ମଇ ରାତ୍ର ୧୨ ଟା ୩୧ ମି. ୪୫ ସେକେଣ୍ଡରେ ଏହି ଭୂମିକମ୍ପ ଆସିଥିଲା । ରିକ୍ଟର ସ୍କେଲରେ ଏହାର ତିବ୍ରତା ଥିଲା ୪.୩ । ଭୂକମ୍ପର କେନ୍ଦ୍ର ଉତରାଖଣ୍ଡର ଚମୋଲି ଜିଲ୍ଲାର ଯୋଶୀମଠ ପାଖ ବୋଲି କୁହାଯାଉଛି ।

## ବାତ୍ୟା ପାଇଁ ଆରମ୍ଭ ହେଲା ସ୍ଥାନାନ୍ତର ପ୍ରକ୍ରିୟା

### ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡା ଜିଲ୍ଲାରେ ସୁରକ୍ଷିତ ସ୍ଥାନକୁ ଯିବା ପାଇଁ ପ୍ରଶାସନର ନିବେଦନ



ଭୁବନେଶ୍ୱର,୨୪/୦୫(ନି.ପ୍ର): ୨୬ ତାରିଖରେ ଲ୍ୟାଣ୍ଡଫଲ କରିବ ୟାଶ । ଏହାକୁ ଦୃଷ୍ଟିରେ ରଖି ଉପକୂଳବର୍ତୀ ଜିଲ୍ଲାଗୁଡିକରେ ପ୍ରସ୍ତୁତି ଜୋରଦୋର ହୋଇଛି । ଜଗତସିଂହପୁର, କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର ଓ ମୟୁରଭଂଜ ଜିଲ୍ଲା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଏହି ଜିଲ୍ଲା ଉପରେ ନଜର ରଖିବା ପାଇଁ ୫ ଜଣ ବରିଷ୍ଠ ଆଇଏଏସ ଅଧିକାରୀଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି । କେନ୍ଦ୍ରାପଡା ପାଇଁ ହେମନ୍ତ ଶର୍ମା, ଜଗତସିଂହପୁର ପାଇଁ ଶାଶ୍ୱତ ମିଶ୍ର, ଭଦ୍ରକ ଭିଭି ଯାଦବ, ବାଲେଶ୍ୱର ବିଶାଲ ଦେବ ଏବଂ ମୟୁରଭଞ୍ଜ ପାଇଁ ସୁରେଶ ବଶିଷ୍ଠଙ୍କୁ ଦାୟିତ୍ୱ ଦିଆଯାଇଛି । ଏମାନେ ଜିଲ୍ଲାର ବିଭିନ୍ନ ବିଭାଗ ସହ ସମନ୍ୱୟ ରଖା କରି ବାତ୍ୟା ସମୟରେ ଲୋକଙ୍କୁ ସୁରକ୍ଷା ଉପରେ ଗୁରୁତ୍ୱ ଦେବା ସହ ବାତ୍ୟା ପରେ ଉଦ୍ଧାର କାର୍ଯ୍ୟର ତଦାରଖ କରିବେ । ବାତ୍ୟାର ପ୍ରଭାବ ଅନୁଭୂତ ହେବା ଆଗରୁ ପ୍ରଭାବିତ ହେବାକୁ ଥିବା ଅଂଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରିବା ପ୍ରକ୍ରିୟା ଆରମ୍ଭ ହୋଇଛି । ବାଲେଶ୍ୱର ଜିଲ୍ଲାରେ ବର୍ଷା ପବନ ଆରମ୍ଭ ହୋଇଯାଇଛି । ସୋରର ଉପକୂଳବର୍ତି ଗାଁରେ କଚା ଘରେ ଥିବା ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି । ▶▶ପୃଷ୍ଠା ୭

## ୩୧ ଯାଏଁ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ

ଭୁବନେଶ୍ୱର,୨୪/୦୫ (ନି.ପ୍ର): ବାତ୍ୟା ୟାସ ପାଇଁ ମଇ ୩୧ ତାରିଖ ପର୍ଯ୍ୟନ୍ତ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ହେଲା ବାତିଲ କରିଛନ୍ତି ରାଜ୍ୟ ସରକାର। କୌଣସି କର୍ମଚାରୀ ମୁଖ୍ୟାଳୟ ନ ଛାଡିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗୀୟ ଅଧିକାରୀ ଅନୁମତିରେ ଅତି ଜରୁରୀ ଥିଲେ ଛୁଟି ନେଇପାରିବେ। ସେହିପରି ଛୁଟିରେ ଥିବା ସମସ୍ତ କର୍ମଚାରୀ ତୁରନ୍ତ କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏସମ୍ପର୍କରେ ସୋମବାର ଦିନ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତିରେ କୁହାଯାଇଛି ଯେ ବାତ୍ୟା ୟାସ୍ ଦ୍ୱାରା ଉପକୂଳ ଓ ଆଭ୍ୟନ୍ତରୀଣ ଓଡିଶାର ଜିଲ୍ଲାଗୁଡିକ ପ୍ରଭାବିତ ହେବାର ଆଶଙ୍କା ରହିଛି। ଏହିସମୟରେ ବାତ୍ୟାର ପ୍ରାକ୍ ପ୍ରସ୍ତୁତି ଏବଂ ବାତ୍ୟା ପରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାପାଇଁ ସମସ୍ତ ସରକାରୀ କାର୍ଯ୍ୟାଳୟ ଓ କର୍ମଚାରୀମାନଙ୍କୁ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ଆଗାମୀ ୩୧ ତାରିଖ ପର୍ଯ୍ୟନ୍ତ ସମସ୍ତ କର୍ମଚାରୀଙ୍କ ସମସ୍ତ ଛୁଟିକୁ ବାତିଲ କରାଯାଇଛି। ଆସନ୍ତା ୨୬ ତାରିଖରେ ବାତ୍ୟା ଲ୍ୟାଣ୍ଡଫଲ କରିବା ସହିତ ଭଦ୍ରକ କିମ୍ବା ବାଲେଶ୍ୱରରେ ସ୍ଥଳଭାଗ ଛୁଇଁପାରେ । ତେଣୁ ଏଭଳି ସ୍ଥିତିକୁ ମୁକାବିଲା କରିବା ପାଇଁ ଏବେ ପ୍ରସ୍ତୁତ ହେଉଛି ଓଡିଶା । ଆଉ ଏହାକୁ ଆଖି ଆଗରେ ରଖି ଏବେ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟିକୁ ବାତିଲ କରିଦିଆଯାଇଛି ।

# ସଡ଼କ ଦୁର୍ଘଟଣାରେ ମାମୁ ଭଣଜାଙ୍କ ମୃତ୍ୟୁ

ମାଲକାନଗିରି, ୨୪/୫ (ନି.ପ୍ର): ମାଲକାନଗିରି -ବାଲିମେଳା ମୁଖ୍ୟ ସଡ଼କର ଗୌଡ଼ଗୁଡା ଛକ ରେ ଆଜି ସକାଳୁ ମର୍ମନ୍ତୁଦ ସଡ଼କ ଦୁଘଟଣାରେ ମାମୁ ଭଣଜା ମୃତ୍ୟୁ ବରଣ କରିଥିବାବେଳେ ଭଉଣୀ ଗୁରୁତର ଆହତ ହୋଇ ଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ ମାଲକାନଗିରି ବ୍ଲକ ଗୌଡ଼ଗୁଡା ପଂଚାୟତ ଏମଭି ୯ ଗ୍ରାମର ମିଥୁନ ବିଶ୍ୱାସ (୨ ୫ )ନିଜ ମୋଟର ସାଇକେଲ ନମ୍ବର ଓଡି ୧ ୦ଏନ ୬ ୨ ୭ ୩ ରେ ଏମଭି ୧ ଗ୍ରାମରେ ବାହା ହୋଇଥିବା ନିଜ ଭଉଣୀ ସୁଚିତ୍ରା ଓ ୩ ବର୍ଷ ର ଭଣଜା ପିୟୁଷ କୁ ଧରି ଆଜି ସକାଳୁ ନିଜ ଗ୍ରାମକୁ ଫେରୁଥିଲେ । ଏହି ସମୟରେ ଗୌଡ଼ଗୁଡା ଛକ ନିକଟରେ ବାଲିମେଳା ପଟୁ ଆସୁଥିବା ଧାନ ବୋଝେଇ ଟ୍ରକ ସିଜି ୧ ୭ କେ ଆର ୬ ୨ ୭ ୩ ଧକ୍କା ଦେବାରୁ ଘଟଣା ସ୍ଥଳରେ ମାମୁ ଭଣଜା ମୃତ୍ୟୁ ବରଣ କରିଥିବାବେଳେ ଭଉଣୀ ସୁଚିତ୍ରା ଗୁରୁତର ଆହତ ହୋଇ ପଡ଼ିଥିଲେ । ଏହା ଦେଖି ବାଟରେ ଯାଉଥିବା ଲୋକ ମାନେ ଆମ୍ବୁଲାନ୍ସ କୁ ଫୋନକରିଥିଲେ । ସୁଚିତ୍ରା ଙ୍କ ମୁଣ୍ଡରେ ଆଘାତ ଲାଗିଥିବା ଜଣାପଡିଛି । ଖବର ପାଇଁ ମାଲକାନଗିରି ଥାନା ଆଇଆଇସି ରାମ ପ୍ରସାଦ ନାଗ ଘଟଣା ସ୍ଥଳରେ ପହଂଚି ଗାଡି ୨ ଟି କୁ ଜବତ କରିବା ସହ ଟ୍ରକ ଡ୍ରାଇଭର କୁ ଗିରଫ କରିଥିଲେ । ମୃତ ମାମୁ ଭଣଜାଙ୍କ ଶବ ପୋଲିସ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଘଟଣାର ତଦନ୍ତ ଚଳାଇଛି ।

# ଜଗନ୍ନାଥ ସଂସ୍କୃତି ଅଧିବେଶନ କାର୍ଯ୍ୟକ୍ରମ ପରିବର୍ତ୍ତନ

କଣାସ, ୨୪/୫ (ନି.ପ୍ର): ଶ୍ରୀଜଗନ୍ନାଥ ସଂସ୍କୃତି ଅଧିବେଶନ ଆଧାରିତ କାର୍ଯ୍ୟକ୍ରମ ପୁରୀ ଜିଲ୍ଲାର କଣାସ ବ୍ଲକର ନୂଆଗାଁ ଠାରେ ଆସନ୍ତା ଜୁନ୍ ମାସରେ ଆୟୋଜିତ ହେବାକୁ ଥିବାବେଳେ କୋଭିଡ୍ ଭୟାବହତା କାରଣରୁ ଏହାକୁ ସ୍ଥଗିତ ରଖାଯାଇଛି । ଅଗଷ୍ଟ ଦ୍ୱିତୀୟ ସପ୍ତାହ ପରେ ଏହି କାର୍ଯ୍ୟକ୍ରମ ରୂପରେଖ ଚୂଡ଼ାନ୍ତ ହେବବୋଲି ଜଗନ୍ନାଥ ଚେତନା ଟ୍ରଷ୍ଟ ତରଫରୁ କାଶିନାଥ ପାଣିଗ୍ରାହୀ, ଅଜୟ କୁମାର ସେଠୀ, କବିକସ୍ତୁରୀ ଦିଲ୍ଲୀପ ଶ୍ରୀଚନ୍ଦନ, ମୃତ୍ୟୁଞ୍ଜୟ ଦକ୍ଷିଣରାୟ ପ୍ରମୁଖ ସୂଚନା ଦେଇଛନ୍ତି ।

# କରୋନା ମହାମାରୀରେ ଘରଭଡ଼ା ଚଡ଼କ : ଭଡ଼ାଟିଆଙ୍କୁ ଶୋଷଣ କରୁଛନ୍ତି ଘରମାଲିକ

ବାରିପଦା, ୨୪/୫ (ନି.ପ୍ର): କରୋନା ମହାମାରୀର ପ୍ରଥମ ଲହର ଓ ଦ୍ୱିତୀୟ ଲହରର ମୁକାବିଲା ନିମନ୍ତେ ସରକାରଙ୍କ ପକ୍ଷରୁ ଲକ୍ ଡ଼ାଉନ ଓ ସଟଡାଉନ ଜନସାଧାରଣଙ୍କ ନିକଟରୁ ରୋଜଗାରକୁ ଛଡ଼ାଇ ନେଇଛି । ଏଥି ସହିତ ଅର୍ଥନୀତି ମଧ୍ୟ ଧରାଶାୟୀ ହୋଇଯାଇଛି । କରୋନାକୁ ନେଇ ଜାରି ହୋଇଥିବା ମାର୍ଗଦର୍ଶିକା ଫଳରେ ମଲ୍, ସେଲୁନ୍, ଗହଣା , ମୋବାଇଲ, ରାସ୍ତା କଡ଼ ଫାଷ୍ଟଫୁଡ, ପାନ, ଚାହା ଆଦି ବିଭିନ୍ନ ଦୋକାନ, ବଜାର ବନ୍ଦ ରହିଛି । ଫଳରେ ଏହି ସମସ୍ତ ଦୋକାନର ମାଲିକ ଓ ଦୋକାନରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କର ଆୟ ଉପାର୍ଜନ ଠପ୍ ହୋଇପଡ଼ିଛି । ପରିବାରର ସଦସ୍ୟମାନଙ୍କ ପେଟକୁ ଦୁଇ ବେଳା ଆହାର ଯୋଗାଇବା ନିମନ୍ତେ ସଂଗ୍ରାମ ଚଳାଇ ଆସୁଥିବା ବେଳେ ଘର ଭଡ଼ା ନେଇ ନିଜର ପରିବାର ସହ ବସବାସ କରୁଥିବା ବ୍ୟକ୍ତି ଓ ଦୋକାନ କରି ବ୍ୟବସାୟ ଚଳାଇ ଆସୁଥିବା ବ୍ୟବସାୟୀମାନଙ୍କ ପାଇଁ ଘରଭଡ଼ା ଚଡ଼କ ସଦୃଶ୍ୟ ହୋଇପଡ଼ିଛି । କରୋନା ମହାମାରୀରୁ ମୁକୁଳିବା ନିମନ୍ତେ ସମସ୍ତ ବର୍ଗର ଜନସାଧାରଣ ସଂଘର୍ଷ ଚଳାଇଥିବା ବେଳେ ଭଡ଼ା ଦେଇଥିବା ଘରର ମାଲିକ ଭଡ଼ାଟିଆମାନଙ୍କ ପ୍ରତି ସହାନୁଭୂତି ଅଥବା କୋହଳ ମନୋଭାବ ପୋଷଣ କରିବା ପରିବର୍ତ୍ତେ ଘରଭଡ଼ା ବୃଦ୍ଧି କରିବା ସାଙ୍ଗକୁ ଭଡ଼ା ଆଦାୟ ପାଇଁ ଜୁଲୁମ ଆରମ୍ଭ କରିଦେଇଛନ୍ତି । ବାରିପଦା ସହରରେ ବସବାସ କରୁଥିବା ସମସ୍ତ ଜନତାଙ୍କ ପକ୍ଷେ ଜାଗା କିଣି ଘର ନିର୍ମାଣ କରି ରହିବା ଅଥବା ଦୋକାନ କରିବା ସମ୍ଭବ ନୁହେଁ । ଯେଉଁମାନେ ଘର କରିଛନ୍ତି ନିଶ୍ଚିତ ଭାବେ ସେମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବେ । ଅର୍ଜିତ ଅର୍ଥରୁ ଖର୍ଚ୍ଚ କରି ଗଢ଼ିଥିବା ଘରଟିରୁ ଲାଭ ଉଠାଇବା ଲାଗି ସେମାନେ ଘର ଭଡ଼ା ସୂତ୍ରରେ ଲଗାଇ ବ୍ୟବସାୟ କରିବା ସହ ସେବା ଯୋଗାଇଛନ୍ତି । କିନ୍ତୁ, ଘରର ମାଲିକ ଭଡ଼ାଟିଆମାନଙ୍କ ଉପରେ ଅତ୍ୟଧିକ ଭଡ଼ା ଲଦିବା ଯୋଗୁଁ ଅସମ୍ଭାଳ ପରିସ୍ଥିତି ସୃଷ୍ଟି ହେଉଛି । ମାଲିକମାନେ ଘର ଭଡ଼ା ବଢାଇଲା ବେଳେ ସମସ୍ତଙ୍କୁ ଗୋଟାଏ ଚକ୍ଷୁରେ ଦେଖୁଛନ୍ତି । ଯଦି ସରକାରୀ ଚାକିରିଆ ଅଥବା ବଡ଼ ବଡ଼ ବ୍ୟବସାୟୀ ସେମାନଙ୍କ ନିକଟରେ ଭଡ଼ାରେ ରହିଥାନ୍ତି, ତେବେ ସେମାନଙ୍କ ପାଇଁ ଯେଉଁ ହାରରେ ଭଡ଼ା ବୃଦ୍ଧି କରାଯାଇଥାଏ, ଘରୋଇ ସଂସ୍ଥାର କର୍ମଚାରୀ, ଛୋଟ ବ୍ୟବସାୟୀମାନଙ୍କ ପାଇଁ ମଧ୍ୟ ସମାନ ହାରରେ ଭଡ଼ା ଲାଗୁ କରାଇଥାନ୍ତି । ଏସବୁ ଭିତରେ ସ୍ୱଳ୍ପ ବେତନ ଭୋଗୀ କର୍ମଚାରୀ ଅଥବା ଛୋଟ ମୋଟ ଦୋକାନ କରି ବ୍ୟବସାୟ ଚଳାଇ ବଂଚୁଥିବା ଭଡ଼ାଟିଆ ଅତିଷ୍ଠ ହୋଇପଡ଼ିଲେଣି । କେଉଁଭଳି ଘରକୁ କେତେ ଟଙ୍କାରେ ଭଡ଼ା ଦିଆଯିବ ସେ ଦିଗରେ ବିଧିବଦ୍ଧ ନିୟମ ନ ଥିବାରୁ ଭଡ଼ାଟିଆ ଶୋଷଣର ଶିକାର ହେଉଛନ୍ତି । ସମାଜରେ ସମସ୍ତ ଜିନିଷର ମୂଲ୍ୟ ବୃଦ୍ଧି ଘଟିଲେ ରାଜନୈତିକ ଦଳ ଓ ଅଣରାଜନୈତିକ ଦଳ ପ୍ରତିବାଦ କରିବାକୁ ରାସ୍ତାକୁ ଓହ୍ଲାଇ ଆସୁଥିବା ବେଳେ ଘର ଭଡ଼ା ବୃଦ୍ଧି ବ୍ୟକ୍ତିଗତ ସମସ୍ୟା ବୋଲି ଧାରଣା ରହିଥିବାରୁ ସେଥିପ୍ରତି କେହି ବିଶେଷ ଭାବେ ଦୃଷ୍ଟି ଦେଇନଥାନ୍ତି । ଘରର ମାଲିକମାନେ ଘର ଭଡ଼ାରୁ ଯେଉଁ ଅର୍ଥ ପାଉଛନ୍ତି, ତାହାର କୌଣସି ହିସାବ ନାହିଁ । ଟିକସ ଫାଙ୍କି ବିପୁଳ ଅର୍ଥ ଉପାର୍ଜନ କରୁଥିବା ଲୋଭୀ ଘର ମାଲିକମାନେ ଭଡ଼ାଟିଆମାନଙ୍କ ପ୍ରକୃତ ସ୍ଥିତି ବା ଅବସ୍ଥା ପ୍ରତି ଆଦୌ ଧ୍ୟାନ ନ ଦେଇ ଟିଙ୍କ ଭଳି ରକ୍ତ ଶୋଷନ୍ତି । ଏଣୁ ସରକାରୀ ସ୍ତରରେ ଏ ଦିଗ ପ୍ରତି ଆନ୍ତରିକ ଦୃଷ୍ଟି ଦିଆଯାଇ ଘର ଭଡ଼ା ପାଇଁ ଏକ ନିର୍ଦ୍ଦିଷ୍ଟ ନୀତି ଲାଗୁ କରାଇବାର ସମୟ ଆସିଛି ।

# ସ୍ୱାଭିମାନ ଅଂଚଳରେ କାର୍ଯ୍ୟ କରୁଥିବା ପଂଚାୟତ ସ୍ତରୀୟ କୃଷି କର୍ମଚାରୀଙ୍କୁ ମିଳୁନି କୋଭିଡ ଟିକା

ମାଲକାନଗିରି, ୨ ୩ ମଇ (ହି. ସ.)-ମାଲକାନଗିରି ଜିଲ୍ଲା ଚିତ୍ର କୋଣ୍ଡା ବ୍ଲକ ଅନ୍ତର୍ଗତ ସ୍ୱାଭିମାନ ଅଂଚଳ ରେ କାର୍ଯ୍ୟ କରୁଥିବା ପଂଚାୟତ ସ୍ତରିୟ କୃଷି କର୍ମଚାରୀ ମାନେ ଅନେକ ଗୁଡ଼ିଏ ଗ୍ରାମ କୁ ଯାଇ କାମ ତଦାରଖ କରିବା ସହିତ ବହୁ ଲୋକଙ୍କ ସଂସ୍ପର୍ଶ ରେ ରହି ଆ ସୁଛନ୍ତି । କିନ୍ତୁ ଦୁଖ ର ବିଷୟ ଯେ ରାଜ୍ୟ ସରକାର ପ୍ରାଣୀ ଧନ ନିରୀକ୍ଷକଓ ଅନ୍ୟାନ ବିଭାଗ କର୍ମଚାରୀମାନଙ୍କୁ କୋଭିଡ ଯୋଦ୍ଧା ଘୋଷଣା କରି ସେମାନଙ୍କୁ କୋଭିଡ ଟିକା ପ୍ରଦାନ କରାଯାଉଛି । ହେଲେ ସ୍ୱାଭିମାନ ଅଂଚଳ ରେ କାର୍ଯ୍ୟରତ କୃଷି ବିଭାଗର ର କର୍ମଚାରୀ ମାନଙ୍କୁ ଅଗ୍ରାଧିକାର ଭିତ୍ତିରେ କାହିଁକି ଟିକା ଦିଆଯାଉ ନାହି ବୋଲି ସମସ୍ତ କୃଷି କର୍ମଚାରୀ ମାନେ ଅଭିଯୋଗ କରିଛନ୍ତି ।ଆଗାମି ଦିନରେ ଆମ ସମସ୍ତ ଙ୍କୁ ଟିକା କରଣ କରାନଗଲେ ଆମେ ସ୍ୱାଭିମାନ ଅଂଚଳରେ କାମ କରିବୁ ନାହିଁ ବୋଲି କୃଷି କର୍ମଚାରୀ ମାନେ ପ୍ରକାଶ କରିଛନ୍ତି । ଏହି ଦିଗରେଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବୀ କରିଛନ୍ତି।

# ଘାଟିରେ ଗ୍ୟାସ ଟ୍ୟାଙ୍କର ଦୁର୍ଘଟଣା ଘଟଣା: ଜୟପୁର-କୋରାପୁଟ ଘାଟି ରାସ୍ତା ଖୋଲିଲା

ଜୟପୁର, ୨୪/୫ (ନି.ପ୍ର): ଜୟପୁର- କୋରାପୁଟ ଘାଟି ରାସ୍ତାରେ ଯାନ ବାହାନ ଚା। ଚଳ ସ୍ୱାଭାବିକ ହୋଇଛି । ଜୟପୁର - କୋରାପୁଟ ଘାଟିର କାଳ ଭୈରବି ମନ୍ଦିର ନିକଟରେ ଗତ ବୁଧବାର ଗ୍ୟାସ ବୋଝେଇ ଟ୍ୟାଙ୍କର ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ଏହି ଦୁର୍ଘଟଣାରେ ଡ୍ରାଇଭର ମୃତ୍ୟୁ ବରଣ କରିଥିଲେ । ଏହି ଗ୍ୟାସ ଟ୍ୟାଙ୍କରରୁ ୫ ଦିନର ଉଦ୍ୟମ ପରେ ଗ୍ୟାସ ଖାଲି କରାଯାଇଥିବା ଜଣାଯାଇଛି । ଖାଲି ଟ୍ୟାଙ୍କରକୁ ଉକ୍ତ ଗ୍ୟାସ ଖାଲି କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିବା ବେଳେ ତାହା ରବିବାର ସଫଳ ହୋଇଛି । ଘାଟିର କାଳି ଭୈରବି ମନ୍ଦିର ନିକଟରେ ଏକ ଗ୍ୟାସ ଟ୍ୟାଙ୍କର ଭାରସ୍ୟାମ ହରାଇ ୨୫ ଫୁଟ ତଳୁ ଖସିପଡିଥିଲା । ଜିଲା ପ୍ରଶାସନର ନିର୍ଦ୍ଦେଶରେ ବିଶାଖାପାଟଣାର ଏମାରଜେନ୍ସି ରେସପନସିପ ଭେଇକେଲର ବୈଷୟିକ ଟିମ ପହଂଚି ଗ୍ୟାସକୁ ଅନ୍ୟ ଏକ ଖାଲି ଟ୍ୟାଙ୍କରକୁ ସ୍ଥାନାନ୍ତର କରିବା ଆରମ୍ଭ କରିଥିଲା, ତାହା ସଫଳ ହୋଇଛି । ଗ୍ୟାସ ଟ୍ୟାଙ୍କର ଟି ଘାଟି ତଳକୁ ଖସିବା ପରେ ଏକ ବଡ ଦୁର୍ଘଟଣା ଘଟିବା ଆଶଙ୍କା ଥିଲା । ଘାଟି ତଳକୁ ଟ୍ୟାଙ୍କର ଖସିବା କ୍ଷଣି ସଙ୍ଗେ ସଙ୍ଗେ ଜୟପୁର-କୋରାପୁଟ ରାସ୍ତା ରେ ଯାନ ବାହାନ ଚଳା ଚଳ ବନ୍ଦ କରିବା ସହ ଘଟଣା ସ୍ଥଳରେ ଜିଲାପାଳ ଅବଦୁଲ୍ଲ ମହମ୍ମଦ ଆକ୍ତର, ଉପ ଜିଲାପାଳ ହେମକାନ୍ତ ସାୟ, ଏସଡିପିଓ ଅରୁପ ଅଭିଷେକ ବେହେରା, ଅଗ୍ନିଶମ ଅଧିକାରି ପ୍ରଶାନ୍ତ କୁମାର ଦାସ, ତହସିଲଦାର ପ୍ରଧାନ ଟୁଲ୍ଲି ଅମ୍ମା, ସଦର ଥାନା ଅଧିକାରୀ ଆଦିତ୍ୟ ମହାକୁଡ , ଦମକଳ, ଓଡ୍ରାଫ ଉପସ୍ଥିତ ରହି ଯୁଦ୍ଧକାଳିନି ଭିତିରେ ଗ୍ୟାସକୁ ସ୍ଥାନାନ୍ତର ଉଦ୍ୟମର ସହ ଯୋଗ କରିଥିଲେ । ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଛି । ଶନିବାର ମଧ୍ୟ ୨ଟି ୧୦ ଚକିଆ ଟ୍ରକ ଦୁର୍ଘଟଣା ଘଟିଥିଲା । ତେଣୁ ପ୍ରଶାସନ ତରଫରୁ ତୁରନ୍ତ ପଦେକ୍ଷପ ନିଆଯାଉ । ଉକ୍ତ ସ୍ଥାନରେ ଯେପରି ଦୁର୍ଘଟଣା ନ ଘଟିବ ସେଥି ପାଇଁ ତତ୍ପର ହେବାକୁ ଜିଲାବାସୀ ଦାବି କରିଛନ୍ତି ।

# କରୋନା ସଂକ୍ରମିତ ଅଂଚଳରେ ପଂହଚୁ ନାହାନ୍ତି ସ୍ୱାସ୍ଥ୍ୟ କର୍ମୀ: ଖୁଲମଖୁଲା ବୁଲୁଛନ୍ତି ସଂକ୍ରମିତ

ଧର୍ମଶାଳା, ୨୪/୫ (ନି.ପ୍ର): ଜିଲାରେ କରୋନା ସଂକ୍ରମଣଙ୍କ ସଂଖ୍ୟାରେ ରୋକ ଲାଗୁ ନାହିଁ । ସଟ୍ ଡାଉନ ସତ୍ୱେ କରୋନା ବୃଦ୍ଧିରେ ବ୍ରେକ୍ ଲାଗି ପାରୁନାହିଁ । ଫଳରେ ଜିଲା ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି । ଅଧିକରୁ ଅଧିକ ସ୍ୱାବ୍ ଟେଷ୍ଟ ହୋଇପାରୁ ନଥିବା ବେଳେ ଭ୍ୟାକସିନ ଅଭାବରୁ ମଧ୍ୟ ଲୋକଙ୍କ ପାଖରେ ପଂହଚି ପାରୁନି ।ପ୍ରଶାସନର କାର୍ଯ୍ୟ ଅବହେଳାରୁ ଏହାର ସଫଳ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି । କାଁ ଭାଁ ଯେଉଁଠି ସ୍ୱାବ୍ ଟେଷ୍ଟ ହେଉଛି ଅଧାରୁ ଅଧିକ କରୋନା ପଜିଟିଭ କେସ୍ ଆସୁଛି । ପଜିଟିଭଙ୍କୁ ହୋମ ଆଇସୋଲେସନରେ ରହିବାକୁ ପରାମର୍ଶ ଦିଆଯାଉଛି । ହେଲେ ସେମାନଙ୍କ ଗତି ବିଧିକୁ ଲକ୍ଷ କରିବା ପାଇଁ ଆଶା,ଓ ଅଙ୍ଗନବାଡି କର୍ମୀମାନଙ୍କୁ ପରାମର୍ଶ ଦିଆଯାଇଛି । ହେଲେ ସେମାନେ ସଂକ୍ରମିତ ଅଂଚଳକୁ ଅଣ ଦେଖା କରୁଥିବା ନେଇ ଅଭିଯୋଗ ହୋଇଛି । ଫଳରେ ସଂକ୍ରମିତଙ୍କ ସଂଖ୍ୟା ବଢିବା ଫଳରେ ପଡୋଶୀମାନେ ଭୟ ଭିତ ହେବା ସହ ଚିନ୍ତାରେ ପଡିଛନ୍ତି । ଏଭଳି ଅଭିଯୋଗ ହୋଇଛି ଧର୍ମଶାଳା ବ୍ଲକ କୋତପୁର ପଂଚାୟତରେ । ଏହି ପଂହଚାୟତର କୋତପୁର, ସାନରାଏପଡା ଓ ନୂଆଁଗାଁରେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ହୋମ ଆଇସୋଲେସନରେ ରହୁଛନ୍ତି । ହେଲେ ସେମାନଙ୍କ ଗତି ବିଧିକୁ ଜିଲା ପ୍ରଶାସନ ଅଣଦେଖା କରୁଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନ କରିବା, ଅଂଚଳକୁ ସାନିଟାଇଜେସନ ନ କରିବା ନେଇ ଅଂଚଳବାସୀ ଚିନ୍ତାରେ ଅଛନ୍ତି । ଏହି ପରିସ୍ଥିତିରେ ଗ୍ରାମବାସୀମାନେ ଆତଙ୍କିତ ହେବା ସହ ଭାଗ୍ୟ ଉପରେ ନିର୍ଭର କରୁଛନ୍ତି । ଗ୍ରାମଗୁଡିକୁ ବିଶୋଧନ କରଣ ଓ ରୋଗୀମାନଙ୍କୁ ଆଶ୍ୟକୀୟ ଔଷଧ ଓ ପରାମର୍ଶ ଯୋଗାଇ ଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି ।

# କଣାସ ସାମ୍ବାଦିକ ସଂଘ ପକ୍ଷରୁ ପୋଲିସ୍‌ର କାର୍ଯ୍ୟକଳାପକୁ ନିନ୍ଦା

କଣାସ, ୨୪/୫ (ନି.ପ୍ର): ପୁରୀରେ ସାମ୍ବାଦିକଙ୍କ ଉପରେ ପୋଲିସର ବର୍ବୋରଚିତ ଆକ୍ରମଣ ଘଟଣା ରାଜ୍ୟର ସମସ୍ତ ସାମ୍ବାଦିକମାନଙ୍କୁ ବ୍ୟଥିତ କରିଛି । ଜଣେ ସାମ୍ବାଦିକ କୋଭିଡକୁ ଭୟ ନ କରି ନିରବିଛିନ୍ନ ଭାବେ ଜୀବନକୁ ବିପନ୍ନ କରି କାର୍ଯ୍ୟକରୁଥିବା ବେଳେ ପୁରୀ ପୋଲିସ୍ ଅଧିକାରୀମାନେ ତାଙ୍କୁ ମାଡମାରି ଲହୁଲୁହାଣ କରିଦେଇଥିବାରୁ କଣାସ ସାମ୍ବାଦିକ ସଂଘ ପକ୍ଷରୁ ଆଜି ଏନେଇ ନିନ୍ଦା ପ୍ରସ୍ତାବ ଆଗତ କରାଯାଇଥିଲା । ବରିଷ୍ଠ ସାମ୍ବାଦିକ କୃପାସିନ୍ଧୁ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ ସାମ୍ବାଦିକ ବିଭୂତି ଭୂଷଣ ତ୍ରିପାଠୀ, ସମୀରକେଶର ବଳିୟାରସିଂହ, ଶ୍ରୀକାନ୍ତ ପଟ୍ଟଯୋଷୀ, ହେମନ୍ତ କୁମାର ସାହୁ, ହେମନ୍ତ କୁମାର ମହାରଥୀ, ବିଜୟ କୁମାର ତ୍ରିପାଠୀ, ବିଦ୍ୟାଧର ପରିଡା ପ୍ରମୁଖ ଉପସ୍ଥିତ ରହି ତୁରନ୍ତ ସାମ୍ବାଦିକଙ୍କୁ ମାଡ ମାରିଥିବା ପୋଲିସ୍ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ଏସ୍.ପି ତଦନ୍ତ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଳମ୍ବ କରୁଥିବାରୁ ସାମ୍ବାଦିକମାନେ ଅସନ୍ତୋଷ ପ୍ରକାଶ କରିଥିଲେ ।

# କରୋନା ଟିକା ନେବାପାଇଁ ଲମ୍ବା ଧାଡି

କେନ୍ଦ୍ରାପଡ଼ା, ୨୪/୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ କୋଭିଡ-୧୯ କରୋନା ମହାମାରୀ ଯୋଗୁ ସାଧାରଣ ଲୋକ ଭୟଭୀତ ହୋଇ କରୋନା ଟୀକା ନେବାପାଇଁ ଘଣ୍ଟା ଘଣ୍ଟା ଧରି ଲାଇନରେ ଛିଡା ହୋଇଥିବାର ଦେଖିବାକୁ ମିଳୁଛି । ଜିଲ୍ଲାରେ ୨ଲକ୍ଷ ୧୦ ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତି ଟୀକା ନେଇଛନ୍ତି । ଏମାନଙ୍କ ମଧ୍ୟରୁ ୪୫ ବର୍ଷରୁ ଉର୍ଦ୍ଧ୍ୱ ଓ ବରିଷ୍ଠ ନାଗରିକ ଅନ୍ତର୍ଭୁକ୍ତ ଥିବାବେଳେ, ସ୍ୱାସ୍ଥ୍ୟକର୍ମୀ, ସରକାରୀ କର୍ମଚାରୀ ଓ ଅନ୍ୟାନ୍ୟ ବ୍ୟକ୍ତିମାନେ ଟୀକା ନେଇ ସାରିଛନ୍ତି । ଏବଂ ୧୮ବର୍ଷରୁ ଉର୍ଦ୍ଧ୍ୱ ଯୁବକ ଯୁବତୀ ଓ ଛାତ୍ରଛାତ୍ରୀ ମାନେ ଟୀକା ନେବାପାଇଁ ଅନଲାନ ମାଧ୍ୟରେ ନାମ ପଞ୍ଜିକରଣ କରୁଥିବା ଜଣାପଡିଛି ନା ଖୁବ୍ ଶିଘ୍ର ଏମାନଙ୍କୁ ଟୀକା ପ୍ରଦାନ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି ।

# କେନ୍ଦ୍ରାପଡା ମହାବିଦ୍ୟାଳୟରେ ୱେବିନାର ମାଧ୍ୟମରେ କରୋନା ସଚେତନତା

କେନ୍ଦ୍ରାପଡ଼ା, ୨୪/୫ (ନି.ପ୍ର): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ କରୋନା ଦ୍ୱିତୀୟ ଲହର ସଚେତନତା ଆଲୋଚନା ଚକ୍ର ୱେବିନାର ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଡ଼ଃ ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଜାତୀୟ ସେବା ପୋଗ୍ରାମ ଅଫିସର ପ୍ରଫେସର ପ୍ରମୋଦ କୁମାର ବେହେରା ଏହି କାର୍ଯ୍ୟକ୍ରମରେ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟକ୍ଷ ଶ୍ରୀ ତ୍ରିପାଠୀ କୋଭିଡ ୧୯ କରୋନା ମହାମାରୀର ଭୟାବହତା ସଂପର୍କରେ ମନ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା, ଓୟୁଏଟି ର ଜାତୀୟ ସେବା ଯୋଜନା ତାଲିମ ପ୍ରଶିକ୍ଷକ ନିରଦ ବରଣ ଖୁଣ୍ଟିଆ, ସ୍ୱାସ୍ଥ୍ୟ ଓ କଲ୍ୟାଣ ବିଭାଗ ର ଡ଼ଃ ହର ପ୍ରସନ୍ନ ତ୍ରିପାଠୀ, ଡ଼ଃ ପଦ୍ମଜାକବି ଶତପଥୀ, ପ୍ରଫେସର ପ୍ରଦିପ ରାଉତ ପ୍ରମୁଖ ଯୋଗ ଦେଇ କରୋନା ମହାମାରୀ ରୁ ରକ୍ଷା ପାଇବାର ବିଭିନ୍ନ ନୀତି ନିୟମ ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟଙ୍କ ସହ ବହୁ ବୁଦ୍ଧିଜୀବି ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଫେସର ପ୍ରଭାକର ମଲିକ, ପ୍ରଫେସର ଜ୍ଞାନେନ୍ଦ୍ର ଦାସ, ପ୍ରଫେସର ରଞ୍ଜିତ କୁମାର ଦାସ ଉପସ୍ଥିତ ଥିବା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା କୋଭିଡ ହସପିଟାଲ ପରିଦର୍ଶନ କଲେ ଜିଲ୍ଲାପାଳ

ଜୟପୁର, ୨୪/୫ (ନି.ପ୍ର): ଜୟପୁର ସ୍ଥିତ ଜିଲା କୋଭିଡ ହସପିଟାଲକୁ ଜିଲାପାଳ ପରିଦର୍ଶନ କରିଛନ୍ତି । ଜିଲାପାଳ ଅବଦୁଲ ମହମ୍ମହ ଅଖତାର ପରିଦର୍ଶନ କରି ରୋଗୀଙ୍କୁ କିପରି ଚିକିତ୍ସା କରାଯାଉଛି, ଅକ୍ସିଜେନ, ଖାଇବା ପିଇବା ସହ ସୁବିଧା , ଅସୁବିଧା ସମ୍ପର୍କରେ କୋଭିଡ ହସପିଟାଲର ଇନଚାର୍ଚ୍ଚ ଓ ଡାକ୍ତରଙ୍କୁ ପଚାରି ବୁଝି ସମୀକ୍ଷା କରିଥିଲେ । ଜିଲାପାଳ ଅଖତାରଙ୍କ ସହ ଉପ ଜିଲାପାଳ ହେମ କାନ୍ତ ସାୟ, ଜିଲା ମୁଖ୍ୟ ଚିକିତ୍ସାଧିକାରି ମକରନ୍ଦ ବେଉରା, ସ୍ୱାସ୍ଥ୍ୟ ଅଧିକାରି ଅରୁଣ ପାଢୀ, ଏସଡିପିଓ ଅରୁପ ଅଭିଷେକ ବେହେରା, ଟାଉନ ଥାନା ଅଧିକାରି ସଞ୍ଜୟ କୁମାର ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ । କୋରନାରେ ପିଡିତ ଗୁରୁତର ରୋଗୀଙ୍କୁ ଚିକିତ୍ସା ପାଇଁ ଜୟପୁର ଗ୍ଲୋବାଲ ହସପିଟାରେ ବ୍ୟବସ୍ଥା କରି ଚିକିତ୍ସା କରିବା ପାଇଁ ସ୍ୱାସ୍ଥ୍ୟ ସଚିବ ଓ ଜିଲାପାଳଙ୍କ ନିକଟରେ ଦାବୀ କରିଥିଲେ । ଏନେଇ ଜିଲାପାଳ ଅଖତାର ଜୟପୁର ସ୍ଥିତ ଗ୍ଲୋବାଲ ହସପିଟାଲ ମଧ୍ୟ ପରିଦର୍ଶନ କରି ଫେରିଛନ୍ତି ।

# ଦୟା ନଦୀବନ୍ଧ କଂକ୍ରିଟ ରାସ୍ତା ଫାଟି ଦୁଇ ଫାଳ

କଣାସ, ୨୪/୫ (ନି.ପ୍ର): କେନ୍ଦ୍ର ଓ ରାଜ୍ୟ ସରକାର ରାଜ୍ୟର ପ୍ରଗତି ପାଇଁ ରାସ୍ତାଘାଟ ନିର୍ମାଣ ଉପରେ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ରାସ୍ତାଘାଟ ନିର୍ମାଣ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଖାମଖିଆଲ ନୀତି ଯୋଗୁଁ ଆଜି ପୁରୀ ଜିଲ୍ଲାର ଚିଲିକା ଉପକୂଳରେ ଅବସ୍ଥାପିତ କଣାସ ବ୍ଲକର ରାସ୍ତାଘାଟ ଅବସ୍ଥା ଶୋଚନୀୟ ହୋଇପଡିଛି । ଏପରିକି ବନ୍ୟା ଦାଉରୁ ରକ୍ଷାକରିବା ପାଇଁ ଥିବା ଦୟା ନଦୀବନ୍ଧର ଅବସ୍ଥା କହିଲେ ନ ସରେ । ନଦୀବନ୍ଧ କଣାସ ଠାରୁ ଦୟାନଦୀ ବନ୍ଧ ବାମପାର୍ଶ୍ୱ ଜଙ୍କିଆ ପର୍ଯ୍ୟନ୍ତ ହୋଇଥିବା କଂକ୍ରିଟି ଫାଟି ଦୁଇଫାଳ । ପୁନଶ୍ଚ ମରାମତି ପାଇଁ ବାରମ୍ବାର ଦାବି ହେବାରୁ ସେହି ଫାଟ ଗୁଡିକରେ ପିଚୁ ଭର୍ତ୍ତି କରିଦିଆଯାଇଥିଲା । ପିଚୁଗୁଡିକ ଫାଟରେ ଗଳି ପୂର୍ବ ଅବସ୍ଥାକୁ ରାସ୍ତା ଫେରିଆସିଛି । ସେହିପରି କଣାସ ଠାରୁ ଭାଟପଡା ପର୍ଯ୍ୟନ୍ତ ଦୟାନଦୀ ବନ୍ଧ କଂକ୍ରିଟ ରାସ୍ତା ଫାଟି ଦୁଇଫାଳ । ବନ୍ଧର ଅବସ୍ଥା କହିଲେ ନ ସରେ । ନଦୀବନ୍ଧ ଦୁର୍ବଳ ହୋଇପଡିଥିବାରୁ ଗତବର୍ଷ ବନ୍ୟାରେ ଆଂଚଳିକ କୁଞ୍ଜେଶ୍ୱରୀ ସଂସ୍କୃତିକ ପରିଷଦ ନିକଟରେ ନଦୀବନ୍ଧରେ ବଡବଡ ଗଳିହା ପଡି ଜିଲ୍ଲା ପ୍ରଶାସନର ନିଦ ହଜାଇଦେଇଥିଲା । ଏପରିକି, ଜିଲ୍ଲାପାଳ ଓ ଏସ୍.ପି. ଗଳିଆ ସ୍ଥାନରେ ଜଗି ରହିଥିଲେ । କଣାସ ଅଂଚଳର ଜନସାଧାରଣଙ୍କ ନିଦ ହଜିଯାଇଥିଲା । ବନ୍ୟାପରେ ପ୍ରଶାସନିକ ଅଧିକାରୀମାନେ ସେଥିପ୍ରତି ନଜର ଦେଇ ନ ଥିବାରୁ ଆଗାମୀ ବନ୍ୟାରେ ନଦୀବନ୍ଧ ଯେ ନ ଭୁଷୁଡିବ ତାହା କିଏ କହିବ । ଏ ସମ୍ପର୍କରେ କଣାସ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ମକରା ବେହେରାଙ୍କୁ ପଚାରିବାରୁ ସେ କୁହନ୍ତି, ଲୋକମାନେ କଥା ମାନୁ ନ ଥିବାରୁ ଦଶଚକିଆ, ବାରଚକିଆ, ଷୋହଳ ଚକିଆ, ଅଠର ଚକିଆ ଭାରିଯାନ ବନ୍ଧ ଉପରେ ନେଉଥିବାରୁ ନଦୀବନ୍ଧ ଫାଟିଯାଉଛି, ଆମେ ବା କ'ଣ କରିବୁ । ଜିଲ୍ଲାପାଳ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବିହେଉଛି ।

# ୧୪ ବର୍ଷ ହେଲାଣି ୩ ଶହ କୋଟି ଟଙ୍କାର ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇନି

## ଜଳ ଭଣ୍ଡାରରେ ମଲା ଗାଈ, କୁକୁର ଭାସୁଛନ୍ତି : ସହର ସାରା ପାଇପ୍ ପଡି ରହିଛି

ପୁରୀ, ୨୪/୫ (ନି.ପ୍ର): ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଐତିହ୍ୟ, ପର୍ଯ୍ୟଟନ ଓ ତୀର୍ଥକ୍ଷେତ୍ର ପୁରୀରେ ପାନୀୟ ଜଳ ଯୋଗାଇବା ପାଇଁ ଜବାହାରଲାଲ ନେହେରୁ ନ୍ୟାସନାଲ ଅର୍ବାହ ରିନ୍ୟୁଆଲ ମିଶନ (ଜେଏନଏନୟୁଆରଏମ) ଯୋଜାନାରେ କେନ୍ଦ୍ର ସରକାର ୩ ଶହ କୋଟି ଟଙ୍କା ମଞ୍ଜୁର କରିଥିଲେ । ୨୦୦୭ ମସିହାରୁ ଏହି ଯୋଜନା ଆରମ୍ଭ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଶେଷ ହୋଇପାରୁନି । ସହରର ପ୍ରତି ଘରକୁ ଶୁଦ୍ଧ, ନିର୍ମଳ ଓ ଜୀବାଣୁ ମୁକ୍ତ ପାନୀୟ ଜଳ ଯୋଗାଇବା ପାଇଁ ଏହି ବ୍ୟବସ୍ଥା ହୋଇଥିଲା । ସେଥିପାଇଁ ମଙ୍ଗଳାଘାଟ ନଦୀ ନିକଟ ସମଙ୍ଗ ମୌଜାରେ ଜଳ ଭଣ୍ଡାର ନିର୍ମିତ ହେବ ସହ ଗୃହ ନିର୍ମାଣ ହୋଇ କୋଟି କୋଟି ଟଙ୍କାର ଯନ୍ତ୍ରାଂଶ ପଡିରହିଛି । ୧୦ ବର୍ଷ ପରେ ପୁରୀ ସହରରେ ମଧୁର ଜଳ ମିଳିବା କଷ୍ଟ ହୋଇପଡିବ ବୋଲି ପରିବେଶବିତ୍ କହିଛନ୍ତି । ତାଳବଣିଆ ଓ ବଳିଆପଣ୍ଡା ମଧୁର ଜଳ ସଂରକ୍ଷିତ ଅଂଚଳ ଏବେ ମାଫିଆଙ୍କ କବଜାରେ । ଜବରଦଖଲ, କୋଠା ନିର୍ମାଣ ଯୋଗୁଁ ଭୂତଳ ଜଳ ସଂରକ୍ଷଣ କମୁଛି । ୨୦୪୦ ମସିହାକୁ ବେଳକୁ ପିଇବା ପାଣିର ଉତ୍କଟ ସମସ୍ୟା ଦେଖାଦେବ । ସମଙ୍ଗ ଜଳଭଣ୍ଡାରରେ ଏବେ ମଲା ଗାଈ, କୁକୁର ଓ ଅଳିଆ ଆବର୍ଜନା ପଡିରହୁଛି । ଯାହା ଫଳରେ ଜଳଭଣ୍ଡାର ପାଣି ପ୍ରଦୂଷିତ ହେଉଛି । ଏହା ସହ ପୁରୀ ସହରର ବଳିଆପଣ୍ଡା ଓ ତାଳବଣିଆ ଅଂଚଳରେ ଅତ୍ୟଧିକ ଗୃହ ନିର୍ମାଣ, ଫ୍ଲାଟ ନିର୍ମାଣ, ହୋଟେଲ, ଆପାର୍ଟମେଂଟ ନିର୍ମାଣ ବଢି ଚାଲିଛି । ସେମାନେ ବୋରିଂ, ଟ୍ୟୁବୱେଲ ଓ ମୋଟର ଯୋଗେ ଭୂତଳ ଜଳ ଶୋଷୁଥିବାରୁ ଭୂତଳ ଜଳ କମିବାରେ ଲାଗିଛି । ପୁରୀ ସହରରେ ବର୍ଷକୁ ପ୍ରାୟ ୧୩୭୨ ମିଲିଲିଟର ବର୍ଷା ହେଉଛି । ବର୍ଷାପାଣି ସଂରକ୍ଷଣ ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ସେହି ପାଣି ସମୁଦ୍ରରେ ମିଶି ଲବଣାକ୍ତ ହେଉଛି । ପ୍ରତିଦିନ ପୁରୀ ସହରକୁ ୩୨ ମିଲିୟନ ଲିଟର ଜଳ ଆବଶ୍ୟକ ହେଉଛି । ଜଳସ୍ତର କମିବା ଯୋଗୁଁ ଏହି ପାନୀୟ ଜଳ ଯୋଗାଇବା କଷ୍ଟସାଧ ହେଲାଣି । ପୁରୀ ସଦରବ୍ଲକ ଗବକୁଣ୍ଡଠାରେ ବ୍ୟାରେଜ୍ ନିର୍ମାଣ କରାଯାଇ ଭାର୍ଗବୀ ନଦୀର ଜଳକୁ ଗବକୁଣ୍ଡ କଟ୍ ଦେଇ ଧାଉଡିଆ କାଠପୋଲ ଦେଇ ସମଙ୍ଗ ମୌଜା ଜଳଭଣ୍ଡାରକୁ ପାଣି ଆସୁଛି । ଏହି ଯୋଜାନା ୨୦୦୭ରୁ ଆରମ୍ଭ ହୋଇ ୨୦୧୨ରେ ଶେଷ ହେବା କଥା । କିନ୍ତୁ ତାହା ହୋଇନପାରିବାରୁ ନବକଳେବର ସମୟରେ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ମାଷ୍କଟ ଯୋଜନାରେ ସାମିଲ କରାଯାଇଥିଲା । ସମଗ୍ର ଭାରତବର୍ଷର ୬୩ଟି ସହରକୁ ଏହି ଯୋଜନାରେ ସାମିଲ କରାଯାଇଥିଲା । ଓଡିଶାର ପୁରୀ ଓ ଭୁବନେଶ୍ୱର ଏହି ଯୋଜାନାରେ ଅନ୍ତର୍ଭୁକ୍ତ ହୋଇଥିଲା । ନଗର ନବୀକରଣ ଯୋଜନାରେ ବିଚ୍ୟୁତ ନହୋଇ ଶ୍ରୀଜଗନ୍ନାଥ ନବକଳେବର ପରିପ୍ରେକ୍ଷୀରେ କେବଳ ଓଡିଶାରେ ଏହି ଯୋଜନାରେ ପରିବର୍ତ୍ତିତ କରାଯାଇଥିଲା । ଜାତୀୟ ଯୋଜନା ଓ ନବକଳେବର ଯୋଜନା ମିଶି ଡବଲ ଅଣ୍ଡା ମାଡପରି ଯୋଜନା ହୋଇ ମଧ୍ୟ ଫଳଶୂନ୍ୟ ଅବସ୍ଥାରେ ଅଛି । ନବକଳେବର ସମୟରେ ଏହି ଯୋଜନାକୁ ତଦାରଖ କରିବା ପାଇଁ ପୁରୀ ପ୍ରାକ୍ତନ ବିଧାୟକ ତଥା ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କୁ ରାଜ୍ୟ କ୍ୟାବିନେଟ୍ ପାହ୍ୟା ସମତୁଲ୍ୟ ପଦବୀ ମିଳିଥିଲା । ହେଲେ ୩ ଶହ କୋଟି ଟଙ୍କାର ଏହି ଯୋଜନା ପାଣି ଫୋଟକା ପରି ମିଳେଇ ଯାଇଥିଲା । ଏହି ଯୋଜନାରେ ତାଳବଣିଆ ମଧୁର ଜଳ ଅଂଚଳରେ ଗୋଦରା କୋଡେ ଯେତେ ମାଡଇ ସେତେ ନ୍ୟାୟରେ ଉପ ଠିକାଦାରମାନେ ଅର୍ଥକୁ ହରିଲୁଟ୍ କରିଥିବା ଅଭିଯୋଗ ହୋଇଥିଲା । ସେଠାରେ ଖୋଳାଯାଇଥିବା ପୋଖରୀ ଦ୍ୱାରା ଏବେ ଜଳ ସଂରକ୍ଷଣ କରାଯାଉଥିଲେ ମଧ୍ୟ ଖରାଦିନେ ପୋଖରୀ ଭିତରେ ବସ୍ତିପିଲା କ୍ରିକେଟ ଖେଳୁଥିବା ଦେଖିବାକୁ ମିଳୁଛି । ନଗର ନବୀକରଣ ଯୋଜନାରେ ପୁରୀର ସାଢେ ୩ ଲକ୍ଷ ଲୋକଙ୍କୁ ପାନୀୟ ଜଳ ଦେବା ଯୋଜନା କେବଳ କାଗଜପତ୍ରରେ ସୀମିତ ରହିଛି । ଏହି ସମସ୍ୟାକୁ ନେଇ ସହର ଏବଂ ରାଜ୍ୟରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ବରିଷ୍ଠ କବି, ରାଜନେତା ତଥା ପ୍ରାକ୍ତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶଙ୍କର୍ଷଣ ପରିଡା ମତ ଦେଇଛନ୍ତି । ଶ୍ରୀ ପରିଡା କହିଛନ୍ତି ପୁରୀ ସହରର ଉନ୍ନତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅର୍ଥର ଅମାର ସିନ୍ଧୁକ ଖୋଲି ଦେଇଥିଲେ ମଧ୍ୟ ନଗର ନବୀକରଣ ସ୍ୱପ୍ନରେ ରହିଛି । ପୁରୀର ସମର୍ଥ ଓ କ୍ରିୟାଶୀଳ ଯୁବ ଜିଲ୍ଲାପାଳ ସମର୍ଥ ବର୍ମା ସମ୍ପୃକ୍ତ ପ୍ରକଳ୍ପର କାର୍ଯ୍ୟ ଉନ୍ନୟନ ଦିଗରେ ଦୃଷ୍ଟି ଦେବା ପାଇଁ ଶ୍ରୀ ପରିଡା ଦାବି କରିଛନ୍ତି ।

# ସମ୍ଭାବ୍ୟ ବାତ୍ୟା ୟାସ୍‌କୁ ନେଇ କଣାସ ଅଂଚଳର ଜନସାଧାରଣ ଭୟଭୀତ

କଣାସ, ୨୪/୫ (ନି.ପ୍ର): ୧୯୯୯ ମସିହା ମହାବାତ୍ୟା ଏବଂ ୨୦୧୯ ମସିହା ସାମୁଦ୍ରିକ ଝଡ଼ ଫନିର ତାଣ୍ଡବଲୀଳା କଣାସ ଅଂଚଳର ଜନସାଧାରଣ ମନରୁ ଏଯାଏଁ ପାସୋରି ନଥିବା ବେଳେ ସମ୍ଭାବ୍ୟ ୟାସ୍ ସାମୁଦ୍ରିକ ଝଡ଼ ବାତ୍ୟାକୁ ନେଇ ଲୋକେ ଭୟ ଓ ଆଶଙ୍କା ମଧ୍ୟରେ କାଳାତିପାତ କରୁଛନ୍ତି। ଏହି ସାମୁଦ୍ରିକ ଝଡ଼ ଆସନ୍ତା ୨୬ ତାରିଖ ଦିନ ଓଡ଼ିଶା ଉପକୂଳ ଅତିକ୍ରମ କରିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ବାତ୍ୟାର ମୁକାବିଲା ପାଇଁ ଜିଲ୍ଲା ଓ ବ୍ଲକ ପ୍ରଶାସନ ତରଫରୁ ସଜାଗ ହେବା ଦେଖି କଣାସ ଅଂଚଳର ଜନସାଧାରଣଙ୍କ ମନରେ କୋକୁଆଭୟ ସୃଷ୍ଟି ହୋଇଛି । କଣାସ ବ୍ଲକ ପୁରୀ ଜିଲ୍ଲାର ସର୍ବାଧିକ ତଳୁଆ ଅଂଚଳ ଓ ଚିଲିକା ଉପକୂଳରେ ଅବସ୍ଥାପତି ହୋଇଥିବାରୁ ବାତ୍ୟା ଆଶଙ୍କା ଲୋକମାନଙ୍କୁ ଭୟଭିତ କରାଉଛି । ୨୦୧୯ ମସିହା ମଇ ମାସ ୩ ତାରିଖ ଦିନ ସାମୁଦ୍ରିକ ଝଡ଼ ଫନିରେ କଣାସ ବ୍ଲକର ହଜାର ହଜାର ଗରିବ ଲୋକମାନଙ୍କ ଚାଳ ଛପର ଓ ଆଜବେଷ୍ଟସ୍ ଗୃହ ଧରାସାୟୀ ହୋଇଯାଇଥିଲେ ମଧ୍ୟ ଅଦ୍ୟାବଧି ବହୁ ଗରିବଲୋକ ପଲିଥିନି ତଳେ ଆଶ୍ରୟ ନେଇଛନ୍ତି । ୟାସ୍ ଝଡ ଆସିବା ଶୁଣି ସେମାନଙ୍କ ମନରେ ହରସ ନାହିଁ । ଏପରି ସ୍ଥିତିରେ ଏକମାତ୍ର ଜଗନ୍ନାଥ ହିଁ ଭରଷା ସମସ୍ତଙ୍କ ମୁହଁରୁ ଶୁଣାଯାଉଛି ।

## ଯୋଗ ପ୍ରୟୋଗ କାନ୍ଧ ଓ ବେକକୁ ଆରାମ

ନିତମ୍ବାସ୍ଥି ସହିତ କାନ୍ଧର ଅସ୍ଥି ଶରୀରର ମଧ୍ୟଭାଗକୁ ସୁଦୃଢ଼ କରିଛି । ସମଗ୍ର ଶରୀରର ସଞ୍ଚାଳନରେ ଏହି ଦୁଇଟି ଅସ୍ଥି ସଂରଚନାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଛିଡା ହୋଇ କିମ୍ବା ବସିକରି ଦୀର୍ଘସମୟ କାମ କଲେ କାନ୍ଧ ଓ ବେକରେ ଯନ୍ତ୍ରଣା ହୋଇଥାଏ । ଏହାକୁ ସୁସ୍ଥ ରଖିବା ଲାଗି ଷ୍ଟ୍ରେଚିଂର ଏକ ସହଜ ଉପାୟ -

**ପ୍ରକ୍ରିୟା :**



- ଏକ ଶକ୍ତ ଝରକା ରେଲିଂ ପାଖରେ ପାହାଡ ଚଢିବାରେ ବ୍ୟବହାର ହେଉଥିବା ଦୁଇଟି ସମାନ ଲମ୍ବାର ଦଉଡି ଧରି ବସନ୍ତୁ ।
- ଭୂମିଠାରୁ ୩-୪ ଫୁଟ୍ ଉପରେ ଝରକା ରେଲିଂରେ ୧ ଫୁଟ୍ ବ୍ୟବଧାନ ରଖି ଦଉଡି ଦୁଇଟିକୁ ବାନ୍ଧିଦେବେ । ଏହାର ଦୁଇମୁଣ୍ଡ ରେଲିଂରେ ବନ୍ଧା ହେବା ସହ ନିମ୍ନଭାଗ ଦେଳି ପରି ରହିଥିବା ଜରୁରୀ ।
- ତଳେ ଏକ ମୋଟା ଚାଦର ବିଛାଇ ଏହାର ଉପରେ ଆଣ୍ଠୁମାଡି କାନ୍ଥ ଆଡକୁ ପିଠି କରି ବସନ୍ତୁ, ଯେପରିକି ନିତମ୍ବ ତଳେ ଗୋଇଠି ରହୁଥିବ ।
- ଏବେ ହତଦୁଇଟି ପଛକୁ ନେଇ ପଛରେ ଥିବା ଦଉଡିକୁ ଧରିବେ ।



- ପାଦ ପଛକୁ ଘୁଞ୍ଚାଇ କାନ୍ଥରେ ଲଗାଇବା ସହ ଦୁଇପାଦ ମଧ୍ୟରେ ୬ ଇଞ୍ଚ ଦୂରତା ରଖିବେ ।
- ଏବେ ଶରୀରକୁ ସଳଖ କରି ଦଉଡିକୁ ଭିଡି ଧରି ମୁଣ୍ଡ କାନ୍ଥ ଠାରୁ ଦୂରକୁ ଟାଣି ଧରିବାର ଚେଷ୍ଟା କରନ୍ତୁ ।
- ଆଣ୍ଠୁ ଯଥାସ୍ଥାନରେ ରହିବା ସହ ଧୀରେଧୀରେ ଶରୀରକୁ ତଳକୁ ନୁଆଁଇବା ସହିତ ତଳିପେଟ ଭୂମିରେ ଲଗାଇବେ ଏବଂ ମୁଣ୍ଡ ଓ ଛାତି ଉପରକୁ କରି ଷ୍ଟ୍ରେଚିଂ ସ୍ଥିତିରେ ରହିବେ ।
- ୨୦-୩୦ ସେକେଣ୍ଡ ଏପରି ରହିବା ପରେ ଧୀରେଧୀରେ ନିତମ୍ବ ଉଠାଇ ଆଣିବେ ଏବଂ ଦଉଡିକୁ ଛାଡି ଆରାମ ସ୍ଥିତିରେ ବସିବେ ।
- କିଛି ସମୟ ବିଶ୍ରାମ ପରେ ଏହାର ଦୁଇ-ତିନିଥର ପୁନରାବୃତ୍ତି କରିବା ଉଚିତ ।

## ମଙ୍ଗଳରେ 'ମାର୍ସକ୍ୱେକ୍'



ମଙ୍ଗଳ ଗ୍ରହରେ ବି ଭୂମିକମ୍ପ ପରି କମ୍ପନ ସୃଷ୍ଟି ହେଉଛି । ଏହାକୁ ବୈଜ୍ଞାନିକମାନେ 'ମାର୍ସକ୍ୱେକ୍' ବୋଲି କହିଛନ୍ତି । ନାସାର ଇନ୍‌ସାଇଟ୍ ଲ୍ୟାଣ୍ଡର ମଙ୍ଗଳ ପୃଷ୍ଠରେ ଏପରି ଶତାଧିକ କମ୍ପନ ହେଉଥିବା ଠାବ କରିଛି । ଅବଶ୍ୟ ଏହାର ତୀବ୍ରତା ସେତେ ଅଧିକ ନୁହେଁ । ନେଚର ଜିଓ ସାଇନ୍ସ ଏବଂ ନେଚର କମ୍ୟୁନିକେସନ୍‌ସରେ ଏ ସଂକ୍ରାନ୍ତ ରିପୋର୍ଟ ପ୍ରକାଶ ପାଇଛି । ୨୦୧୮ ରେ ସୁପରସୋନିକ ପାରାଶୁଟ୍ ଜରିଆରେ ଇନ୍‌ସାଇଟ ଲ୍ୟାଣ୍ଡର ମଙ୍ଗଳ ପୃଷ୍ଠରେ ଓହ୍ଲାଇଥିଲା । ୨୦୧୯ ଏପ୍ରିଲରେ ଏହା ପ୍ରଥମ 'ମାର୍ସକ୍ୱେକ୍' ଠାବ କରିଥିଲା । ତେବେ ପୃଥିବୀରେ ଏଭଳି କମ୍ପନ ହେଲେ ଏହା ଜଣାପଡିବ ନାହିଁ । ପୃଥିବୀ ପରି ମଙ୍ଗଳ ଗ୍ରହର ଅଭ୍ୟନ୍ତର ଏବେ ଥଣ୍ଡା ହେବାର ପ୍ରକ୍ରିୟା ଜାରି ରହିଥିବା ଯୋଗୁ ଏପରି କମ୍ପନ ସୃଷ୍ଟି ହେଉଥିବା ବୈଜ୍ଞାନିକମାନେ ଜଣାଇଛନ୍ତି ।

## ଅତ୍ୟାଧୁନିକ ବାଇଓନିକ୍ ଚେୟାର୍

ବ୍ୟସ୍ତବହୁଳ ଜୀବନରେ ବିଭିନ୍ନ କାମ ନିମନ୍ତେ ଆମକୁ ଯା ଆସ କରିବାକୁ ପଡିଥାଏ । କେତେକ ପିରସ୍ଥିତିରେ ଆମେ ପହଞ୍ଚିବା ପରେ ବସିବା ପାଇଁ ସ୍ଥାନଟିଏ ପାଇନଥାଉ । ଅଧିକ ସମୟ ଛିଡା ହେଲେ ଥକିଯିବା ସହ ଗୋଡ ମଧ୍ୟ ବିନ୍ଧା ହୁଏ । ଏଇ ସମସ୍ୟାର ସମାଧାନ କରିଛନ୍ତି କାନାଡାର ଇଂଜିନିୟର ଦଳ । ଏଭଳି ଏକ ଚେୟାର୍ ତିଆରି କରିଛନ୍ତି, ଯାହାକୁ ଆମେ ପୋଷାକ ଭଳି ପିନ୍ଧିପାରିବା । ଏହାର ନାମ 'ବାଇଓନିକ୍ ଲେଗ୍ ଚେୟାର୍' ଦିଆଯାଇଛି । ଫୋଲ୍ଡିଂ କରି ନିଜ ବ୍ୟାଗ୍‌ରେ ରଖିପାରିବା ସହ ଆବଶ୍ୟକ ସମୟରେ ଏହି ଚେୟାର୍‌କୁ ପିନ୍ଧିପାରିବେ । ଏହି ଚେୟାର୍‌ର ମୂଲ୍ୟ ୯ ହଜାର ଟଙ୍କାରୁ ଆରମ୍ଭ ହୋଇଥିବା ପ୍ରକାଶ ।

## ମାତ୍ର ୫ ମିନିଟ୍

*ସକାଳୁ ଖାଲି ପେଟରେ ହାଲ୍‌କା ଉଷୁମ ପାଣି ପିଇବା ଭଲ । ତେବେ ଏଥିରେ ଲେମ୍ବୁ ମିଶାଇ ପିଇଲେ ଏହା ସ୍ୱାସ୍ଥ୍ୟ ପାଇଁ ଚମତ୍କାର ପାଲଟିଯାଏ । ସକାଳୁ ୨୦୦ ମିଲି ଗ୍ଲାସରେ ଉଷୁମ ପାଣି ସହ ଫାଳେ ଲେମ୍ବୁରସ ମିଶାଇ ପିଅନ୍ତୁ । ଏହାକୁ ପିଇବାର ୫ ମିନିଟ୍ ପରେ ଜଳଖିଆ ଖାଇବା ଉଚିତ । ମାତ୍ର ୫ ମିନିଟ୍ ମଧ୍ୟରେ ପ୍ରସ୍ତୁତ ହୋଇପାରୁଥିବା ଏହି ଲେମ୍ବୁପାଣିର ଉପକାରିତା ଜାଣନ୍ତୁ -*

♦ ଲେମ୍ବୁରେ ଭିଟାମିନ୍ ସି' ଏବଂ ପଟାସିୟମ ପ୍ରଚୁର ପରିମାଣରେ ରହିଛି । ଏହା ମସ୍ତିଷ୍କ ଓ ସ୍ନାୟୁତନ୍ତ୍ରକୁ ଆରାମ ଦେବା ସହ ରକ୍ତଚାପ ନିୟନ୍ତ୍ରଣ କରେ ।

♦ ଏହି ଲେମ୍ବୁପାଣି ଶରୀରରେ ଆଲ୍‌କାଲାଇନ ସ୍ତର ଠିକ୍ ରଖିବାରେ ସହାୟକ । ଲେମ୍ବୁରେ ଥିବା ସାଇଟ୍ରିକ୍ ଏସିଡ ଏସିଡିଟି ହେବାକୁ ଦିଏନାହିଁ । ତେଣୁ ଆମ୍ବିଳା ହାକୁଟି, ଗ୍ୟାସ୍ ଆଦି ସମସ୍ୟା ହୋଇନଥାଏ ।

♦ ଲେମ୍ବୁରେ ଥିବା ପେକ୍ଟିନ ଭୋକର ଭାବନାକୁ ନିୟନ୍ତ୍ରଣ କରେ । ଯେଉଁମାନେ ଓଜନ କମ୍ କରିବାକୁ ଚେଷ୍ଟା କରୁଛନ୍ତି ଏବଂ ଆଲ୍‌କାଲାଇନ୍ ଡାଏଟ୍ ଅନୁସରଣ କରୁଛନ୍ତି, ସେମାନେ ଏପରି ଲେମ୍ବୁପାଣି ପିଇବା ଉପକାରୀ ହୋଇଥାଏ ।

♦ ଉଷୁମ ପାଣି ପିଇବା ଦ୍ୱାରା ପେଟ ସଫା ହୋଇଥାଏ । ତେଣୁ କୌଣସି ରୋଗ ଆକ୍ରମଣ କରିବା ସହଜ ହୁଏନାହିଁ ।

## ଘରକୁ ସୁରକ୍ଷିତ ରଖିବା 'ସ୍ମାର୍ଟ ଲକ୍'

ନ୍ୟୁୟର୍କର ଏକ ନାମୀ କମ୍ପାନୀ 'ସ୍ମାର୍ଟ ଲକ୍' ତିଆରି କରିଛି । ଏହି ଲୁକ୍ ସହାୟତାରେ ଆପଣଙ୍କ ଘର ପୂର୍ଣ୍ଣ ସୁରକ୍ଷିତ ରହିବ ବୋଲି କମ୍ପାନୀ ତରଫରୁ କୁହାଯାଇଛି । ସ୍ମାର୍ଟଫୋନ୍‌ରେ ଥିବା ଆପ୍ଲିକେସନ୍ ସହାୟତାରେ ହିଁ ଲକ୍‌ଟି ପରିଚାଳିତ ହେବ । ବ୍ଲୁ-ଟୁଥ୍, ଆପଣଙ୍କ ସ୍ମାର୍ଟଫୋନ୍ ଡାଟା, ୱାଇଫାଇ ଜରିଆରେ ହିଁ ଲକ୍ କାମ କରିବ । ଯଦିବା ମାଲିକ ଘରେ ନାହାନ୍ତି, ଘର ଠାରୁ ଦୂରରେ ରହି ମଧ୍ୟ ସେ ଘରର




ଲକ୍‌କୁ ଖୋଲିପାରିବେ । କେହି ଅତିଥି, ବନ୍ଧୁବାନ୍ଧବ ଆସିଲେ ଘରେ ନ ରହି ମଧ୍ୟ ମାଲିକ ଏଇ ସ୍ମାର୍ଟ ଲକ୍ ଜରିଆରେ ସେମାନଙ୍କୁ ଘରେ ପ୍ରବେଶ କରାଇପାରିବେ । ଅଜଣା ଲୋକ ଆପଣଙ୍କ ଘରର କବାଟ, ଝରକାକୁ ସ୍ପର୍ଶ କଲେ ତୁରନ୍ତ ସ୍ମାର୍ଟଫୋନ୍‌କୁ ବାର୍ତ୍ତା ମଧ୍ୟ ଯିବ । ବିଭିନ୍ନ ଡିଜାଇନର ଏଇ ସ୍ମାର୍ଟ ଲକ୍ ଥିବାବେଳେ ୧୧ ହଜାର ଟଙ୍କାରୁ ୫୫ ହଜାର ଟଙ୍କା ପର୍ଯ୍ୟନ୍ତ ଏହାର ମୂଲ୍ୟ ରହିଛି ।

## ଗୋଲମରିଚର ଉତ୍ତମ ପ୍ରଭାବ

ବିଭିନ୍ନ ପ୍ରକାର ଭାରତୀୟ ବ୍ୟଞ୍ଜନ ଓ ସକାଳର ଗରମ ଗୋଲମରିଚ ଚା' ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇଥାଏ । ପ୍ରାଚୀନ କାଳରେ ବଇଦମାନେ ଗୋଲମରିଚର ଉପଯୋଗ ଔଷଧରେ କରୁଥିଲେ । ସ୍ୱାସ୍ଥ୍ୟ ପାଇଁ ହିତକାରୀ ଏଇ ଗୋଲମୋରିଚକୁ ଗୁଣ୍ଡ କରି ନିୟମିତ ସେବନ କଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢେ ।



- ପ୍ରତ୍ୟେକ ଋତୁରେ ସକାଳବେଳା ଗୋଲମରିଚ ଚା' ପିଇବାର ଅଭ୍ୟାସ କରନ୍ତୁ । ଚିମୁଟାଏ ଗୋଲମରିଚ ଗୁଣ୍ଡ ଚା'ରେ ମିଶାଇଲେ ତାହା ଆମ ପାଚନ ତନ୍ତ୍ରକୁ ଶକ୍ତି ଯୋଗାଉଥିବାର ଖାଦ୍ୟ ବିଶେଷଜ୍ଞଙ୍କ ମତ ।
- ଅମ୍ଳ ରୋଗୀ ପ୍ରତ୍ୟହ ଲେମ୍ବୁ ପାଣିରେ ଗୋଲମରିଚ ଗୁଣ୍ଡ ଅଧ ଚାମଚ ମିଶାଇ ପିଇଲେ ସେମାନଙ୍କୁ ଶୀଘ୍ର ଉପଶମ ମିଳେ ।
- ଗୋଲମରିଚରେ ମହଜୁଦ୍ ପେପ୍‌ରାଇନ୍ ତତ୍ତ୍ୱ କାରଣରୁ ମାନସିକ ଚାପ ମଧ୍ୟ କମ୍ ହେଉଥିବାର ଜଣାପଡିଛି । ନିୟମିତ ଗୋଲମରିଚ ଚା' ସେବନ କଲେ ଏହାର ପ୍ରଭାବ ଜାଣିପାରିବେ ।
- ଭିଟାମିନ୍ ସି, ଏ, ଫ୍ଲାବୋନଏଡ୍, ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ ଥିବା କାରଣରୁ କର୍କଟରୋଗ ପ୍ରତିରୋଧୀ ଭାବେ ମଧ୍ୟ ଗୋଲମରିଚ କାମ କରିଥାଏ ।
- ଦୈନିକ ସକାଳବେଳା ନଖ ଉଷୁମ ପାଣିରେ ଚିମୁଟାଏ ଗୋଲମରିଚ ମିଶାଇ ପିଇଲେ ଓଜନ ମଧ୍ୟ ନିୟନ୍ତ୍ରଣରେ ରହେ ।

## ଓଡ଼ିଶା, ପଶ୍ଚିମ ବଙ୍ଗ, ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଂଜର ଉପ ରାଜ୍ୟପାଳଙ୍କ ସହ ସାମୁଦ୍ରିକ ଝଡ଼ ବାତ୍ୟା "ୟାସ୍" ସଂପର୍କରେ ସମୀକ୍ଷା କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ

ଭୁବନେଶ୍ୱର,୨୪/୦୫(ନି.ପ୍ର): ବଙ୍ଗୋପ ସାଗରରେ ସୃଷ୍ଟ ସାମୁଦ୍ରିକ ଝଡବାତ୍ୟା "ୟାସ୍"ର ମୁକାବିଲା ପ୍ରସ୍ତୁତି ସଂପର୍କରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଅମିତ ଶାହା ଆଜି ଭିଡ଼ିଓ କନଫରେନ୍ସି ଯୋଗେ ଓଡ଼ିଶା, ପଶ୍ଚିମ ବଙ୍ଗ ଓ ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ତଥା ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଂଜର ଉପ ରାଜ୍ୟପାଳଙ୍କ ସହ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହା ସାମୁଦ୍ରିକ ଝଡ଼ବାତ୍ୟା "ୟାସ୍" ଫଳରେ ଯେଉଁ ସମ୍ଭାବ୍ୟ ସ୍ଥିତି ଉତ୍ପନ୍ନ ହେବ ତାହାର ମୁକୁବିଲା ନିମନ୍ତେ ବିସ୍ତୃତ ସମୀକ୍ଷା କରିଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏହି ଝଡ଼ବାତ୍ୟା ସଂପର୍କରେ ଗତକାଲି ଏକ ଉଚ୍ଚ ସ୍ତରୀୟ ସମୀକ୍ଷା ବୈଠକ କରିଥିଲେ। ଏହି ସମୀକ୍ଷା ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଅମିତ ଶାହା ନିର୍ଦ୍ଦିଷ୍ଟ ଭାବେ ସଂପୃକ୍ତ ରାଜ୍ୟ/ କେନ୍ଦ୍ରଶାସିତ କ୍ଷେତ୍ର ପ୍ରଶାସନଙ୍କୁ କୋଭିଡ୍ ୧୯ ହସପିଟାଲ, ପରୀକ୍ଷାଗାର, ଟିକା କୋଲ୍ଡ ଚେନ୍ ତଥା ଅନ୍ୟାନ୍ୟ ମେଡ଼ିକାଲମାନଙ୍କରେ ବିଜୁଳି ଯୋଗାଣର ପର୍ଯ୍ୟାପ୍ତ ବିକଳ୍ପ ବ୍ୟବସ୍ଥା ସୁନିଶ୍ଚିତ କରିବା ସକାଶେ ପରାମର୍ଶ ଦେଇଛନ୍ତି। ଅଧିକନ୍ତୁ, ସେ ପରମର୍ଶ ଦେଇଛନ୍ତି ଯେ ହସପିଟାଲମାନଙ୍କରେ ପର୍ଯ୍ୟାପ୍ତ ମାତ୍ରାର ଅତ୍ୟାବଶ୍ୟକ ଔଷଧ ଏବଂ ଅନ୍ୟାନ୍ୟ ସାମଗ୍ରୀ ମହଜୁଦ ରଖିବା ଉଚିତ। ବାତ୍ୟା ପରେ ଯେହେତୁ ଯାନବାହନ ଚଳାଚଳ କ୍ଷେତ୍ରରେ ସାମୟିକ ପ୍ରତିବନ୍ଧକ ଉପୁଜିପାରେ ଏହାକୁ ଦୃଷ୍ଟିରେ ରଖି ଏଭଳି ଔଷଧପତ୍ର ମହଜୁଦ ରଖିବା ଆବଶ୍ୟକ। ଅସ୍ଥାୟୀ ହସପିଟାଲ ସମେତ ସ୍ୱାସ୍ଥ୍ୟକେନ୍ଦ୍ରମାନ, ଯେଉଁମାନେ କି ଏହି ସାମୁଦ୍ରିକ ଝଡ଼ବାତ୍ୟା ଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ରହିଛି ସେଠାରେ ଯେଭଳି ବିଶେଷ କ୍ଷୟକ୍ଷତି ନହୁଏ ଏବଂ ଯେଉଁଠାରେ ଆବଶ୍ୟକ ସେହିସବୁ ସ୍ଥାନମାନଙ୍କୁ ଆଗୁଆ ରୋଗୀମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତରଣ କରିବା ନିମନ୍ତେ ସ୍ୱରାଷ୍ଟ୍ର ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତିଯେ ଦେଶର ପଶ୍ଚିମ ତଟୀୟ ରାଜ୍ୟମାନଙ୍କରେ ଏଭଳି ଆଗୁଆ ପଦକ୍ଷେପ ନିଆଯାଇଥିବାରୁ ସେଠାରେ ଚିକିତ୍ସା ବ୍ୟବସ୍ଥା ଉପରେ ସାମୁଦ୍ରିକ ଝଡ଼ବାତ୍ୟାର କୌଣସି ପ୍ରତିକୂଳ ପ୍ରଭାବ ପଡ଼ିନଥିଲା। ଏହି ସମୀକ୍ଷା ବୈଠକରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ପଶ୍ଚିମ ବଙ୍ଗ, ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶରେ ଥିବା ଅକ୍ସିଜେନ୍ ଉତ୍ପାଦନ ପ୍ଲାଣ୍ଟମାନଙ୍କ ନିରାପତ୍ତା ତଥା ବାତ୍ୟାଯୋଗୁ ସେସବୁ ପ୍ଲାଣ୍ଟଗୁଡ଼ିକ ଉପରେ କି ପ୍ରକାର ପ୍ରଭାବ ପଡ଼ିବ ସେ ସଂପର୍କରେ ମଧ୍ୟ ସମୀକ୍ଷା କରିଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ପରାମର୍ଶ ଦେଇଛନ୍ତି ଯେ ଅନ୍ୟୂନ ପକ୍ଷେ ଦୁଇ ଦିନ ପାଇଁ ଅକ୍ସିଜେନର ବଫର ଷ୍ଟକ୍ ମହଜୁଦ ରଖାଯିବା ଆବଶ୍ୟକ ଏବଂ ରାଜ୍ୟମାନଙ୍କୁ ଯେଉଁ ଅକ୍ସିଜେନ୍ ଟ୍ୟାଙ୍କର ଆବଣ୍ଟନ କରାଯାଇଛି ସେସବୁ ଯେଭଳି ସହଜରେ ପରିବହନ ହୋଇପାରିବ ସେଥି ପ୍ରତି ମଧ୍ୟ ବିଶେଷ ଧ୍ୟାନ ଦିଆଯିବା ଜରୁରି। ଏହା ଦ୍ୱାରା ଅନ୍ୟ ରାଜ୍ୟମାନଙ୍କୁ ଆବଣ୍ଟନ କରାଯାଇଥିବା ଅକ୍ସିଜେନ୍ ସେମାନଙ୍କ ନିକଟରେ ଯଥା ସମୟରେ ପହଞ୍ଚିପାରିବ ଏବଂ ସେଠାରେ ରୋଗୀସେବାରେ କୌଣସି ସମସ୍ୟ ଉପୁଜିବନାହିଁ। ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହା ରାଜ୍ୟ ସରକାରମାନଙ୍କ ପରାମର୍ଶ ଦେଇଛନ୍ତି ଯେ ଅକ୍ସିଜେନ୍ ଉତ୍ପାଦନ ପ୍ଲାଣ୍ଟଗୁଡ଼ିକର ନିରାପତ୍ତା ସୁନିଶ୍ଚିତ କରାଯିବା ଦରକାର। ସେହିଭଳି ଶକ୍ତି ଉତ୍ପାଦନ କେନ୍ଦ୍ରଗୁଡ଼ିକର ନିରାପତ୍ତା ବ୍ୟବସ୍ଥା ମଧ୍ୟ ଅନୁରୂପ ଭାବେ ଜରୁରି ଯଦ୍ଦ୍ୱାରା ହସପିଟାଲ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକୁ ବିଜୁଳି ଯୋଗାଣ ସୁନିଶ୍ଚିତ କରାଯାଇପାରିବ। ସେହିଭଳି ସମସ୍ତ ଜାହାଜ ଏବଂ ମାଛଧରା ବୋଟ ଓ ଡଙ୍ଗାମାନଙ୍କ ନିରାପତ୍ତା ପ୍ରତି ଉପଯୁକ୍ତ ଧ୍ୟାନ ଦିଆଯିବା ଦରକାର। ସେଥିପାଇଁ ସମସ୍ତ ବନ୍ଦର ଓ ସେହି କ୍ଷେତ୍ରରେ ଥିବା ତୈଳ ପ୍ରତିଷ୍ଠାନମାନଙ୍କ ସୁରକ୍ଷା ସଂପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ମନ୍ତ୍ରୀ ସମୀକ୍ଷା କରି ନିର୍ଦ୍ଦେଶ ଦେଇଛନ୍ତିଯେ ସମୁଦ୍ରକୁ ମାଛ ଧରିବାକୁ ଯାଇଥିବା ସମସ୍ତ ମତ୍ସ୍ୟଜୀବୀଙ୍କୁ ବାତ୍ୟା ପୂର୍ବରୁ କୂଳକୁ ଫେରାଇ ଆଣିବା କାର୍ଯ୍ୟ ରାଜ୍ୟମାନେ ସୁନିଶ୍ଚିତ କରନ୍ତୁ ଯଦ୍ଦ୍ୱାରା କୌଣସି ଧନଜୀବନ ହାନି ଘଟିବନାହିଁ। ସେହିଭଳି ତଳିଆ ଅଞ୍ଚଳ ଓ ଆପଦାଗ୍ରସ୍ତ କ୍ଷେତ୍ରରେ ବସବାସ କରୁଥିବା ଲୋକମାନଙ୍କୁ ଯଥାଶୀଘ୍ର ସ୍ଥାନାନ୍ତରଣ କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସେ ପରାମର୍ଶ ଦେଇଥିଲେ ଯେ ସ୍ଥାନୀୟ ଭାଷାରେ ମୋବାଇଲ୍ ଫୋନ୍, ଟେଲିଭିଜନ୍, ସାମାଜିକ ଗଣମାଧ୍ୟମରେ ଲୋକମାନଙ୍କ ନିକଟରେ ବାତ୍ୟା ସଂପର୍କୀତ ଆଗୁଆ ସୂଚନା ପହଞ୍ଚାଯିବା ଆବଶ୍ୟକ। ସେହିଭଳି ଗ୍ରାମ ପଞ୍ଚାୟତ ମାଧ୍ୟମରେ ମଧ୍ୟ ଲୋକମାନଙ୍କୁ ସଚେତନ ଓ ପ୍ରଭାବିତ କରିବାକୁ ସେ କହିଛନ୍ତି। ଓଡ଼ିଶାରେ ଯେଉଁ ବ୍ୟବସ୍ଥା ଗ୍ରହଣ କରାଯାଇଥାଏ ତାହାକୁ ଅନୁସରଣ ପୂର୍ବକ ହୋମ ଗାର୍ଡ୍, ଏନସିସି ଓ ସିଭିଲ ଡିଫେନ୍ସକୁ ସ୍ୱେଚ୍ଛାସେବୀ ଭାବେ ଲୋକମାନଙ୍କୁ ସ୍ଥାନାନ୍ତରଣ କାର୍ଯ୍ୟରେ ନିୟୋଜିତ କରିବାକୁ ଶ୍ରୀ ଶାହା କହିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଗୁରୁତ୍ୱ ଆରୋପ କରି କହିଛନ୍ତି ଯେ ବିଜୁଳି ଯୋଗାଣ ଏବଂ ଟେଲିଯୋଗାଯୋଗ ସେବାର ନିରାପତ୍ତା ଏବଂ ତାହା ଯଥାଶୀଘ୍ର ପୁନଃବହାଲ କରିବା ସୁନିଶ୍ଚିତ କରାଯିବା ଦରକାର। ରାଜ୍ୟ ସରକାର ଏବଂ କେନ୍ଦ୍ର ଶାସିତ କ୍ଷେତ୍ର ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଂଜ ପ୍ରଶାସନ ଏଥି ନିମନ୍ତେ ଆଗୁଆ ଯୋଜନା ଏବଂ ସମ୍ଭାବ୍ୟ କ୍ଷୟକ୍ଷତି ଘଟିବା ସ୍ଥାନରେ ଆଗୁଆ ମାନବସମ୍ବଳ, ଉଦ୍ଧାର ଉପକରଣ ଓ ରିଲିଫ ସାମଗ୍ରୀ ମହଜୁଦ ରଖିବା ସକାଶେ ସେ ପରାମର୍ଶ ଦେଇଛନ୍ତି। ସେହିଭଳି ଝଡ଼ବାତ୍ୟାବେଳେ ବିଜୁଳି ସରବରାହ ଲାଇନର ନିରାପତ୍ତା ପ୍ରତି ଉପଯୁକ୍ତ ଦୃଷ୍ଟି ଦେବା ତଥା କ୍ଷୟକ୍ଷତି ହୋଇଥିବା ଲାଇନକୁ ଯଥାଶୀଘ୍ର ମରାମତି କରି ପୁନଃକାର୍ଯ୍ୟକ୍ଷ କରିବା ଉପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ପ୍ରାଧାନ୍ୟ ଆରୋପ କରିଛନ୍ତି। ଅଧିକନ୍ତୁ, ସେ କହିଛନ୍ତି ଯେ ବାତ୍ୟାରେ ଉପୁଡ଼ି ପଡ଼ିଥିବା ବଡ଼ ବଡ଼ ଗଛକୁ ଯଥାଶୀଘ୍ର କାଟି ରାସ୍ତା ସଫା କରିବା ଦ୍ୱାରା ଲୋକମାନଙ୍କ ନିକଟରେ ଯଥାଶୀଘ୍ର ରିଲିଫ ଓ ସହାୟତା ପହଞ୍ଚାଯାଇ ପାରିବ। ଶ୍ରୀ ଶାହା ରାଜ୍ୟ ସରକାର ଓ କେନ୍ଦ୍ରଶାସିତ କ୍ଷେତ୍ର ଆଣ୍ଡାମାନ ଓ ନିକୋବର ପ୍ରଶାସନଙ୍କୁ ପରାମର୍ଶ ଦେଇଛନ୍ତି ଯେ ଭାରତୀୟ ପାଣିପାଗ ବିଭାଗ ସହିତ ସେମାନେ ନିରବଚ୍ଛିନ୍ନ ଭାବେ ଯୋଗାଯୋଗରେ ରହନ୍ତୁ ଏବଂ ଏହାର ଆଗୁଆ ସୂଚନା ଓ ଚେତାବନୀକୁ ଗୁରୁତ୍ୱର ସହ ଗ୍ରହଣ କରିବା ସହ ତଦନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହା ସଂପୃକ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ କ୍ଷେତ୍ରଙ୍କୁ ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି ଯେ କେନ୍ଦ୍ର ସରକାର ଏବଂ ଏହାର ସମସ୍ତ ଏଜେନ୍ସିମାନଙ୍କ ଠାରୁ ସକଳ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ଏଥିପାଇଁ କେନ୍ଦ୍ର ସରକାରଙ୍କ ବରିଷ୍ଠ ପଦାଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇ ସାରିଛନ୍ତି। ଶ୍ରୀ ଅମିତ ଶାହା କହିଲେ ଯେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ଏଥିପାଇଁ ଏକ ୨୪ଘଂ୭ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକରୁଛି ଯାହା ସହିତ ସଂପୃକ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ କ୍ଷେତ୍ରମାନେ ଯେକୌଣସି ପ୍ରକାର ସହାୟତା ଓ ସୂଚନା ନିମନ୍ତେ ଯୋଗାଯୋଗ କରିପାରିବେ। ସେ କହିଲେ ଯେ ଭାରତୀୟ ତଟରକ୍ଷୀ ବାହିନୀ, ନୌସେନା, ସେନା ଓ ବାୟୁସେନାକୁ ଜାଗତିଆର ରଖାଯାଇଛି ଏବଂ ପହରା ବିମାନ ଓ ହେଲିକପ୍ଟରମାନ ନିୟମିତ ଭାବେ ଉଡାଣ ଭରି ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଏଭଳି ସମୀକ୍ଷା ବୈଠକ ଆହୂତ କରିଥିବାରୁ ଏବଂ ରାଜ୍ୟ ସରକାରଙ୍କୁ ବାତ୍ୟା ପ୍ରସ୍ତୁତି ନିମନ୍ତେ ସହାୟତା ଯୋଗାଣର ପ୍ରତିଶ୍ରୁତି ପ୍ରଦାନ ନିମନ୍ତେ ଓଡ଼ିଶା ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ। ସେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ ଯେ ଓଡ଼ିଶା ସରକାର ଏହି ସାମୁଦ୍ରିକ ଝଡ଼ବାତ୍ୟାର ମୁକାବିଲା ସକାଶେ ସବୁମତେ ପ୍ରସ୍ତୁତ ରହିଛନ୍ତି। ପଶ୍ଚିମ ବଙ୍ଗ ମୁଖ୍ୟମନ୍ତ୍ରୀ ମଧ୍ୟ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଅବଗତ କରାଇଥିଲେ ଯେ ବାତ୍ୟା ମୁକାବିଲା ନିମନ୍ତେ ତାଙ୍କ ରାଜ୍ୟ ସରକାର ଆବଶ୍ୟକ ପ୍ରାବଧାନ ଓ ପ୍ରସ୍ତୁତି କାର୍ଯ୍ୟ ଶେଷ କରିଛନ୍ତି। ଏହି ବାତ୍ୟା ଯୋଗୁ ଯେଭଳି ସର୍ବନିମ୍ନ ଧନଜୀବନ ହାନି ଘଟେ ତାହା ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ସେହିଭଳି ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜ୍ଞାପନ କରି କହିଥିଲେ ଯେ ବାତ୍ୟାଜନିତ ପରିସ୍ଥିତିର ମୁକାବିଲା ଲାଗି ତାଙ୍କ ରାଜ୍ୟ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଂଜର ଉପ ରାଜ୍ୟପାଳ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ସୂଚାଇଥିଲେ ଯେ ଏହି ବାତ୍ୟାର ଦ୍ୱୀପପୁଂଜ ଉପରେ ଅତି ସାମାନ୍ୟ ପ୍ରଭାବ ରହିବ। ଏହି ସମୀକ୍ଷା ବୈଠପରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ରାୟ, କ୍ୟାବିନେଟ ସଚିବ, ସ୍ୱରାଷ୍ଟ୍ର ବ୍ୟାପାର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଶକ୍ତି, ଟେଲିଯୋଗାଯୋଗ, ସଡ଼କ ପରିବହନ ଓ ରାଜମାର୍ଗ, ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ, ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟର ସଚିବଗଣ, ଏନଡିଏମଏ, ସିଆଇଏସସି, ସମନ୍ୱିତ ଡିଫେନ୍ସ ଷ୍ଟାଫ୍‌ର ସଦସ୍ୟଗଣ, ଭାରତୀୟ ପାଣିପାଗ ବିଭାଗ, ତଟରକ୍ଷୀ ବାହିନୀ ଏବଂ ଏନଡିଆରଏଫର ମହାନିର୍ଦ୍ଦେଶକବୃନ୍ଦ, ସଂପୃକ୍ତ ରାଜ୍ୟ ଓ କେନ୍ଦ୍ରଶାସିତ କ୍ଷେତ୍ରର ମୁଖ୍ୟ ଶାସନ ସଚିବ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଗଣ ଯୋଗ ଦେଇଥିଲେ।

## ଦମ୍ପତି ତିଆରି କଲେ ଭାସମାନ ଘର



କାନାଡାର ଭାନ୍‌କୋଭର ସହରରେ ପାଣିରେ ଭାସୁଥିବା ଘର ତିଆରି କରାଯାଇଛି । ଏହି ଭାସମାନ ଘରେ କ୍ୟାଥେରିନ୍ କିଙ୍ଗ୍ ଏବଂ ତାଙ୍କ ସ୍ୱାମୀ ୱେନ୍ ଆଡମ୍ ବାସ କରନ୍ତି । ୭୧ ବର୍ଷୀୟ ଆଡମ୍ ୧୯୯୧ ରେ ଏହି ଘରକୁ ନିର୍ମାଣ କରିବା ଆରମ୍ଭ କରିଥିଲେ । ୧୨ଟି ଫ୍ଲୋଟିଂ ପ୍ଲାଟଫର୍ମକୁ ମିଶାଇ ତିଆରି ହୋଇଥିବା ଏହି ଘରଟିରେ ସୋଲାର ଏନର୍ଜୀ ସିଷ୍ଟମ୍ ମଧ୍ୟ ରହିଛି । ଦମ୍ପତି ଜଣକ ଏହି ଘରକୁ ବନାଇବା ଲାଗି ୨.୪୦ ଲକ୍ଷ ପାର୍ଟ୍ସ ବ୍ୟବହାର କରିଥିବା କହିଛନ୍ତି । ଏଥି ମଧ୍ୟରୁ ଅଧିକାଂଶ ପାର୍ଟ୍ସ ରିସାଇକଲ ହୋଇଥିବା ଯନ୍ତ୍ରାଂଶ ଅଟେ । ଝଡ ତୋଫାନ ଆସିବା ପରେ ଯଦି ଘରଟିର କିଛି ତ୍ରୁଟି ଆସେ ତେବେ ସଙ୍ଗେ ସଙ୍ଗେ ଏହାକୁ ସଜାଡି ଦେଉଥିବା କହନ୍ତି ଆଡମ୍ । ଏହି ଘରଟିର ସୁନ୍ଦରତାକୁ ବଜାୟ ରଖିବା ପାଇଁ ଆଡମ୍ ସର୍ବଦା ଏଥିରେ କିଛି ନା କିଛି କାମ କରିଥାନ୍ତି । କ୍ୟାଥେରିନ୍ ପେସାରେ ଜଣେ ଡାନ୍ସର୍ ଥିବା ବେଳେ ଆଡମ୍ ଜଣେ ପ୍ରଫେସ୍ନାଲ ଆର୍ଟିଷ୍ଟ ଅଟନ୍ତି ।

## କାର୍ ଡୋର୍ ସତର୍କ କରାଇବ

ଇଉରୋପୀୟ ଗବେଷକଦଳ ଉନ୍ନତମାନର କାର୍ ଡିଜାଇନ୍ କରିଛନ୍ତି । ଏହା ସହାୟତାରେ ଯାତ୍ରୀଙ୍କୁ ବିଭିନ୍ନ ପ୍ରକାର ଅତ୍ୟାଧୁନିକ ସୁବିଧା ମିଳିବ । ଯେପରି କାର୍ ଡୋର୍ ଖୋଲି ଆପଣ ଲାଗିଥିବା ସେନ୍‌ସର୍ ସତର୍କ କରାଇବ । ପଛରୁ କେହି ଆସୁଥିଲେ, କାର୍ ଝରକା କାଚର ରଙ୍ଗ ପରିବର୍ତ୍ତନ ହେବା ସହ ବାରମ୍ବାର ସଙ୍କେତ ଦେବ । କୌଣସି ପ୍ରକାର କୀଟ କାର୍‌ରେ ଲଗିଲେ, ତାହା ମଧ୍ୟ ସେନ୍‌ସର୍ ସହାୟତାରେ ଯାତ୍ରୀ ଜାଣିପାରିବେ । ଏହା ସହ ୨୦୦ ମିଟର ବ୍ୟବଧାନରେ ଅନ୍ୟ ଗାଡି ଦ୍ରୁତ ବେଗରେ ଆସୁଥିଲେ, ସେ ବାବଦରେ ମଧ୍ୟ କାର୍‌ର ସେନ୍‌ସର୍ ସଙ୍କେତ ଦେଇଥାଏ । ନିକଟରେ ଜର୍ମାନୀରେ ଆୟୋଜିତ ଏକ ପ୍ରଦର୍ଶନୀୟ ଏହି ବିଶେଷ ଡିଜାଇନର୍ କାର୍ ପ୍ରଦର୍ଶିତ କରାଯାଇଥିଲା । ଖୁବ୍ ଶୀଘ୍ର ଏହି କାର୍ ବଜାର ପ୍ରବେଶ କରିବ ବୋଲି ଅନୁମାନ କରାଯାଉଛି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସଂଗ୍ରାମର ଶେଷ ମୁହୂର୍ତ୍ତ

ଦେଶରେ କରୋନାବିରୋଧୀ ସଂଗ୍ରାମ ଏବେ ନିର୍ଣ୍ଣାୟକ ପର୍ଯ୍ୟାୟରେ ପହଞ୍ଚିଛି । କ୍ରମାଗତ ଭାବେ ନବମ ଦିନ ପାଇଁ ଦେଶରେ ନୂତନ କରୋନା ସଂକ୍ରମିତଙ୍କ ସଂଖ୍ୟା ତୁଳନାରେ ଆରୋଗ୍ୟ ହାର କମ୍ ରହିଛି ଏବଂ ଏହି ଧାରା ଜାରି ରହିବ ବୋଲି ସଭିଏଁ ଆଶା ପ୍ରକଟ କରିଛନ୍ତି । ଏହି ସଫଳତା ଦେଶର ଶାସନତନ୍ତ୍ର, ଚିକିତ୍ସା ବ୍ୟବସ୍ଥା ଏବଂ ଜନସାଧାରଣଙ୍କ ମିଳିତ ସହଯୋଗ ହିଁ ହାସଲ କରାଯାଇ ପାରିଛି । ଦେଶର ବିଭିନ୍ନ ରାଜ୍ୟ ସରକାର ଲାଗୁ କରିଥିବା କଠୋର ଲକ୍‌ଡାଉନ୍ କଟକଣା ତା'ର ଇପ୍ସିତ ସୁଫଳ ପ୍ରଦାନ କରିଛି । ଏହି କଟକଣା ଯୋଗୁଁ ଜନସାଧାରଣଙ୍କ ଅବାଧ ବିଚରଣ ଉପରେ ନିୟନ୍ତ୍ରଣ ଲାଗିଛି ଏବଂ ତାହା କରୋନାର ଅଦୃଶ୍ୟ ଶୃଙ୍ଖଳକୁ ଦୁର୍ବଳ କରିଦେଇଛି । ତାହା ପ୍ରତିଫଳିତ ହୋଇଛି ଦୈନିକ ନୂତନ ସଂକ୍ରମିତଙ୍କ ସଂଖ୍ୟା ହ୍ରାସରେ । ମାତ୍ର ଦଶଦିନ ପୂର୍ବେ ଏହି ସଂଖ୍ୟା ମାସାଧିକ କାଳ ଧରି ଚାରି ଲକ୍ଷ ଉପରେ ରହିଆସିଥିବା ବେଳେ ତାହା ଏବେ ତିନିଲକ୍ଷ ତଳକୁ କମିବା ସୂଚୀତ କରେ ଯେ, ଏହି ଭୟଙ୍କର ମହାମାରୀର ଦ୍ୱିତୀୟ ଲହରରେ ମହଳଣ ପରିଲକ୍ଷିତ ହୋଇଛି ଏବଂ ତାହା ଧୀରେ ଧୀରେ କମିବା ଆରମ୍ଭ କରିଛି ।

ତେଣୁ ଏହି ସମୟକୁ ନିର୍ଣ୍ଣାୟକ ବୋଲି ଅଧିକାଂଶ ରାଜ୍ୟ ସରକାରମାନେ ଅତ୍ୟନ୍ତ ସାବଧାନତାର ସହିତ ଲକ୍‌ଡାଉନ୍ କଟକଣା ଜାରି ରଖିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଦିଲ୍ଲୀଠାରୁ ନେଇ ଉତ୍ତରପ୍ରଦେଶ, ତାମିଲନାଡୁ, କେରଳ, କର୍ଣ୍ଣାଟକ, ଜାମ୍ମୁ ଓ କାଶ୍ମୀର, ମହାରାଷ୍ଟ୍ର, ହରିଆନା, ଝାଡ଼ଖଣ୍ଡ, ଛତିଶଗଡ଼, ମଧ୍ୟପ୍ରଦେଶ, ଓଡ଼ିଶା ଆଦି ରାଜ୍ୟ ଅନ୍ୟୁନ ଚଳିତ ମାସ ଶେଷ ପର୍ଯ୍ୟନ୍ତ ଲକ୍‌ଡାଉନ୍ ଅବଧିକୁ ବୃଦ୍ଧି କରିଛନ୍ତି । ଏହା ଲୋକମାନଙ୍କ ପାଇଁ ସମସ୍ୟା ଉପୁଜାଇଛି ସତ, କିନ୍ତୁ କରୋନା ମହାମାରୀର କାୟା ତୁଳନାରେ ତାହା ନଗଣ୍ୟ । ତେଣୁ କେନ୍ଦ୍ର ସରକାରଙ୍କ ସହ ଆବଶ୍ୟକ ସମନ୍ୱୟ ରକ୍ଷାକରି ଏହିସବୁ ରାଜ୍ୟମାନେ ଲକ୍‌ଡାଉନ୍ ଅବଧି ବଢ଼ାଇଥିବା ବେଳେ ଅନ୍ୟ ରାଜ୍ୟମାନେ ସେହି ପନ୍ଥା ଖୁବ୍‌ଶୀଘ୍ର ଅବଲମ୍ବନ କରିପାରନ୍ତି । କାରଣ ଦୈନିକ ନୂତନ ସଂକ୍ରମଣ ଏବଂ ମୃତ୍ୟୁସଂଖ୍ୟା ହ୍ରାସ ପାଇବା ଅର୍ଥ ନୁହେଁ ଦେଶ ଓ ଦେଶବାସୀଙ୍କ ଉପରୁ ବିପଦ ଟଳିସାରିଛି । ରବିବାର ଦିନ ସରକାରୀ ପରିସଂଖ୍ୟାନ ଅନୁସାରେ ଦେଶରେ ୨ଲକ୍ଷ ୪୦ ହଜାରରୁ ଅଧିକ ନୂତନ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଏହି ସମୟ ମଧ୍ୟରେ ୩ଲକ୍ଷ ୫୫ ହଜାରରୁ ଅଧିକ କରୋନା ଆକ୍ରାନ୍ତ ଆରୋଗ୍ୟଲାଭ କରିଛନ୍ତି । ତେଣୁ ଅରୋଗ୍ୟ ହାର ବୃଦ୍ଧି ପାଇ ୮୮ ଦଶମିକ ୩୦ ପ୍ରତିଶତ ଛୁଇଁବା ସମସ୍ତଙ୍କ ପାଇଁ ଆଶ୍ୱସ୍ତିର କଥା । କିନ୍ତୁ ଏବେସୁଦ୍ଧ ଦେଶରେ ଦୈନିକ ସାଢ଼େ ତିନିହଜାରରୁ ଅଧିକ ଆକ୍ରାନ୍ତ ପ୍ରାଣ ହରାଇଥିବା (ରବିବାର ଦିନ ଏହି ସଂଖ୍ୟା ୩୭୪୧ ବୋଲି ସରକାରୀ ହିସାବ ସୂଚୀତ କରେ) କୌଣସି ଦୃଷ୍ଟିରୁ ଆଶ୍ୱସ୍ତିର ବିଷୟ ନୁହେଁ ।

ଏହା ସତ୍ୟ ଯେ, ଦେଶରେ ଏବେ କରୋନା ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ କୌଣସି ସୁଯୋଗକୁ ହାତଛଡ଼ା କରାଯାଉନାହିଁ । ସେହିଭଳି ଟିକାକରଣକୁ ରେକର୍ଡ ପରିମାଣରେ ବ୍ୟାପକ କରାଯାଇଛି ଏବଂ ଏହି ଧାରା ଜାରି ରଖିବାକୁ ସରକାର ବଦ୍ଧପରିକର । ତଥାପି ଦ୍ୱିତୀୟ ଲହରର ବ୍ୟାପକତା ଓ ସମ୍ଭାବ୍ୟ ତୃତୀୟ ଲହରର ଭୟ, ବ୍ଲାକ୍ ଓ ହ୍ୱାଇଟ୍ ଫଙ୍ଗସ ଭଳି ପ୍ରତିକ୍ରିୟା ସମସ୍ତଙ୍କ ମନକୁ ଭାରାକ୍ରାନ୍ତ କରି ରଖିଛି । ଏବେସୁଦ୍ଧା ପ୍ରତିଦିନ ପ୍ରତି ରାଜ୍ୟରେ ହଜାର ହଜାର ରୋଗୀ ବେଡ୍ ପାଇଁ ବ୍ୟାକୁଳ ହେଉଛନ୍ତି ଓ ଅକ୍ସିଜେନ୍ ହେଉ କି ଆଇସିୟୁ ହେଉ ନିଜର ପ୍ରିୟଜନଙ୍କ ଚିକିତ୍ସା ନିମନ୍ତେ ଧାଁଦଉଡ଼ କରୁଛନ୍ତି । କରୋନାର ପ୍ରଥମ ଲହରରେ ବିଜୟ ସତ୍ତ୍ୱେ ଏହାର ପରବର୍ତ୍ତୀ ସମୟରେ ଉପଯୁକ୍ତ ସତର୍କତା ଅବଲମ୍ବନରେ ଆମର ଢିଲାପଣ ଦ୍ୱିତୀୟ ଲହରକୁ ସାଂଘାତିକ ସ୍ଥିତିରେ ପହଞ୍ଚାଇଲା । ତେଣୁ ତୃତୀୟ ଲହରକୁ ରୋକିବା ସକାଶେ ଆମକୁ ଏବେଠାରୁ ଦ୍ୱିତୀୟ ଲହର ପର୍ଯ୍ୟାୟରୁ ଏହାର ଜଡ଼କୁ ସମୂଳେ ଧ୍ୱଂସ କରିବାକୁ ପଡ଼ିବ । ତେଣୁ ବର୍ତ୍ତମାନର ଲକ୍‌ଡାଉନ୍‌କୁ ଯେତେ ଥର ବୃଦ୍ଧି କରାଯାଉ ଅବା ଯେତେ କଠୋର କରାଗଲେ ସୁଦ୍ଧା ଦେଶର ସ୍ୱାର୍ଥ ଦୃଷ୍ଟିରୁ ଏହାକୁ ଅନୁପାଳନ କରିବା ସମସ୍ତଙ୍କ କର୍ତ୍ତବ୍ୟ ।



# ଓଡିଶା ଶିଳ୍ପ ବିକାଶ ମାନଚିତ୍ରରେ କଳିଙ୍ଗନଗର ଇସ୍ପାତ କରିଡର

**ହଳଧର ଧୀର**

ପ୍ରକୃତିର ମାଟି, ପାଣି, ପବନ, ପ୍ରାକୃତିକ ସମ୍ପଦକୁ ବିନିଯୋଗ କରି ବିଭିନ୍ନ ଶିଳ୍ପମାନ ସ୍ଥାପିତ ହୋଇଛି ଆମଦେଶରେ । ଦେଶର ଆର୍ଥିକ ସ୍ଥିତିକୁ ସୁଦୃଢ କରିବା ଲାଗି କେନ୍ଦ୍ର ଓ ରାଜ୍ୟ ସରକାରମାନେ ଶିଳ୍ପ ବିପ୍ଳବ ପାଇଁ ନିତୀ ନିର୍ଦ୍ଧାରଣ କରି ବ୍ୟାପକ କାର୍ଯ୍ୟପନ୍ଥାମାନ ଗ୍ରହଣ କରି ଆସୁଛନ୍ତି । ଓଡିଶା ରାଜ୍ୟର ପ୍ରଥମ ଇସ୍ପାତ ଶିଳ୍ପ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଠାରୁ ଆରମ୍ଭ କରି ଅନ୍ୟାନ ଶିଳ୍ପମାନ ସ୍ଥାପନ କରାଯାଇ ପାରିଛି । ଶିଳ୍ପ ପ୍ରତିଷ୍ଠା ରାଜ୍ୟ ସରକାରଙ୍କ ବିକାଶର ଏକ ମାଇଲ ଖୁଣ୍ଟ ।

ସମୟ ବଡ ବିଚିତ୍ର, ସାରାଜଗତ ତାର ନିୟନ୍ତ୍ରଣରେ । ଆଉ ପ୍ରକୃତି ତାର ନିଜସ୍ୱ ଧର୍ମ ପାଳନ କରି ଆସୁଛି । ପ୍ରାକୃତିକ ଶୋଭାରେ ମହିମା ମଣ୍ଡିତ ଓଡ଼ିଶାକୁ ପ୍ରକୃତିର ଅବଦାନ ଅନବିଦ୍ୟ । ପ୍ରକୃତିର ଦାନ ଓଡିଶା ପାଇଁ ବରଦାନ ସଦୃଶ । ଏହି ପ୍ରାକୃତିକ ସମ୍ପଦରେ ଭରା ଓଡିଶାକୁ ଦିନେ ଶିଳ୍ପ ସମୃଦ୍ଧ କରିବାର ସ୍ୱପ୍ନ ଦେଖିଥିଲେ ଝଡର ଇଗଲ, ମାଟିରମୂର୍ତ୍ତିକାର କଳିଙ୍ଗରଥର ଯୋଦ୍ଧା ପୁରୁଷ, ମଣିଷ ଓ ମାଟିକୁ ଭଲ ପାଉଥିବା ଦୃଢ ସଂକଳ୍ପବାଦୀ ବ୍ୟକ୍ତିତ୍ୱ, ବିଶ୍ୱଦରବାରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଆଉ ଆମ ଜନନୀ ଜନ୍ମଭୂମିର ଗୌରବ ବୃଦ୍ଧି କରିଥିବା ସେହି ମହାନ ବ୍ୟକ୍ତିତ୍ୱ, ଆମ୍ଭମାନଙ୍କର ନମସ୍ୟ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ, ମଖ୍ୟମନ୍ତ୍ରୀ, ସ୍ୱର୍ଗତ ବିଜୁପଟ୍ଟନାୟକ । ସେହି ଦୃଢ଼ ସଂକଳ୍ପବାଦୀ ବଜ୍ର ପୁରୁଷ ତାଙ୍କର ସ୍ୱପ୍ନକୁ ସାକାର ମଧ କରିଥିଲେ । ତାର ଫଳଶ୍ରୁତି ଆଜିର କଳିଙ୍ଗନଗର, ଓଡିଶାର ଇସ୍ପାତ ରାଜଧାନୀ କଳିଙ୍ଗନଗର, ଯାଜପୁର ଜିଲ୍ଲାର ସୁକିନ୍ଦା, ତ୍ରୀଜଙ୍ଗାଦାନଗଦୀ, ବ୍ୟାସନଗର ଓ ସୁକିନ୍ଦା ତହସିଲ ଅଞ୍ଚଳକୁ ନେଇ ମଥା ଟେକି ଛିଡା ହୋଇଛି ବୃହତ ଇସ୍ପାତ ଶିଳ୍ପପୁଞ୍ଜ । ତାର ଆବଶ୍ୟକତା ପୁରଣ କରୁଛି କ୍ରୋମ୍ ଓ ଲୌହ ଖଣିଜ ସମ୍ପଦ । ଯାହା ଫଳରେ ଶିଳ୍ପପତିମାନେ ଉପକୃତ ହେଉଛନ୍ତି । ଦୃତଗତିରେ ସେମାନଙ୍କର ଆର୍ଥିକ ଅଭିବୃଦ୍ଧି ଘଟୁଛି । ସରକାର ମଧ ନିଜର ଆତ୍ମବଡିମା ଦେଖାଇଲେ ଆଉ କିଛି ସ୍ୱଳ୍ପ ରାଜସ୍ୱ ମଧ ପାଇଲେ । ଶିଳ୍ପପତିମାନେ ଜନକଲ୍ୟାଣ ପାଇଁ ନିଜର ଉତ୍ତର ଦାୟିତ୍ୱକୁ ଭୂଲି ଗଲେ । ଅପର ପକ୍ଷରେ ଶିଳ୍ପପତିମାନେ ପାଣି, ପବନ, ଭୂମି, ପ୍ରକୃତି ରୂପି ଜଙ୍ଗଲ ଓ ଖଣିଜ ସମ୍ପଦର ଅଧିକାରୀ ହୋଇଗଲେ ।

ଶିଳ୍ପ ପାଇଁ ନିଜର ଭିଟାମାଟି ହରାଇଥିବା, ଲୋକମାନଙ୍କର ଶିଳ୍ପ ପ୍ରତିଷ୍ଠା ପାଇଁ ଥିବା ସେମାନଙ୍କର ଉତ୍ସର୍ଗୀକୃତ ତ୍ୟାଗ ଓ ନିଷ୍ଠାକୁ ଶିଳ୍ପପତିମାନେ ଭୁଲିଗଲେ । ଶିଳ୍ପ ସମୃଦ୍ଧି ଓ ଗମନାଗମନ ଲାଗି ରାସ୍ତା ଓ ଇସ୍ପାତ କରିଡର ନିର୍ମାଣ ପାଇଁ ଜମି ହରାଇଥିବା ଲୋକମାନଙ୍କର ସ୍ୱାର୍ଥ ପ୍ରତି ସରକାର, ପ୍ରଶାସନ ଓ ସ୍ଥାନୀୟ ଲୋକ ପ୍ରତିନିଧି ଏବଂ ଶିଳ୍ପ ପତିମାନେ କିପରି ଅଣଦେଖାକରି ଗାନ୍ଧିଜୀଙ୍କର ତିନିମାଙ୍କଡ଼ର ଭୂମିକା ଗ୍ରହଣ କରି ଲୋକମାନଙ୍କ ପାଇଁ ଗାନ୍ଧିଜୀ ଦେଖିଥିବା ସ୍ୱପ୍ନକୁ ଜାଣିଶୁଣି ଭୁଲି ଗଲେ କିପରି ? ତାହା ପ୍ରକୃତରେ ବ୍ୟଥିତ କରିଛି ଶିଳ୍ପପୁଞ୍ଜି ପାଖରେ ଥିବା ଅସହାୟ ଅଞ୍ଚଳବାସୀଙ୍କୁ । ତଥାପି ଶିଳ୍ପ ପ୍ରତିଷ୍ଠା ହେଉ ବୋଲି ସରକାରଙ୍କୁ ସମର୍ଥନ ଜଣାଇ ଆସୁଛନ୍ତି ଅଞ୍ଚଳବାସୀ । ଓଡିଶାର ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ସେମାନଙ୍କର ଶ୍ରଦ୍ଧା ଓ ବିଶ୍ୱାସ ଅତୁଟ ରଖିଛନ୍ତି । କଳିଙ୍ଗନଗର ଇସ୍ପାତ ରଜଧାନୀର ମାନଚିତ୍ରରେ ଆଉ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିବାକୁ ଯାଉଛି ଜନଗଣଙ୍କର ଜୀବନରେଖା, ଅର୍ଥନୀତି ଅଭିବୃଦ୍ଧିର ବର୍ତ୍ତିବିଭା । ରାଜ୍ୟ ଅର୍ଥନୀତି ଓ ଆନ୍ତଃ ରାଜ୍ୟ ସମ୍ପର୍କ ବୃଦ୍ଧି ସଂଯୋଗୀ କରଣର ରେଖାଚିତ୍ର, ଏହା ହେଉଛି ବଜ୍ର ପୁରୁଷ ବିଜୁ ପଟ୍ଟନାୟକଙ୍କ ଦ୍ୱିତୀୟ ଇସ୍ପାତ କାରଖାନା ପ୍ରତିଷ୍ଠା ସ୍ୱପ୍ନର ଫଳଶ୍ରୁତି । ଇସ୍ପାତ ଶିଳ୍ପ ସମୂହର ବହୁ ଦିନର ପ୍ରତିକ୍ଷୀତ ଆଶା ଓ ବିଶ୍ୱାସର ପ୍ରତିଫଳନ । ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇଥିବା ରାଜ୍ୟବାସୀ ଓ ତ୍ରୀଜଙ୍ଗାଦାନଗଦୀ ଅଞ୍ଚଳବାସୀଙ୍କ ସହ ଅନ୍ୟ ଅଞ୍ଚଳର ପ୍ରତିଟି ମଣିଷର ସ୍ୱପ୍ନ ଆଜି ସାକାର ହେବାକୁ ଯାଉଛି । ଓଡିଶାର ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ଶାସନ କାଳରେ ଲୋକମାନଙ୍କ ମୁହଁରେ ଆଜି ହସଫୁଟି ପାରିଛି । ଆଉ ସେମାନଙ୍କ ଜୀବନ ଓ ଜୀବିକାର ରାସ୍ତା ମଧ ଆଜି ସୁଗମ ହୋଇ ପାରିଛି । ସେଥିଲାଗି ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଅଞ୍ଚଳବାସୀ କେଉଁ ଭାବରେ ସେମାନଙ୍କର ଶ୍ରଦ୍ଧା ଓ କୃତଜ୍ଞତା ପ୍ରକଟ କରିବେ ତାହା ବୁଝିପାରୁନାହାନ୍ତି । ବିଜୁବାବୁଙ୍କୁ ନେଇ ଗର୍ବ କରୁଥିବା ଓଡିଶାର ଜନଗଣ ଏଥି ପାଇଁ ସେମାନଙ୍କର ପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରୁଛନ୍ତି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ପିତା ବିଜୁପଟ୍ଟନାୟକଙ୍କର ସ୍ୱପ୍ନକୁ ଆଜି ତାଙ୍କର ସୁଯୋଗ୍ୟ ପୁତ୍ର, ସମସ୍ତଙ୍କର ଆଦରଣୀୟ, ସମ୍ମାନନୀୟ, ବୀର କଳିଙ୍ଗ ମାଟିର ସୁପୁତ୍ର, ଓଡିଶାବାସୀଙ୍କର ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାକାର କରିବାକୁ ଯାଉଛନ୍ତି । ମୁଖ୍ୟମନ୍ତ୍ରୀଙ୍କର ଓଡିଶା ବିକାଶ ମାନଚିତ୍ରରେ ଯୋଡି ହେବାକୁ ଯାଉଛି ବହୁ ପ୍ରତିକ୍ଷୀତ ପ୍ରାୟ ସତେଇଶ କୋଟି ଟଙ୍କା ବ୍ୟୟରେ ରାଜ୍ୟ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ ହୋଇଥିବା ଚୋରଦା ଢୁବୁରିବାଇ ପାସ ବା କଳିଙ୍ଗନଗର ଇସ୍ପାତ କରିଡର ରାସ୍ତା ଯାହାକି ଜାତି ଉଦ୍ଦେଶ୍ୟରେ ସମର୍ପିତ ବା ଲୋକାର୍ପିତ ଲାଗି ସଂପ୍ରତି ଦୃତ ପ୍ରସ୍ତୁତି ପଥରେ । ଏଥିସହ ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ଓଡିଶାର ବର୍ଷିଆନ ସମାଜ ସେବୀ, ରାଜନେତା, ପୂର୍ବତନ ମନ୍ତ୍ରୀ, ଯାଜପୁର, କୋରାଇ, ସୁକିନ୍ଦାବାସୀଙ୍କର ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଥିବା, ସମସ୍ତଙ୍କର ପ୍ରିୟ, ଦୁଃଖସୁଖର ସାଥି, ସମସ୍ତଙ୍କ ପରିବାରର ମୁରବୀ କହିଲେ ଅତ୍ୟୁକ୍ତି ହେବ ନାହିଁ । ଯାଜପୁର ମାଟିର ଭୂମିପୁତ୍ର ପୂର୍ବତନ ମନ୍ତ୍ରୀ, ବିଧାୟକ ସ୍ଥିତପ୍ରଜ୍ଞ ଡ.ପ୍ରଫୁଲ ଚନ୍ଦ୍ର ଘଡାଇଙ୍କର ଏହି ରାସ୍ତା ନିର୍ମାଣ ଏକ ବଡ ସ୍ୱପ୍ନ ଥିଲା, ବହୁ ଝଡ଼ଝଞ୍ଜା ଭିତରେ ତାଙ୍କର ଓ ଲୋକମାନଙ୍କର ସ୍ୱପ୍ନ ଆଜି ସାକାର ହେବାକୁ ଯାଉଛି । ସ୍ମରଣ ଯୋଗ୍ୟ ଯେ ଏହି ଇସ୍ପାତ କରିଡ଼ର ବାଇପାସ ରାସ୍ତା ନିର୍ମାଣ ସ୍ୱପ୍ନର ଜୁଆରରେ ଭଟ୍ଟା ପଡି ଯାଇଥିବା ସମୟରେ ସମସ୍ତ ପ୍ରତିବନ୍ଧକ ଓ ସମସ୍ୟା ସମାଧାନର ସୂତ୍ରଧର ଭାବେ ତତ୍‌କାଳୀନ ମନ୍ତ୍ରୀ ତଥା ସୁକିନ୍ଦା ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ଲିଭାଇ ଥିଲେ । ତାଙ୍କର ନିଷ୍ଠା, ଉଦ୍ୟମ ଓ ବୁଦ୍ଧିମତା ଯୋଗୁଁ ଏହି ଇସ୍ପାତ କରିଡର ରାସ୍ତା ଲାଗି ଘରଦ୍ୱାର, ଜମିବାଡି ହରାଇଥିବା ତ୍ରୀଜଙ୍ଗାଦାନଗଦୀ ଗ୍ରାମବାସୀଙ୍କ ପୁଞ୍ଜିଭୂତ ଅସନ୍ତୋଷ ଓ ସମସ୍ୟାକୁ ସମାଧାନ କରିବାରେ ମଧ ସେ ସକ୍ଷମ ହୋଇପାରିଥିଲେ ।

ଯାହା ଫଳରେ କି ତ୍ରୀଜଙ୍ଗା ଗ୍ରାମବାସୀମାନେ ନିଜର ପ୍ରିୟ ବିଧାୟକ ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରତି ସେମାନଙ୍କର ଆସ୍ଥା ପ୍ରକଟ କରିଥିଲେ ମଧ ସରକାରଙ୍କ ଦ୍ୱାରା ଜୋରଜବରଦସ୍ତ ଦଖଲ କରାଯାଇଥିବା ଜମି ଓ ଘରର ଉଚିତ୍ ମୂଲ୍ୟର କ୍ଷତି ପୁରଣ ଅର୍ଥ ଆଜି ପର୍ଯ୍ୟନ୍ତ ପାଇପାରି ନାହାନ୍ତି । ଏହା ସତ୍ତ୍ୱେ ମଧ ଜମି ହରାଇଥିବା ଲୋକମାନେ ନିଜ ଜମି ଉପରେ ଗ୍ରିଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ କାର୍ଯ୍ୟରେ କୌଣସି ପ୍ରତିବନ୍ଧକ ସୃଷ୍ଟି ନକରି ସହଯୋଗ ପ୍ରଦାନ କରିଅସୁଛନ୍ତି । ବହୁ ପ୍ରତିବନ୍ଧକ ସତ୍ତ୍ୱେ ଦୁଇହଜାର ସାତ ଓ ଆଠ ମସିହା ବେଳକୁ ଏହି ରାସ୍ତା ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହୋଇଥିଲା ଏହା କେବଳ ତତ୍‌କାଳିନ ମନ୍ତ୍ରୀ ତଥା ସୁକିନ୍ଦା ବିଧାୟକ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡାଇଙ୍କ ଦ୍ୱାରା ସମ୍ଭବପର ହୋଇଥିଲା । ପରବର୍ତ୍ତୀ ସମୟରେ ଓଡିଶା ଯୁବମାନସର ଅଗ୍ରଣୀ, ଦକ୍ଷ ଯୁବନେତା ସୁକିନ୍ଦା ଓ କୋରାଇ ନିର୍ବାଚନ ମଣ୍ଡଳୀର ଜନପ୍ରୀୟ ନେତା ସମସ୍ତଙ୍କର ସୁଖ ଦୁଃଖ ର ସାଥି, ସୁକିନ୍ଦାର ସୁନାମଧନ୍ୟ ବିଧାୟକ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ଯାହାଙ୍କର ଭାବାବେଗ, ଏହି କଳିଙ୍ଗନଗର ଇସ୍ପାତ କରିଡର ଚୋରଦା ଢୁବୁରୀ ରାସ୍ତା ସହ ଜଡିତ । ପ୍ରାୟ ଏକ ଦଶନ୍ଧିରୁ ଉର୍ଦ୍ଧ ସମୟଧରି ଏହି ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇ ପଡିରହିଥିଲା । ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଉପରୁ ତଳସ୍ତରଠାରୁ ଉପରସ୍ତର ପର୍ଯ୍ୟନ୍ତ ସମସ୍ତଙ୍କର ଦୃଷ୍ଟି ହଟିଯାଇଥିଲା । ତ୍ରୀଜଙ୍ଗାଦାନଗଦୀ ମିଲିଟାରୀ ଛକ ଠାରୁ କୁଆଁରଦା ଦମକଳ କେନ୍ଦ୍ର ୨୦ ନମ୍ବର ରାଞ୍ଚି ପାଣିକୋଇଲି ଜାତୀୟ ରାଜପଥକୁ ସଂଯୋଗ କରୁଥିବା ପ୍ରାୟ ୧୫ କିଲୋମିଟର ମଧ୍ୟରୁ ଏହି ସାଢେଗ୍ରରି କିଲୋମିଟର କଳିଙ୍ଗନଗର ଇସ୍ପାତକରିଡର ଚୋରଦାଢୁବୁରୀ ବାଇପାସ୍ ରାସ୍ତାର ନିର୍ମାଣ କାର୍ଯ୍ୟ ତ୍ୱାରାନ୍ୱିତ କରିବାକୁ ସଂକଳ୍ପ ନେଇଥିବା ସୁକିନ୍ଦା ବିଧାୟକ ଇଂ ଘଡାଇଙ୍କର ଉଦ୍ୟମ ଓ ନିଷ୍ଠା ଫଳରେ ଆଜି ଏହି ରାସ୍ତାର ନବକଳେବର ସମ୍ଭବ ହୋଇପାରିଛି । ଫଳରେ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଖୁବ ଶିଘ୍ର ସମ୍ପୁର୍ଣ୍ଣ ହେବାକୁ ଯାଉଛି । ଯେ କୌଣସି ସମୟରେ ଜାତି ଉଦ୍ଦେଶ୍ୟରେ ଏହି କରିଡର ରାସ୍ତା ସମର୍ପିତ ହୋଇପାରେ । (କ୍ରମଶଃ)


+ ବରିଷ୍ଠ ସାମ୍ବାଦିକ,
ଭୁବନେଶ୍ୱର,(ମୋ)୯୪୮୬୩୯୪୫୩




# କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର

**ସୁଦର୍ଶନ ମହାପାତ୍ର**

ଏବେ ତ ଆମ ବନ୍ଧୁତା ଦୂର ପାହାଡ ସେପଟେ ହଜିଯାଇଥିବା ଧାରେ ଝାପସା ଆଲୁଅ ଭଳି ! ହାତ ବଢେଇଲେ ବି ଆଉ ଛୁଇଁ ହେଉନି । ଟିକିଏ ଶୁଣିଯା' ବୋଲି ଯେତେ ଆକୁଳ ହୋଇ ଡାକିଲେ ବି ତୋ ପାଖରେ ଆଉ ପହଞ୍ଚି ପାରେନା ବିନତି । ତୋତେ ନେଇ ସ୍ମୃତିରେ ବଞ୍ଚିବାକୁ ପଡ଼ିବ ; ନବ !

'ନବ' ମୋର ପିଲାଦିନର ବନ୍ଧୁ । ଆମେ ଦୁହେଁ ଗୋଟିଏ ଗାଁର । ପ୍ରାଥମିକ ବିଦ୍ୟାଳୟରୁ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ସେ ମୋ ସହିତ ପଢୁଥିଲା । ଗଣେଶ ପୂଜା ହେଉ ବା ସରସ୍ୱତୀ ପୂଜା, ଅଗଷ୍ଟ ପନ୍ଦର ହେଉ ଅବା ସାଧାରଣତନ୍ତ୍ର ଦିବସ,ନବ ହିଁ ଖୋଜାପଡେ ଶିକ୍ଷକମାନଙ୍କର ।ବେଞ୍ଚ, ଡେସ୍କ ସଜାଡ଼ିବା , ପତାକା କାଟି ସୂତୁଲିରେ ଅଠା ବୋଲି ଲଗାଇବା, ବିଦ୍ୟାଳୟ ପରିଷ୍କାର ପରିଛନ୍ନ କରିବାରେ ଯେମିତି ନବ ହାତର ସ୍ୱର୍ଶ ଥାଏ ! ଆମେ ସବୁ ତା'ର ବୋଲକରା। ଏସବୁ କାମରେ ।ଯେ କୌଣସି ପୂଜା ଅବା ଉତ୍ସବରେ ଫୁଲ ଯୋଗାଡ ଦାୟିତ୍ୱ ଶିକ୍ଷକ ମାନେ ଦିଅନ୍ତି ନବକୁ, ଆଉ ନବ ସବୁ କାମ ସୁରୁଖୁରୁରେ କରାଇ ନିଏ ପିଲା ମାନଙ୍କ ଦ୍ୱାରା ।ସେ ଜାଣିଥାଏ କାହା ବାଡ଼ିରେ କେଉଁ ଫୁଲ ଅଛି ଅବା କାହା ବାଡ଼ିରେ ଅଛି ଦେବଦାରୁ ଗଛ, କଦଳୀ ଗଛ ଇତ୍ୟାଦି..!

ପ୍ରାର୍ଥନା ସଭାକୁ ଯେମିତି ଭାବରେ ନବ ପରିଚାଳିତ କରେ ଏବଂ ଶିକ୍ଷକ ମାନଙ୍କର ଆଦର ଆଦୃତି ଲାଭ କରେ, ମୁଁ ମନେ ମନେ ଭାବେ ମୁଁ ନବ ପରିକା ହୋଇ ଯାଆନ୍ତି କି ?କେବଳ ଗୋଟିଏ କ୍ଷେତ୍ରରେ ମୁଁ ନବ ଠାରୁ ଟିକେ ଆଗୁଆ । ତାହା ହେଉଛି ପାଠପଢ଼ା। ସେ ପାଠପଢ଼ାରେ ଏତେଟା ଭଲ ନଥିଲା । ମୁଁ ତାହା ସହ ମିଶି ପାରିବାର ଏଇ ଗୋଟିଏ ମଉକା ଥିଲା । ପାଠପଢ଼ାରେ ସେ ମୋ ସାହାଯ୍ୟ ନିଏ । ମୋ ଠାରୁ ଖାତା ନେଇ ସବୁ ପ୍ରଶ୍ନର ଉତ୍ତର ଟିପିଦିଏ ।ପ୍ରତି ବଦଳରେ ସେ ଅବଶ୍ୟ ମୋତେ ଯାଚିଦିଏ କାଗଜ ତିଆରି ଡଙ୍ଗା, ଚଢ଼େଇ,କାଳିଦୁଆତ ଏବଂ ସର୍ବୋପରି କାଗଜ ତିଆରି ରକେଟ୍ । ସେ ବି ଶିଖାଇ ଦିଏ ରକେଟ୍ ଉଡାଇବାର କଳା କୌଶଳ ।

ଯଦିଓ ଆମେ ଏକା ସାଙ୍ଗରେ ପଢୁ, ନବ ଆମମାନଙ୍କ ଠାରୁ ଟିକେ ବୟସ୍କ ଲାଗେ । ବାଗୁଡ଼ି ଖେଳରେ ସମସ୍ତେ ଚାହାଁନ୍ତି ନବ ତାଙ୍କ ପଟରେ ଖେଳୁ । କବାଡି ଖେଳରେ ନବ ରା' ଧରିଲେ ବିପକ୍ଷ ଦଳ ଥରହର । ବେଳେବେଳେ ଆମେ ତାକୁ ଖେଳେଇ ଦେଉନା ।ସେ କିନ୍ତୁ ସେମିତି ରାଗେନା ଅବା ମନ ଦୁଃଖ ବି କରେନା ।ସେ ଜାଣିଥାଏ ଭିତିରି କଥା । ହସିଦେଇ କହେ-' ହଉ, କାଲି ସ୍କୁଲରେ ବଗିଚା କାମରେ ଲଗେଇଦେବି ।'ସେ ସ୍କୁଲରେ ଥିଲା 'ବଗିଚା ମନ୍ତ୍ରୀ' ।

ମୁଁ ପ୍ରଧାନମନ୍ତ୍ରୀ ଥିଲେ ବି ସେ ମୋତେ ମୋଟେ ମାନେନା ।

ନବ ସବୁରି ପ୍ରିୟ ଥିଲା । ତା'ର ହସ ହସ ମୁହଁ ଖୁବ୍ ସୁନ୍ଦର । ମୋତେ ତ ଶ୍ରୀକୃଷ୍ଣଙ୍କ ଛବି ଭଳି ଲାଗେ ପିଲାଦିନେ । ହାଇସ୍କୁଲ ଗଲାପରେ, ନବ ବି ସବୁରି ପ୍ରିୟ ହୋଇଗଲା କମ୍ ଦିନ ଭିତରେ । ଗାଆଁ ଠାରୁ ଅଳ୍ପ ଦୂରରେ ଥିବା ' ସାମନ୍ତ ସିଂହାର କେଳୁଚରଣ ଉଚ୍ଚ ବିଦ୍ୟାଳୟ' ରେ ଆଖପାଖର ପ୍ରାୟ ସାତ ଆଠଟି ଗାଁର ପିଲା ପଢନ୍ତି । ସମସ୍ତଙ୍କୁ ପଛରେ ପକାଇ ସ୍ୱୀୟ ଗୁଣ ବଳରେ ସେ ପୁରା ବିଦ୍ୟାଳୟର ଆଦର ଲାଭ କରିଥିଲା । ବିଦ୍ୟାଳୟ ପରିସରର ସବୁଜିକରଣରେ ତା'ର ମୁଖ୍ୟ ଅବଦାନ ଥିଲା ।ସମୟ ଅନୁସାରେ ବିଭିନ୍ନ ଫୁଲ ଗଛ ଲଗାଇବା ଠାରୁ ଆରମ୍ଭ କରି ବିଦ୍ୟାଳୟର ସୌନ୍ଦର୍ଯ୍ୟିକରଣରେ ନବ ହାତର ସ୍ୱର୍ଶ ସ୍ୱଷ୍ଟ ବାରି ହେଉଥିଲା । ହାଇସ୍କୁଲ ପରେ ନବ ଆଉ ଆଗକୁ ପଢିପାରି ନଥିଲା ।ପାଠରେ ଦୁର୍ବଳ ତ ଥିଲା,ପାଠ ନପଢିପାରିବାର ଆଉ ଗୋଟିଏ କାରଣ ଥିଲା ଆର୍ଥିକ ଅସଚ୍ଛଳତା... !

ଉଚ୍ଚଶିକ୍ଷା ପାଇଁ ମୁଁ ଗାଁ ଛାଡିଲି । କେତେ ବର୍ଷ ପରେ ନବ ଆମରି ହାଇସ୍କୁଲରେ ପିଅନ ଚାକିରୀରେ ଯୋଗ ଦେଲା ବୋଲି ଜାଣିଲି ।୨୭ ଜାନୁଆରୀ ୨୦୧୯ ରେ ମୋର ନବ ସହ ଦେଖା ହୋଇଥିଲା ଶେଷଥର ପାଇଁ । ସେଦିନ ଥିଲା ଆମ ବ୍ୟାଚର ବନ୍ଧୁ ମିଳନ ଉତ୍ସବ ।ନବ ରୋଷେଇ ତଦାରଖ କରୁଥିଲା ।ତା' ପାଖରେ ଯାଇ ବସିଲି । ସେ ଅଭିମାନରେ ଚିରାଚରିତ ଭାବେ କହିଲା-'ତୁ କ'ଣ ମୋତେ ଆଉ ପଚାରୁଚୁ ନାଁ ମନେ ରଖିଛୁ ?ସହରରେ ରହି ଭୁଲିଗଲୁ ସବୁ ।'

ମୋ ବ୍ୟାଗରୁ ବାହାର କଲି ବନ୍ଧୁ ମିଳନ ଉତ୍ସବର 'ସ୍ମରଣିକା' ପତ୍ରିକା ।ତା' ହାତରେ ଦେଇ ପୃଷ୍ଠା ଖୋଲି ଦେଖେଇ ଦେଲି ଗପଟିଏ , 'ପରିବାର'- ଲେଖକ:ନବ କିଶୋର ବାରିକ୍ । ପତ୍ରିକାର ସମ୍ପାଦନା ମୋ ଦ୍ୱାରା ହୋଇ ଥିବାରୁ , ମୁଁ ନବ ପାଇଁ ଲେଖି ଦେଇଥିଲି ଗପଟି ତା'ରି ଭାଷାରେ, ତା'ରି କୁହା ସୁଖଦୁଃଖର ପାରିବାରିକ ଘଟଣାକୁ ନେଇ ।ଖୋଲି ବି ଦେଖାଇଲି ସମ୍ପାଦକୀୟ ପୃଷ୍ଠାରେ ମୁଁ ଲେଖିଥିବା 'କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର' ର ବାର୍ତ୍ତା । ଲୁହ ଛଳଛଳ ଆଖିରେ ମୋତେ କୁଣ୍ଡାଇ ପକାଇଲା ନବ ।

ଛଅ, ସାତ ମାସ ଯାଇଛି କି ନାହିଁ ଶୁଣିଲି ନବକୁ କ୍ୟାନ୍ସର । ସେ ଚିକିତ୍ସା ପାଇଁ ବମ୍ବେରେ । ସାଙ୍ଗମାନେ ଆଦାୟ କରି କିଛି ସାହାଯ୍ୟ କଲେ । ମାତ୍ର ନବ ଆମକୁ ଛାଡି ଚାଲିଗଲା ସବୁଦିନ ପାଇଁ । ଛାଡି ଚାଲିଗଲା ତା' ପୂଣ୍ୟ କ୍ଷେତ୍ରକୁ... ! ତା' ବିଦ୍ୟାଳୟକୁ... ! !


+ କୁଞ୍ଜବିହାରୀ ଲେନ,
କଟକ





## ହେ ଜହ୍ନ ତୁମେ...

**ପବିତ୍ର କୁମାର ସାହୁ**

ସେଦିନର ଜହ୍ନ ତୁମେ ନିଦାଘର
ଥଣ୍ଡା ଜ୍ୟୋସ୍ନା ଢାଳି
କମ୍ପମାନ କଳେବରେ
ସ୍ଥିରତା ଭରିଲ
ଅଜସ୍ର ଶାନ୍ତିର ଜୁଆର ଭାଙ୍ଗିଲ
ନବ ଉନ୍ମାଦ, ଆହ୍ଲାଦ ପ୍ରକାଶିଲ
ଉଗ୍ରମନରେ ନବୀନ ଉଲ୍ଲାସ
ତୁମେ ହିଁ ଭରିଥିଲ
ବେରଙ୍ଗ ଜୀବନେ ରଙ୍ଗତୂଳୀଧରି
ପ୍ରେମରଙ୍ଗ ବୋଳିଥିଲ
ମାଧୁର୍ଯ୍ୟ ସାରଲ୍ୟ
ବର୍ଷାରେ ଭିଜାଇଥିଲ
ସୁନ୍ଦର ରୂପଚର୍ଯ୍ୟାରେ
ମୋତେ ସଜେଇଥିଲ
କେତେ ରାତ୍ରିର ସ୍ୱପ୍ନ
ତୁମେ ଚୋରେଇଥିଲ
ପୁଲକିତ ଉଚ୍ଛୁଳା ଯୌବନରେ
ଅସରାଏ ପ୍ରେମବାରି ଛିଞ୍ଚିଥିଲ
ଭଙ୍ଗନିଦ୍ରାରେ ନିଦ୍ରାଦେବୀ
ହୋଇ ସଞ୍ଚରିଥିଲ
ଅପୂର୍ଣ୍ଣ ଆକାଂକ୍ଷାରେ ପୂର୍ଣ୍ଣତା
ଆଣିଥିଲ
ବେଦନା ଯନ୍ତ୍ରଣା ଘା'ରେ
ମଲମ ଲେପିଥିଲ
ମୋ ନୟନ ଅଶ୍ରୁକୁ ତୁମେ
ଠିକ୍ ଠିକ୍ ବୁଝିଥିଲ
ନିଶାର୍ଦ୍ଧରେ ତୁମେ ମେଘ ମହ୍ଲାର
ସାଜି ହୃଦୟ ପଙ୍କରେ
ଶ୍ୱେତ କୁମୁଦ ଫୁଟାଇଥିଲ
ବାଙ୍କ ଚାହାଁଣିରେ ନରମ ମନରେ
ପୁଷ୍ପନାରାଚ ବିନ୍ଧିଥିଲ
ଶାନ୍ତି ଦୟା ପ୍ରେମରସ ଗୁଣେ
ମୋ ଅନ୍ତଃପୁର ଶୁଦ୍ଧକଲ
ଅମାବାସ୍ୟାର ଘନ ତିମିର ଗ୍ରାସରେ
ତୋ ଚକ୍ମକ୍ ଯୌବନରୂପ କଲବଲ
ଦେଖି ମୋ ବଢିଲା ଉଦ୍ବେଗ
ଭୟଭୀତ, ବିଷାଦିତ, ସ୍ତବ୍ଧ
ପୁଣି ଚଞ୍ଚଳ, ହଟାହଟ ଆଶଙ୍କାର
ପରିଧି ମଧ୍ୟରେ ଏ ମନ
ବନ୍ଦୀ, ଅଣନିଃଶ୍ୱାସୀ ହୋଇ
ଗୁଡୁମ୍ ହୋଇଛି ତା'ଅକଲ
ତୋ ବିପତ୍ତି ଦେଖି କେମନ୍ତେ ସହିବି
ହେ ପ୍ରିୟତମା ଜହ୍ନ !
କିଏ ଆଉ ଭରିଦେବ କହ
ଏ ବେଦନାପୂର୍ଣ୍ଣ ଯନ୍ତ୍ରରେ ପ୍ରାଣ ?
ହୃଦରେ ଧକ୍ ଧକ୍ ସ୍ପନ୍ଦନ ?
ଚାହିଁ ରହିଥିବି ହେ ସ୍ୱପ୍ନ ତରୁଣୀ !
ତୋ ଆଗମନର ପଥ
ନିଶ୍ଚୟ ଫେରିବୁ ଧରି ପୂର୍ବ ଚାରୁହାସ
ଅଭାଗା ବକ୍ଷରେ ବୁଣିଦେବୁ
ଶୀତାଂଶୁର ବୀଜ
ରୋମାଞ୍ଚ ଲହରୀ ପୁଷ୍ଟ ଖେଳିବ
ଉଚ୍ଛୁଳି ଏ ମନ ମହଲ
ହେ ଜହ୍ନ ତୁମେ,
ମୋ ସ୍ୱପ୍ନର ସାଥି ଥିଲ ।


+ସଂସ୍କୃତ ଶିକ୍ଷକ,
ଘଷିପୁରା, ଅତାସାହି, କେନ୍ଦୁଝର
ମୋ: ୯୭୭୭୫୬୦୯୨୧


## ସ୍ୱପ୍ନ...

**ଡିସମ୍ବର ମେହେର**

ସଭିଏଁ ଦେଖନ୍ତି ସ୍ୱପ୍ନ ରାତିରେ
ମୁଇଁ ଦେଖେ ଦିନ ବେଳା
ସ୍ୱପ୍ନ ଦେଖେ ଜିଇଁବାର୍
ଗଣ୍ଡେ ପଖାଳ ଓ ଶାଗ ।

ସଂଘର୍ଷ ଚାଲିଛି ଜୀବନ ଯୁଦ୍ଧରେ
ହାରିବା ଡର ନାହିଁ,
ଜିତିବାର ଆଶା ନାହିଁ
ତଥାପି ନିରସ୍ତ୍ର ହସ୍ତେ କରୁଛି ଲଢେଇ
ଟିକିଏ ବଞ୍ଚିବା ଲୋଭରେ ।

ସ୍ୱପ୍ନ କେବେ ଦେଖିନି
ଭୋଗ ବିଳାସର
ଛ ତିଅଣ, ନ ଭଜାର
ଦେଖିଛି ଭୋକିଲା ପେଟର ସ୍ପନ୍ଦନ
ଲୁହ ଲହୁର କ୍ରନ୍ଦନ ।

ଏ ଅଦିନିଆ ବର୍ଷା ଆଖିରୁ
କେବେ ହେବ ବନ୍ଦ ?
କେବେ ଖୋଲିବ ଲକଡାଉନ୍ ?
କେବେ ଜଳିବ ଚୁଲି ?

ସ୍ୱପ୍ନ କେବେ ହେବ ସତ
ପୁଅ ମୋ କେବେ ଖାଇବ ତପ୍ତଭାତ
ଦେଖି ଦେଖି ସୁଖିଗଲାଣି
ଘରଣୀର ଲୋତକ
ହେ ବିଧାତା !
ତୋର କେମନ୍ତ ବିଚାର ।


+ ଗଣ୍ଡାବାହାଲି ନୂଆପଡା







## ଆଜିର ଉତ୍କଳ

**ଶ୍ରୀକୃଷ୍ଣ ସାମଲ**

କି ସ୍ୱତନ୍ତ୍ରତା
ଲଭିଛି ଉତ୍କଳ
ଲାଗୁଛି ଆଜି ଛାନିଆ,
ବେଙ୍ଗା ସିମାନ୍ତେର
ସୀମା ବିବାଦ ତ
ବଙ୍ଗ ଆଜି ଅମାନିଆ ।
ଆନ୍ଧ୍ର ସୀମାନ୍ତରେ
ନକ୍ସଲର ନିଆଁ
ଲାଗିଛି ସୀମା ବିବାଦ,
ଛତିଶଗଡରେ
ସେହି ଏକା କଥା
ବିପନ୍ନ ଜଳ ସମ୍ପଦ ।
ରାଜ୍ୟ ଅଭ୍ୟନ୍ତରରେ
ଚାଲିଛି ଦୌରାତ୍ମ୍ୟ
ବିହାରୀ ଦାଦାଙ୍କ ଏବେ
ଶୋଷଣ ଦୁଷ୍କର୍ମ
ଚୋରି ଓ ଲୁଣ୍ଠନ
ଥମୁ ନାହିଁ ଜମା କେବେ
କେମିତି ବା ତେବେ
କହିବା ନିଜକୁ
ସ୍ୱତନ୍ତ୍ରତା ଅଛି ବୋଲି,
ସମେସ୍ତ ତ ଏବେ
ଚେଇଁ ଶୋଇଛନ୍ତି
ଯାଇଛନ୍ତି ଏହା ଭୁଲି ।
ଉତ୍କଳ ଜନନୀ
ରୋଦନ କରୁଛି
ଜାଗି ଉଠ ଉତ୍କଳୀୟ,
ନ ହେଲ ସେଦିନ ଫେରି ଆସିବ
ତ
ସବୁ କ୍ଷେତ୍ର ହେବ ହେୟ ।
ଭାଷା ସ୍ୱତନ୍ତ୍ରତା
ଜାତି ସ୍ୱତନ୍ତ୍ରତା
ସୀମା ସ୍ୱତନ୍ତ୍ରତା ଲୋଡା,
ଆଉ ଯେତେ ସବୁ ସ୍ୱତନ୍ତ୍ରତା ଆମ
ଅସାର ଆଉ ଅେଲାଡା ।


+ ଶ୍ରୀକୃଷ୍ଣ ନିବାସ
କରଞ୍ଜିଆ, ମୟୂରଭଞ୍ଜ
ମୋ-୯୪୩୭୩୨୦୬୭୯

## ମନୋଜ ଦାସ

ସୁରଞ୍ଜନ ପାତ୍ର



ମନୋଜ ଦାସ
ଶବ୍ଦର ଦେବାଳୟେ
ମନ୍ତ୍ରମୟ ଧ୍ୱନି
ଅମୃତ ଫଳ ପ୍ରାପ୍ତ
ଅତି ମାନସ ଚେତନାର
କାଳଜୟୀ ମୁନି
ଭାବର ଚନ୍ଦନ ବନେ
ମହମହ ବାସ
କବିତାର ସ୍ୱର୍ଣାଭ ବେଳାରେ
ସୂକ୍ଷ୍ମ ପଦଧ୍ୱନୀ ।

ମନୋଜ ଦାସ
ଶତାବ୍ଦୀର ଆ ିନାଦ ଶୁଣି ପାରୁଥିବା
ଯୁଗଜନ୍ମା ସନ୍ଥ
କନକ ଉପତ୍ୟକାର ରାଜା
ଅବୋଲକରାର ପୃଥିବୀ
ଧୂମ୍ରାଭ ଦିଗନ୍ତ ତଳେ
ନନ୍ଦାବତୀର ମାଝୀ ।

ମନୋଜ ଦାସ
ସମୁଦ୍ର କୂଳର ଏକ ଗ୍ରାମେ ବସି
ସମୁଦ୍ରର କ୍ଷୁଧା ମାପି ପାରୁଥିବା
ଜଣେ ଆବୁପୁରୁଷ
ଲକ୍ଷ୍ମୀର ଅଭିସାର ଆଙ୍କୁଥିବା
ପ୍ରଜ୍ଞା - ପ୍ରଦୀପିକା
ଉପକଥାର ଶତକ ।

ମନୋଜ ଦାସ
ସ୍ମୃତି ଓ ବିସ୍ମୃତିର ସାରନାଥ
ଅରଣ୍ୟର ଉଲ୍ଲାସ
ବିପୂଳାଚ ପୃଥିବୀ
ଚନ୍ଦ୍ରାଲୋକର ପ୍ରହରୀ
ଆକାଶର ଇସାରା
ଭିନ୍ନ ମଣିଷ ଓ
ଶେଷ ବସନ୍ତର ଚିଠି
ମନୋଜ ଦାସ ମହାଯୋଗୀ
ଆଲୋକ ଓ ଆନନ୍ଦର କାହାଣୀ
ପୁଣ୍ୟ ଗର୍ଭା ଭାରତର
ମୁକ୍ତାକାଶ ଖୁସି ।

+ ସଂପାଦକ-ନୀହାରକନ୍ୟା ସାହିତ୍ୟ ସଂସଦ
ନୂଆଗାଁ, ଶିଙ୍ଗାଖୁ ।,
ସୋର, ବାଲେଶ୍ୱର-୪୫
ମୋ -୮୧୧୭୮୦୫୯୫୯

## ଦଗ୍ଧ ଉପତ୍ୟକା - ୩

ମମତା ପ୍ରିୟଦର୍ଶିନୀ ସାହୁ



ହଁ !
ଏବେ ଶବ୍ଦ ମାନେ ବି ବିଦ୍ରୋହୀ
କାଗଜକୁ ଓହ୍ଲାଉ ଓହ୍ଲାଉ
ଭେଦି ଦେଉଛନ୍ତି ଏ ଛାତିରେ
ତୀକ୍ଷ୍ଣ ଶଳାକା ର ପ୍ରହାର ।

ସବୁତକ ଦୁଃଖ, କ୍ଷୋଭ ଆଉ
ଅଭିଯୋଗକୁ ଧୋଇବାରେ ବିବ୍ରତ !
ଅନବରତ ବୋହିଚାଲିଥିବା
ଏଇ ମୋର ତତଲା ଲୁହ !

ଜାଣିଛି !
ଜୀବନ ପାଣିଫୋଟକା !
କ୍ଷଣିକ, ଭଙ୍ଗୁର ,
ଅଳିକ , ଅସାର !
କିଏ ଆଗ ତ କିଏ ପଛରେ
ଧାଡିବାନ୍ଧନ୍ତି ସେଇ ମହାନିଦ୍ରା ପାଇଁ,
ତଥାପି ମୋ ପଣତ ସାରା ଲୁହ ଆଉ
ଲହୁ !

ବୋହିଗଲା ନଈ ,
କ୍ଷରିଗଲା ରକ୍ତକୁ ଫେରେଇବାକୁ
କାହିଁ ବା ସାଧ୍ୟ ?

ସବୁ ସ୍ମୃତିର ଫରୁଆ ଖୋଲିଯାଉଛି
ଅସମୟରେ
କେବେ ହସୁଛି ତ ଆଉ କେବେ ଲୁହ
ହୋଇ ଝରୁଛି
ଛୁ ିଭଳି ଟପ୍ ଟାପ୍ ଫୋଡି ବି
ଦେଉଛି !

ଏତିକି ବୁଝିଛି
ପ୍ରେମ ଅମର
କେବେ ଫଗୁଣ
ତ ଆଉ କେବେ ରୌଦ୍ରତାପ ।

ଆଉଥରେ ଗଢିବା ନୂଆ ସଂସାର
ପ୍ରିୟତମ ମୋର
ଅପେକ୍ଷାରେ ରହିଥିବା ଚାଲ
ନବଜନ୍ମ ପାଇଁ
ପୁଣିଥରେ ପ୍ରେମର ସ୍ରୋତ ହୋଇ
ବୋହିଯିବାପାଇଁ ।

+ଓଡିଆ ଅଧ୍ୟାପିକା,
ସରକାରୀ ଏସ୍ ଏସ୍ ଡି, ଏଚ୍ ଏସ୍ ଏସ୍
ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟ,
ବାଲିଶଙ୍କରା ,
ସୁନ୍ଦରଗଡ

## ସେଦିନ ମୁଁ ଫେରିବି

ସୁଜାତା ଗିରି



ଏଠି ସେଠି ସବୁଠି
ଦୂରଦିଗ୍ ବଳୟ ଯାଏ
ଘୁରି ବୁଲୁଛି ଛଳନାର ଆଖି
ଅଗାଳୁଛି ମଣିଷ ହଳାହର୍ଲ୍ଳିଷ !!

ଏଠି ଅଛନ୍ତି ରାବଣ
ସୀତାକୁ ପାରିକର୍ବ୍ବାକୁ
ଲକ୍ଷ୍ମଣରେଖା !!

ଏଠି ଅଛନ୍ତି ପୂତନା
ବାତ୍ସଲ୍ୟ ଝର ଦେଇ
ଶୁଷ୍କ ଓଠେ
ଧଂସିବାକୁ ଯାଦବ ବଂଶ !!

ଏଠି ବି ଅଛନ୍ତି ଶକୁନି
ଖେଳୁଛନ୍ତି ପଶାପାଲି
କୌରବକୁ ନିପାତ କରି
ଦେବାକୁ ପାଣ୍ଡୁଙ୍କୁ ଅଧିକାର !!

ଏଠି ଅଛନ୍ତି ମନ୍ଥରା
ଗଢ଼ିବାକୁ ସୁମାତା ରୁ କୁମତା !!

ଏଠି ବୁଲୁଛନ୍ତି ଗୌତମ ମୁନି
ବେଶେ ଶତ ସହସ୍ର ଇନ୍ଦ୍ର
ଅହଲ୍ୟା ମସ୍ତକେ ଥୋଇବାକୁ
କଳଙ୍କର ବୋଝ !!

ଏଠି ଭୋକ ଜହ୍ନକୁ
ଭାବୁଛି ରୁଟି
କଫନକୁ ଭାବୁଛି ବସନ !!

ମଧ୍ୟ ରାତ୍ରେ କାନ୍ଦୁଛି ଶ୍ମଶାନ
ଗୁମୁରି ଗୁମୁରି !!
ଏଠି ଦେହର କ୍ଷୁଧା ପାଇଁ
ଯୂପକାଠେ ଥୋଆ
ହଳଦୀ ଗରଗର ସୁନାର ସକାଳ
ଅଥଚ ଅପପୁଷ୍ଟି ରେ ଝରିଯାନ୍ତି
କେତେ ସଜଫୁଲ !!

ଏଠି ସଂସଦର ଶ୍ରୀମନ୍ଦିରେ
ସତ୍ୟ ମେବ ଜୟତେକୁ
ଦିଆଯାଏ ଫାଶୀ,
ଗଣତନ୍ତ୍ରକୁ ବାରବାର
କରାଯାଏ ହତ୍ୟା ,
ପ୍ରହସନର କେଣ୍ଡେଲ
ଯାତ୍ରାରେ ଶୋଇପଡ଼େ ଗୋଟିଏ
ଅଭାଗିନୀ ଦେଶର ନକ୍ସା !!

ଏଠି ମନ୍ତ୍ର ବିକୁଛି ପଣ୍ଡିତ
ଏଠି ଆଜାନ ବିକୁଛି ମୌଲାନା
ଏଠି ସାଧନା ବିକୁଛି ସାଧକ !!

ହଁ ସେଦିନ ମୁଁ ଫେରିବି....
ମୋ ସଂସ୍କାର, ତ୍ୟାଗ
ସାମର୍ଥ୍ୟର ମର୍ଯ୍ୟାଦା ବଳେ
ଖୋଲିଦେବି ସବୁ
ଛଦ୍ମବେଶୀଙ୍କ ଆସ୍ତିତ୍ୱ ,
ଓଲଟା ପଡ଼ିବ ଶକୁନିର ପଶା !!

ସବୁ ଅସତ୍ୟର ଜୟ ପାଇଁ
ହଁ ମୁଁ ଦ୍ରୌପଦୀ ହୋଇ
ମୁକ୍ତକେଶ ରେ ଲଢ଼ିବି
କିଏ ବାଜିଲାଗିବ ମୋତେ
କିଏ ସେ କରିବ ଉଲଗ୍ନ !!

ବାରବାର ଜନ୍ମ ନେବି
ଦେବୀ ହୋଇ
ଅସତ୍ୟର ମସ୍ତକ ଛେଦନ କରି
ସର୍ଜିବି ଧର୍ମର କୁରୁକ୍ଷେତ୍ର
ଲୋଡ଼ା ପଡିବେନି
କେଉଁ ସଖା
କେଉଁ ମହାଯୋଦ୍ଧା
କେଉଁ ସାରଥି
ଆସୁ ଯେତେ ଦୁଃଶାବୀର !!

ରକ୍ତ ମୁଖୀ ହୋଇ ନାଶିବି ଅସୁର
ଦୁଷ୍ଟ ଙ୍କୁ କରିବି ବିନାଶ
ସଜେଇ ନିଜକୁ ମହାକାଳୀ ରୂପେ !!

+ ଚନ୍ଦନେଶ୍ୱର ବାଲେଶ୍ୱର

## କିଛି ଫୁଲ

ପ୍ରିୟଦର୍ଶିନୀ ମହାପାତ୍ର



କିଛି ଫୁଲ ବାସ ମହାକାଏ ଏଠି
କିଛି ଫୁଲ ଥାଏ ତାଜା
କିଛି ଫୁଲ ଶୋଭା ବିଭୂଙ୍କ ପାଖରେ
ଆଉ କିଛି ହୁଏ ସଜା ।
ମୋ ଜୀବନ ଏକ ଏମିତିକା ଫୁଲ
ନାହିଁତ ବାସନା ଏଠି
ଛୁଇଁ ପାରେନାହିଁ ଠାକୁର ଚରଣ
ଜାଗ ଯଜ୍ଞ ବା କୋଉଠି ।
ବ ିବା ପାଇଁକି ସଂଗ୍ରାମ କରେ
ମନେ ମୁଁ ଗୁମୁରି ଗୁମୁରି
ଏ ଆଖିରୁ ଲୁହ ନିତି ଝରୁଥାଏ
ଭାଗ୍ୟକୁ ସୁମରି ସୁମରି ।
କେଉଁ ପାପ ପାଇଁ ପାଇଥିଲି ଏଇ
ନରକ ଯନ୍ତ୍ରଣା ଜୀବନ
ଫୁଲ ପରି ମହାକାଇ ପାରୁନାହିଁ
କାହିଁକି ମୁଁ ମୋର ସପନ ।

+ ଜୟଦେବବିହାର
ପୋଲିସ କଲୋନି
ଭୁବନେଶ୍ୱର

## ଅକବିତା- ପ୍ରେମିକ !

ମାନିନୀ ମିଶ୍ର



॥ ୧ ॥
ଶୁଣ୍ ନା ଧନ
ପ୍ରେମିକା ଖୋଜୁଛୁ କି ?
ନା ଖୋଜୁଛୁ ଲକ୍ଷ୍ମୀ,ଶ୍ୱେତ ସରସ୍ୱତୀ ?
ଦେଖିବୁକି ପାର୍ବତୀ, ସାବିତ୍ରୀ , ପଦ୍ମିନୀ
ସାରସ ଗାମିନୀ ନା ହରୀଣ ନୟନୀ
ଖୋଜୁଛୁ ଜିନ୍ସ ପ୍ୟା ୍ ବାଲି
ଓ୍ୱାନ ନାଇଟ ଷ୍ଟାଣ୍ଡ ବାଲି
ନା ଘୋଡ଼େଇ ହୋଇଥିବ ଶାଢ଼ୀ ?

ସରି
ମୋର ହାତ ଖାଲି
ଆଉ ମୁଁ ବେକାରୀ
ମୁଁ ନୁହେଁ ତୋର ଧନି ପ୍ରିୟତମା
ଆଉ ହାତେ କି ପାହୁଲେ ମାଗନା
ଦେଖିନୁ ଶିର୍ଷାସନ ମୁଦ୍ରାରେ ମୋ ଭ୍ୟାନିଟି
ତୋ ପ୍ରେମରେ ହଳେ ଡେଣା ତୋପାକୁ
ପୁରା ଅନଫିଟ୍ ।

॥ ୨ ॥
ଶୁଣ୍ ଆଉ କିଛି କହନା
ମୁଁ ଜାଣେ ତୋ ନଜର ଅଣ୍ଡାଳେ କ'ଣ ?
ବାହାରକୁ ଚୁପଚାପ୍ ତୋ ହାବ ଭାବ
ତୋର ଏକ୍ସରେ ର ନଜର
ତୁ ମାପୁ ଛାତି,
କଟୀ ଚଉତିରିଶ,ବତିଶି, ଛତିଶି
ଚର୍ମଚକ୍ଷୁରେ ଦେଖିନେଉ
ସବୁ ନାରୀର ପୋଷାକ ତଳ
ହଳେ ଥନ, ଯଉବନ, ନାଭି ଆଉ ଅଗ୍ନି ଗର୍ଭ

ତୋର ବା କି ଦୋଷ ?
ତୁ ପୋଖତ ବେପାରୀ
ତୋ ହୃଦୟ ଝୁଲୁଛି ଜାମୁକୋଳି ଗଛରେ
ମୁଣି ଧରି ବାହାରିଛୁ କୁମ୍ଭୀର ପିଠିରେ

କୁମ୍ଭୀରକୁ ଦେଉଛୁ ଟିପ୍ସ, କହୁଛୁ
ମଇତ୍ରେ, ଏଇ ଏବେ ପ୍ରେମରେ ପଡ
ଆଖିର ଜବକାଚକୁ ଟିକେ ପାଣିରେ ଧୁଅ
ହାତ ମାର ଲାଭ ଯହିଁ ସାତ ଦଶମିକ ଛଅ ।

(ମୋ)୮୨୪୯୩୪୨୩୪୬

## ସ୍ମୃତିର ମହକ

ପୀତାମ୍ବରୀ ଦାଶ

ତୁମରି ସ୍ମୃତିର ମହକ ଏବେ ବି
କରେ ମତେ ଆନମନା
ଅତୀତ ଉଖାରି ତୁମ ପାଖେ ଯିବା
ଖାଲି ଗୋଟେ କଳପନା ।୦।

ତାରଫୁଲ ଭରା ପୂନେଇଁ ରାତିରେ
ଜହ୍ନକୁ ରଖି ସାକ୍ଷୀ
ଚାନ୍ଦିନୀ ଗୋ ତୁମେ କଥା ଦେଇଥିଲ
ପାରିଲ କି କଥା ରଖି-
ସତ ନୁହେଁ ଜାଣେ ତୁମ କଥାମନେ
ଆଙ୍କେ ମିଛ ଆଲପନା ।।

ସ୍ମୃତିରେ ଜିଇବା ସ୍ମୃତିରେ ମରିବା
କହିବା ସହଜ ସିନା
ଅନୁଭବୀ ଜାଣେ ମରମ ଦରଜ
ଆନ କେ ଜାଣିବା ମନା
ପ୍ରେମ ଯା' ଗୋପନ କରିବ ଦହନ
ଆଉ କା' ନୂଆ ଠିକଣା ।।

ପୁରୋହିତପୁର,ଜଗତସିଂହପୁର

## ପ୍ରତିଶ୍ରୁତି ଭୁଲିବି ନାହିଁ

ଡଃ ମାଙ୍ଗଳିକା ମହାପାତ୍ର



ଆକାଶରେ ଚାନ୍ଦ ସହିତ
ବାଦଲ ମାନଙ୍କର ଲୁଚକାଳି ଖେଳ
ଦେଖୁଥିଲି ହୋଇ ବିହ୍ୱଳ...
ତା ସହିତ ଚଇତାଳି ପବନର
ହାଲକା ସ୍ପର୍ଶ ମନକୁ
କରୁଥିଲା ଆକୁଳ ...
ମନେ ମନେ ଖୋଜୁଥିଲି ତୁମର ଉପସ୍ଥିତି
କରିବାକୁ ତୁମକୁ ଏଇ
ନିସ୍ତବ୍ଧ ରାତିର କଥାକୁହା ସାଥୀ
ଆକାଶୁ ଦୁଷ୍ଟ ଚାନ୍ଦ
ହେଉଥିଲା ଖତେଇ
ତୁମ ବିନା ମତେ
ଏକଲା ଛାତରେ ପାଇ
ପୁଣି ତୁମ ପ୍ରତି ମୋ ପ୍ରେମକୁ
ପରଖି ଯାଉଥିଲା ଲାଜେଇ
ବାଦଲ ର ପଣତ ତଳେ
ନିଜକୁ ଦେଉଥିଲା ଘୋଡ଼େଇ
ଚୁପି ଚୁପି ଦେଖୁଥିଲା
ମତେ ସେ କଣେଇ କଣେଇ
କହିଲି ତାକୁ ଆଖି ଦେଖେଇ
ନୁହେଁ ମୁଁ ତା ପ୍ରେମ ପିଆସୀ
ବିଚାରୀ କଇଁ ...
ପ୍ରିୟ ପାଇଁ ରଖିଛି ଆଖି ବିଛେଇ
ଦେବନି ଯେ ସେ କେବେ
ନିଜ ଠୁ ଦୂରେଇ
ନିର୍ଭର ପ୍ରତିଶ୍ରୁତି ଟିଏ ପାଇ
ନିଜକୁ ନେଇଛି ମନେଇ
ସ୍ନେହ ପ୍ରେମର ଗହଣା ରେ
ଦେଇଛି ନିଜକୁ ସଜେଇ
ତାଙ୍କୁ ଜଣା.. ପ୍ରିୟା ତାଙ୍କର ବଡ଼ ଫୁଲେଇ
କଥା କହେ ଗେହ୍ଲେଇ ଗେହ୍ଲେଇ
ମୁଁ ତୁମର.. ବୋଲି ଦେଇଛି ତ କହି
ନେଇଛନ୍ତି ମତେ ଯେ ଆପଣେଇ
ରଖିଛନ୍ତି ହୃଦୟର ରାଣୀ ବନେଇ

## ନିଃସଙ୍ଗତାର ଅଶ୍ରୁ

ଦୀପିକା ଦାଶ

ସମସ୍ତ ଶକ୍ତି ସାମର୍ଥ୍ୟ ପ୍ରୟୋଗ କରି
ତଥାପି ବୁଝିବାକୁ ଅସମର୍ଥ ମୁଁ ଆଜି
ତୁମେ ଯେ ଏକ ଜଟିଳ ପ୍ରଶ୍ନ !
ଯାହାର ଉତ୍ତର ସଦା ନିରର୍ଥକ
କପୋଳକଳ୍ପିତ ।

ଅସହ୍ୟ ଲଳିତ ମୂର୍ଚ୍ଛନା
ବଂଶୀରେ ସୃଷ୍ଟି କରେ ମୃଗତୃଷ୍ଣା
ଦଗ୍ଧ କରିଯାଏ ଗୋଟାପଣେ
ଦାବାନଳରେ ।

ରଜନୀ ସାଜେ ଅଭିଶପ୍ତ ମୋ ପାଇଁ
ଅଧାଦେଖା ସ୍ୱପ୍ନମାନଙ୍କ
ଆୟୁଷ ସରିଯାଏ ଅର୍ଦ୍ଧରାତ୍ରୀରେ
ଦେହ ଦହେ ଜହ୍ନ ଜୋଛନା ଯେଉଁଠି
ଅସହ୍ୟ ଉତ୍ତାପରେ ।

ଆଖିରେ ପ୍ରଶ୍ନବାଚୀ ଭାବ ନେଇ
ଯମୁନା ପଚାରେ
କାହିଁ ସେଇ ଯୁଗଳ ପ୍ରତିବିମ୍ବ ?
କାହିଁକି ଆଜି ଏ ଏକଲା ମୂର୍ତ୍ତି ହାଏ !

ସ୍ଥିର ଜଳ ଚହଲିଯାଏ
ହଜିଯାଏ ତା ଗର୍ଭରେ ପ୍ରତିଫଳିତ ଛାୟା
ବିଚ୍ଛେଦ ବିଗଳିତ ପ୍ରାଣରେ
ନଈକୁ ବାଟୁଳି ମାରିଦେଇ
ଫେରିଆସେ ମୁଁ କଦମ୍ବ ବନକୁ ।

କେବେ ସୁଗନ୍ଧିତ ପୁଷ୍ପରାଜ
ଲାଜରେ ଲୁଚାଉଥିଲା ମୁହଁ
ଯେବେ ତୁମ ସାନ୍ନିଧ୍ୟରେ
ଦେହରୁ ମୋର ଚହଟୁଥିଲା କସ୍ତୁରୀ
ମହକୁଥିଲା ଚତୁଃପାର୍ଶ୍ୱ ।
ଏବେ ମୁଁ ପରାହତ

ସେଇ ପୁଷ୍ପଗଣଙ୍କ ଆଖିର ପ୍ରଶ୍ନବାଣରେ
କାହିଁଗଲା ତନୁରୁ କର୍ପୂରର ରେଣୁ ?

ସପ୍ତରଙ୍ଗୀ ଆକାଶ ପିନ୍ଧିସାରିଛି
ବିଧବାର ଶାଢ଼ି
ବିଜୁଳି ଢୋ ଢ଼ୋ ଚମକିଉଠି କାନରେ
କହୁଛି
ତାରା ଗଣିବାର ଦିନ ସବୁ ସରିସାରିଛି ।

ଜାଣିଛ ନୀଳପୁରୁଷ !
ଏବେ ବି ଝଲସିଉଠୁଛି ମୋ ତନୁରେ
ତୁମେ ଦେଇଥିବା ନୀଳ ଚିହ୍ନ ମାନ,
ଆଉ ବଞ୍ଚିବାର ମୋହ ନାହିଁ ମୋ ଭିତରେ
ବୋଧହୁଏ କେବେଠାରୁ ମରିସାରିଛି ମୁଁ
ଖାଲି ବାକି ଅଛି ନୀଳ ଚିହ୍ନମାନଙ୍କୁ ନେଇ
ହସି ହସି ଶୋଇବାକୁ ଚିତାଗ୍ନିରେ ।

+ ଆନନ୍ଦ ନଗର, ପାଣିଗ୍ରାହୀ ପେଣ୍ଠ
ବ୍ରହ୍ମପୁର-୬

## ଅସମାପ୍ତ ଅନ୍ୱେଷଣ...

ଚିନ୍ମୟ ବାରିକ



ଜାଣିଶୁଣି ବନ୍ଦ କରନା
ଦେହ ମନର ଜାଉଁଳି କବାଟ।

ସମୁଦ୍ରକୁ ଦେଖ, କେମିତି ସେ ନାଚୁଛି
ଗୋଟେ ଅସମାପ୍ତ ଅନ୍ୱେଷଣରେ
ମାଟିଠୁ ଆକାଶ, ଆକାଶଠୁ ମାଟି ବ୍ୟାପି
ଭାସୁଥିବା ଫୁଲ, ବତୁରା ମାଟିରେ
ଲୁହ ଢ଼ାଳି ଧରିବାକୁ ଚାଂହନା।

ସବୁ ମାଟିରେ ମୂର୍ତ୍ତି ଅଙ୍କା ହୁଏନା,
କି ସବୁଫୁଲ ମଥାରେ ଲାଗେନା।

ଫଟା କାନ୍ଥରେ ନିରବତାର ଚିହ୍ନ
ଶିଉଳି ଗ୍ରାସି ସାରିଲାଣି
ଶତାବ୍ଦୀର ଦୁଃଖକୁ।

ଚୁଟିକୁ ଫୁଙ୍ଗୁଳା କରି ତୁମେ
କେମିତି ମନ୍ତ୍ର ଉଚ୍ଚାରଣ କରିବ
ମାଳାକୁ ଜପି।

ଠାକୁର ବେଢ଼ାରେ ଗଦାଗଦା ବାସିଫୁଲ
ସେମିତି ମଉଳି ଗଲାଣି ସନ୍ତର୍ପଣରେ।

ଆକାଶର ଆକାରରେ
ଅଗନା ଅଗନି ବନସ୍ତେ,
ଗୋଟେ ନିଷ୍ପାପ ବିଶ୍ୱାସକୁ ନେଇ
ମୁକ୍ତି ପାଇଁ ଦିନ ଗଣେ,
ପଥଭ୍ରଷ୍ଟ ପାଦ।

ସ୍ୱପ୍ନର ନିଃସଙ୍ଗତାରେ
ନାଭିକୁ ଥରକୁ ଥର ଛୁଏଁ
ଲୁହର ବୁନ୍ଦାବୁନ୍ଦା ଉଷ୍ଣତା
ଛାଇ କିନ୍ତୁ ଗୋଟା ପଣେ ଲମ୍ବିଥାଏ,
ଟାଙ୍ଗରା ଭୂଇଁ ପର୍ଯ୍ୟନ୍ତ, ଚାହିଁଲେବି
ପଛକୁ ପାଦ ଫେରାଇ ହୁଏନା
ପହଂଚିବା ବେଳ ଗଡ଼ି ସାରିଥିଲା,
କାହା ଆଲକ୍ଷର ଆଶ୍ୱର୍ଦ୍ଧାରେ, ଅବା
ଉଜୁଡ଼ା ଭାତ ହାଣ୍ଡିରେ।

ଗୋଟେ ମୋହଗ୍ରସ୍ତ ସକାଳ
ସେମିତି ଚିତ୍ପଟାଙ୍ଗ ହୋଇ
ପଡ଼ି ରହିଥାଏ ପାହାଚ ଉପରେ।

ଅନ୍ତରୀକ୍ଷର ଉର୍ଦ୍ଧ୍ୱରେ
କାହା ନିଶ୍ୱାସରେ ଛାଇ,
ଭାଗ୍ୟରେଖାର ଭବିତବ୍ୟରେ
ବିଲକ୍ଷଣର ପରାଗ।

ଅମୁହାଁ ଗଳିରେ ନାଉରି କିନ୍ତୁ
ସେମିତି ନୌକାବୋହୁ ଥାଏ
ଲଣ୍ଠନର ନୁଖୁରା ସଳିତାକୁ
ମଙ୍ଗରେ ଥୋଇ।

"ପଥ କିନ୍ତୁ ସେମିତି ଧୂସର ଅବସ୍ଥାରେ
ଚେଇଁ ଶୋଇଥାଏ ନିଃଶ୍ୱାସରେ ଶେଷଦିନ
ହେବାଯାଏ"।

+ ବ୍ରାହ୍ମଣଡିହି, ବାଲିକୁଦା, ଜଗତସିଂହପୁର
ମୋ: ୬୩୭୦୩୫୨୦୮୪

## ସୁନାପୁଅ...

ଶାନ୍ତିଲତା ପଣ୍ଡା



ଆରେ ଧନମାଳି ମୋ ଗଳାର ହାର
ତୁ ମୋ କୁଳ ଚନ୍ଦ୍ରମା,
କେତେ ଉପଚାରେ ପାଇଛି ତୋତେରେ
କରି ପୂଜା ଆରାଧନା।
ଧନମଣି ମୋର ମୋ କଥା ମାନିବୁ
କହୁଛି ତୋତେରେ ବାବୁ,
ଶୁଣିବୁ କାନରେ ହେଜିବୁ ମନରେ
ଜୀବନରେ ପାଳି ଯିବୁ।
ଗୁରୁଗୁରୁଜନେ ଭକତି କରିବୁ
ସାନଙ୍କୁ କରିବୁ ସ୍ନେହ,
ବଡ଼କୁ ପଚାରି ସାନକୁ ବିଚାରି
ସବୁଠି ରଖିବୁ ମୋହ।
ଜ୍ଞାନ ଅରଜିବୁ ସୁମଣିଷ ହେବୁ
ରଖିବୁ ଦେଶର ମାନ,
ଆଚାରେ ବିଚାରେ ହୋଇବୁ ନିଜର
ସଭିଙ୍କୁ ମଣି ସମାନ।
ରୋଗୀ ଦୁଃଖୀ ପଙ୍ଗୁ ଅସହାୟ ଜନେ
ତୁ ହେବୁ ଟିକେ ସାହାରା,
ସେ ପରା ଅଟନ୍ତି ଜୀବନ୍ତ ଦେବତା
ସଭିଙ୍କ ଠାରୁ ନିଆରା।
ମଧୁର ବଚନେ ମନ ତୁ ତୋଷିବୁ
ବିନୟର ଭାବ ବହି,
ଭେଦଭାବ ଭୁଲି ପର ଉପକାରେ
ସମର୍ପିବୁ ମନ ତୁହି।
ତୋହ ପରି ପରା ବାଜିଆ ଧରମା
ଲଗାଇ ନିଜକୁ ବାଜି,
ଲୋକଙ୍କୁସୁରକ୍ଷା ଦେବାପାଇଁ ସେଯେ
କାଳ ବୁକେ ଗଲେ ହଜି।
ରଖିଗଲେ ଟେକ ଦେଶ ଓ ଜାତିର
ଅମର ଅକ୍ଷରେ ନାଆଁ,
କୀରତି ତାଙ୍କର ଗାଉଆଛି ସଦା
ଏ ଜାତି ଦେଶ ଦୁନିଆ।
ପୂର୍ବ ପୁରୁଷଙ୍କ କୀ ି ଅନୁସରି
ତାଙ୍କ ପରି ଯଦି ହେବୁ,
ସତ୍ ପଥେ ଚଳି ଅରଜି ଧରମ
ସର୍ବ ହୃଦେ ରହିଥିବୁ।
ତେବେ ସୁନାପୁଅ ହୋଇବୁ ବାବୁରେ
ଗରବ କରିବି ମୁହିଁ,
ଜନନୀ ପଦ ମୋ ସାର୍ଥକ ହୋଇବ
ଖୁସିରେ ଉଠିବି ଗାଇ।

+ ବାଲେଶ୍ୱର

# ବାତ୍ୟା 'ୟାସ' ପ୍ରସ୍ତୁତିର ସମୀକ୍ଷା କଲେ ପ୍ରମୁଖ ଶାସନ ସଚିବ ଭି.ଭି.ଯାଦବ



ଭଦ୍ରକ,୨୪/୦୫ (ନି.ପ୍ର): ବାତ୍ୟା 'ୟଶ'ର ସୁପରିଚାଳନା ଓ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ହୋଇଥିବା ପ୍ରସ୍ତୁତିର ବାତ୍ୟା ପାଇଁ ଜିଲ୍ଲା ପର୍ଯ୍ୟବେକ୍ଷକ ରାଜ୍ୟ ଖାଦ୍ୟ, ଯୋଗାଣ, ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ଭି.ଭି, ଯାଦବ ଆଜି ଭଦ୍ରକରେ ପହଞ୍ଚିବା ସହ ସମୀକ୍ଷା କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଡ. ଜ୍ଞାନ ଦାସ ବାତ୍ୟା ପୂର୍ବରୁ ଲୋକଙ୍କୁ ସ୍ଥାନାନ୍ତର, ସେମାନଙ୍କୁ କୋଭିଡ୍ ନିୟମ ମଧ୍ୟରେ ଥଇଥାନ। ସେମାନଙ୍କ ପାଇଁ ପାନୀୟଜଳ, ବିଦ୍ୟୁତ୍, ଶୁଖିଲା ଖାଦ୍ୟ, ଆବଶ୍ୟକ ସ୍ଥଳେ ରନ୍ଧା ଖାଦ୍ୟର ବନ୍ଦୋବସ୍ତ କରିବା ଆଦି ଉପରେ ସୂଚନା ଦେଇଥିଲେ। ବାତ୍ୟା ସମୟରେ ଉଦ୍ଧାର ଏବଂ ଉକ୍ତ ଥଇଥାନ କାର୍ଯ୍ୟ ପାଇଁ ଜିଲ୍ଲା ସ୍ତରୀୟ ନୋଡାଲ ଅଫିସରଙ୍କୁ ଦାୟିତ୍ୱ ଦିଆ ଯାଇଛି। ଏହି ଦାୟିତ୍ୱରେ ଧାମରା ପାଇଁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମଧୁସୂଦନ ଦାସ, ବାସୁଦେବପୁର ପାଇଁ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ତିହିଡ଼ି ପାଇଁ ଉପଜିଲ୍ଲାପାଳ ପୀତାମ୍ବର ସାମଲ ଏବଂ ଚାନ୍ଦବାଲି ପାଇଁ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା ରହିଛନ୍ତି। ବାତ୍ୟା ନିମନ୍ତେ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ ହୋଇଥିବା ବେଳେ ଚବିଶ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ମଧ୍ୟ ଖୋଲା ଯାଇଛି। ଉଦ୍ଧାର କାର୍ଯ୍ୟ ନିମନ୍ତେ ଜିଲ୍ଲାକୁ ଆସିଥିବା ୪ଟି ଏନ୍‌ଡିଆର୍‌ଏଫଫ ଟିମ୍‌କୁ ନିର୍ଦ୍ଦିଷ୍ଟ ସ୍ଥାନ ଧାମରା, ତିହିଡ଼ି, ଚାନ୍ଦବାଲି, ବିଦେଇପୁର ପଠା ଯାଇଛି। ସେହିଭଳି ୩ଟି ଓଡ୍ରାଫ୍ ଟିମ୍‌କୁ ତିହିଡ଼ି ବ୍ଲକର ପୀରହାଟ, ବାସୁଦେବପୁର, ଭଦ୍ରକରେ ରଖା ଯାଇଛି। ସେହିଭଳି ୧୧ଗୋଟି ଅଗ୍ନିଶମ ବାହିନୀଙ୍କୁ ପୀରହାଟ, ଦୋଳସାହି, ଆରଡି, ୨ଟି ଟିମ୍ ଧାମରା, ତିହିଡ଼ି, ଧୁଷୁରୀ, ବନ୍ତ, ବାସୁଦେବପୁର ଓ ୨ଟି ଟିମ୍ ଭଦ୍ରକରେ ରଖାଯାଇଛି। ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବାକୁ ଗୁରୁତ୍ୱ ଦିଆ ଯାଇଛି। ବାତ୍ୟା ପରବର୍ତ୍ତୀ ସମୟରେ ବିଦ୍ୟୁତ୍ ସରବରାହକୁ ପୁନଃ କାର୍ଯ୍ୟକ୍ଷମ କରାଯିବାକୁ ବିଦ୍ୟୁତ ବିଭାଗ ପକ୍ଷରୁ ନିଆଯାଇଥିବା ପ୍ରସ୍ତୁତି ସମ୍ପର୍କରେ ନେସ୍କୋ ନିର୍ବାହୀ ଅଧିକାରୀ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଚରଣସିଂ ମୀନା, ଅତିରିକ୍ତ ଜିଲ୍ଲାପାଳ ଅରୁଣ ମହାପାତ୍ର ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାର ଉପସ୍ଥିତ ଥିଲେ।

# ମଦ ଲାଇସେନ୍ସ ଫି ଛାଡ଼ ପ୍ରତିବାଦରେ ଭୁବନେଶ୍ୱରରେ କଂଗ୍ରେସର ଧାରଣା

ଭୁବନେଶ୍ୱର, ୨୪ ମଇ - ମଦ ଲାଇସେନ୍ସ ଫି ଛାଡ଼ ବିରୋଧରେ ସୋମବାର ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ତତ୍ତ୍ୱାବଧାନରେ ମହିଳା, ଯୁବ ଓ ଛାତ୍ର କଂଗ୍ରେସ ତରଫରୁ ଭୁବନେଶ୍ୱର ଉପ-ଜିଲ୍ଲାପାଳଙ୍କ ଜରିଆରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଦାବୀ ପତ୍ର ପ୍ରଦାନ କରାଯାଇଛି। ସମସ୍ତ କ୍ଷୁଦ୍ର ଏବଂ ମଧ୍ୟମ ବ୍ୟବସାୟୀ ମାନଙ୍କର ଲାଇସେନ୍ସ ଫି ମ୍ୟୁନିସପାଲଟି କର୍ପୋରେସନ ଆଇନ ଅନୁଯାୟୀ ଜୁନ ୨୦୨୦ ରୁ ଡିସେମ୍ବର ୨୦୨୦ ପର୍ଯ୍ୟନ୍ତ ଛାଡ଼ କରିବା, ପେଟ୍ରୋଲ ଓ ଡିଜେଲ ଉପରୁ ଭାଟ ହ୍ରାସ କରିବାକୁ ଦାବି କରାଯାଇଛି। ଯାହାଫଳରେ କି ଅତ୍ୟାବଶ୍ୟକୀୟ ଦ୍ରବ୍ୟ ଯଥା: ଡାଲି, ଖାଇବା ତେଲ ଏବଂ ଖାଦ୍ୟ ସାମଗ୍ରୀର ମୂଲ୍ୟ ହ୍ରାସ ହେବ। ସେହିପରି ରନ୍ଧନ ଗ୍ୟାସ ଉପରୁ ମଧ୍ୟ ଟିକସ ହ୍ରାସ କରିବାକୁ କଂଗ୍ରେସ ଦାବି କରିଛି। ଏହି ପରିପ୍ରେକ୍ଷୀରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ କହିଥିଲେଯେ, ମଦ ବ୍ୟବସାୟୀଙ୍କ ଉପରୁ ଲାଇନେସନ୍ସ ଫି ଛାଡ଼ ନିଷ୍ପତ୍ତିରୁ ପ୍ରତିୟମାନ ହେଉଇଛି ଯେ ନବୀନ ସରକାର ମଦବ୍ୟବସାୟୀଙ୍କ କବଜାରେ ରହିଛନ୍ତି। ତେଲ, ଡାଲି, ଅଟା, ବିଜୁଳି, ରନ୍ଧନଗ୍ୟାସ, ପେଟ୍ରୋଲ ଓ ଡିଜେଲ ଦର ହୁ ହୁ ହୋଇ ବଢ଼ିଚାଲିଥିଲା ବେଳେ ନବୀନ ବାବୁଙ୍କ ମଦ ବ୍ୟବସାୟୀଙ୍କ ଉପରେ ଆଶୀର୍ବାଦ ଦୁର୍ଭାଗ୍ୟଜନକ। ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ କହିଥିଲେଯେ, ମଦବ୍ୟବସାୟୀ ନବୀନ ସରକାରଙ୍କ ଗେହ୍ଲାପୁଅ ବୋଲି ସରକାରଙ୍କର ନୀତି ନିଷ୍ପତ୍ତିରୁ ଜଣାପଡୁଛି। ଏହି କରୋନା ମହାମାରୀ ସମୟରେ କ୍ଷୁଦ୍ର, ମଧ୍ୟମ ଓ ଖୁଚୁରା ବ୍ୟବସାୟୀଙ୍କ ଅଂଟା ଭାଙ୍ଗିଯାଇଥିଲା ବେଳେ ନବୀନ ବାବୁ କେବଳ ମଦବ୍ୟବସାୟୀଙ୍କୁ ସୁରକ୍ଷିତ ରଖିବା ପାଇଁ ବ୍ୟବସ୍ଥା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମହିଳା କଂଗ୍ରେସ ନେତ୍ରୀ ଶ୍ରୀମତୀ ସ୍ୱାଧୀନବାଳା ଦାସ, ମୋହନ ଜେନା, ସୁବ୍ରତ ମହାପାତ୍ର, ଜୟକୃଷ୍ଣ ସୁବୁଦ୍ଧି, ମିହିର ଆଚାର୍ଯ୍ୟ, ଆଦିତ୍ୟ ପ୍ରିତମ ଦାସ, ବିଶ୍ୱଜିତ ସ୍ୱାଇଁ, ଅଭିରାମ ଗୌଡ଼, ଅବିନାଶ ନନ୍ଦ, ଏହମଦ ଖାନ, ଏମଡି ସାମୁଏଲ ହକ, ପ୍ରତ୍ୟୁଷ ରଞ୍ଜନ ପ୍ରଧାନ ଓ ବିଶ୍ୱଭୂଷଣ ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ସ୍କୁଟିରୁ ପଡି ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

ଗଞ୍ଜାମ,୨୪/୦୫ (ନି.ପ୍ର): ଆଜି ପୂର୍ବାହ୍ନ ୧୧ ଟା ସମୟରେ ବ୍ରହ୍ମପୁର ଦଲୁଆ ସାହି ମୁକ୍ତେଶ୍ୱର ମନ୍ଦିରରୁ ଅମିତ ହସ୍ପିଟାଲ ଯିବା ରାସ୍ତାରେ ଜଣେ ମଧ ବୟସ୍କ ବ୍ୟକ୍ତି ନିଜ ସ୍କୁଟିରେ ଯାଉଥିବା ବେଳେ ହଠାତ୍ ଗାଡିରୁ ତଳେ ପଡିଯାଇଥିଲେ । ସ୍ଥାନୀୟ ଲୋକେ ସେହି ବ୍ୟକ୍ତିଙ୍କୁ ଉଠାଇ ରାସ୍ତା ପାର୍ଶ୍ୱରେ ବସାଇଥିଲେ । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ତାଙ୍କର ମୃତ୍ୟୁ ଘଟିଛି । ହୃଦଘାତରେ ତାଙ୍କର ଏଭଳି ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି । ତେବେ ବର୍ତ୍ତମାନ ସୁଦ୍ଧା ସମ୍ପୃକ୍ତ ବ୍ୟକ୍ତିଙ୍କ ପରିଚୟ ମିଳିପାରିନାହିଁ ।

# ରାଜଧାନୀରେ ୨୪ ଘଂଟାରେ ୯୦୫ ପଜିଟିଭ୍, ୧୦୨୧ ସୁସ୍ଥ

ଭୁବନେଶ୍ୱର,୨୪/୦୫ (ନି.ପ୍ର): ଦୀର୍ଘ କିଛି ଦିନର ବ୍ୟବଧାନ ପରେ ଭୁବନେଶ୍ୱରରେ ଦୈନିକ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ହଜାରେ ତଳେ ରହିଛି। ଆକ୍ରାନ୍ତଙ୍କ ଠାରୁ ସୁସ୍ଥଙ୍କ ସଂଖ୍ୟା ଅଧିକ ରହିଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ସୋମବାର ଆଉ ୯୦୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୧୪୫ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୭୬୦ ଲୋକାଲ୍ କେସ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୧୦୨୧ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି ଏବଂ ୪ ଜଣ ମୃତ୍ୟୁବରଣ କରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରାଯାଇଛି। ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ପଟିଆରୁ ସର୍ବାଧିକ ୫୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ନୟାପଲ୍ଲୀ ରୁ ୫୧ ଜଣ, ଖଣ୍ଡଗିରି ଓ ଓଲ୍ଡ ଟାଉନ୍ ରୁ ୩୯ ଜଣ ଲେଖାଏଁ ,ବଡଗଡରୁ ୩୭ ଜଣ , ସୁନ୍ଦରପଦାରୁ ୩୦ ଜଣ, ଡୁମଡୁମା ଓ ଚନ୍ଦ୍ରଶେଖରପୁରରୁ ୨୫ ଜଣ ଲେଖାଏଁ , ଝାରପଡାରୁ ୨୧ , ନିଳାଦ୍ରୀବିହାରରୁ ୨୦ ଜଣ , ଲକ୍ଷ୍ମୀସାଗରରୁ ୧୯ ଜଣ, ଶୈଳଶ୍ରୀବିହାରରୁ ୧୯ ଜଣ, ବରମୁଣ୍ଡାରୁ ୧୭ ଜଣ , ଜୟଦେବ ବିହାର ଓ ପାତ୍ରପଡାରୁ ୧୫ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି। ସେହିପରି ଶୈଳଶ୍ରୀବିହାରରୁ ୧୩ ଜଣ, ବରମୁଣ୍ଡାରୁ ୧୨ ଜଣ, ନୟାପଲ୍ଲୀରୁ ୧୧ ଜଣ, ଡୁମଡୁମାରୁ ୧୦ ଜଣ, ଜୟଦେବବିହାରଓ ଖଣ୍ଡଗିରିରୁ ୬ ଜଣ ଲେଖାଏଁ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬୯୯୦୨ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୫୬୮୩୧ କୁ ବୃଦ୍ଧି ପାଇଛି।

# ବରିଷ୍ଠ ହକର୍ ନୃସିଂହ ବେହେରାଙ୍କୁ ଶ୍ରଦ୍ଧାଞ୍ଜଳି

## ସ୍ୱ ବେହେରାଙ୍କ ପରିବାରକୁ ହକରମାନଙ୍କ ଗୋଟିଏ ଦିନର କମିଶନ ପ୍ରଦାନ



ଭଦ୍ରକ,୨୩।୫(ଆ.ପ୍ର): ସକାଳ ହେବା ପୂର୍ବରୁ ଘରେ ଘରେ ଖବରକାଗଜ ପହଞ୍ଚାଉଥିବା ଭଦ୍ରକ ସହରର ଜଣେ ବରିଷ୍ଠ ହକର ନୃସିଂହ ଚରଣ ବେହେରାଙ୍କୁ ଆଜି ସମସ୍ତ ହକରମାନଙ୍କ ପକ୍ଷରୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି। ପ୍ରାତ ୫ଟା ସମୟରେ ନଲେଜ ସେଣ୍ଟର ପରିସରରେ ଏହି ଉପଲକ୍ଷେ ଏକ ଶୋକସଭା ସାମ୍ବାଦିକ ଗୌରହରି ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସହରର ସମସ୍ତ ଖବରକାଗଜ ହକର ଉପସ୍ଥିତ ରହି ସ୍ୱ ବେହେରାଙ୍କ ସ୍ମୃତିରେ ୨ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଏହି ଅବସରରେ ନଲେଜ ସେଣ୍ଟରର ପରିଚାଳକ ଶେଖ ଆସିଫ ଅଲ୍ଲୀ ସ୍ୱ ବେହେରାଙ୍କ ସ୍ମୃତିଚାରଣ କରିବା ସହ ୫୩ବର୍ଷ ଧରି ଲୋକଙ୍କ ନିକଟରେ ଖବରକାଗଜ ପହଞ୍ଚାଇବା ଏକ ବିରଳ ଘଟଣା ବୋଲି କହିଥିଲେ। ନିଜ ଜୀବଦ୍ଦଶା ମଧ୍ୟରେ ସେ କେବଳ ନିଜର ସଚ୍ଚୋଟତାକୁ ପ୍ରମାଣିତ କରିଛନ୍ତି। ତାଙ୍କର ବିକଳ୍ପ ମିଳିବା ଅସମ୍ଭବ ବୋଲି ଶ୍ରୀ ଅଲ୍ଲୀ କହିଥିଲେ। ସେହିପରି ସାମ୍ବାଦିକ ଶ୍ରୀ ନାୟକ ସମସ୍ତ ହକର ବନ୍ଧୁ ସ୍ୱ ବେହେରାଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ମତପୋଷଣ କରିଥିଲେ। ଏହି ଅବସରରେ ନଲେଜ ସେଣ୍ଟର ପରିବାରର ଅନ୍ୟତମ ବରିଷ୍ଠ ସଦସ୍ୟ ରାଜେନ୍ଦ୍ର ପରିଡ଼ା ସମସ୍ତ ହକର୍ ସେମାନଙ୍କ ଦିନକର ପ୍ରାପ୍ୟ ସ୍ୱ ବେହେରାଙ୍କ ଏକାଦଶାହ ପୂର୍ବରୁ ତାଙ୍କ ପରିବାରକୁ ଦାନ କରିବାକୁ ନିଷ୍ପତ୍ତି ନିଆଯାଇଥିବା କହିଥିଲେ। ଅପରପକ୍ଷେ ଅନ୍ୟତମ ହକର୍ ରବୀନାରାୟଣ ପାଣୀ ହକରମାନଙ୍କ ପାଇଁ ସରକାରଙ୍କର କୌଣସି ସାମଜିକ ନିରାପତ୍ତା ବ୍ୟବସ୍ଥା ନଥିବା ଦୁର୍ଭାଗ୍ୟଜନକ ବୋଲି କହିବା ସହ ସମସ୍ତ ଖବରକାଗଜ ମାଲିକମାନେ ହକରମାନଙ୍କ ସମସ୍ୟା ପ୍ରତି ଯତ୍ନବାନ ହେବାକୁ ନିବେଦନ କରିଥିଲେ। ଏହାବ୍ୟତୀତ ସରକାର ହକରମାନଙ୍କୁ କୋଭିଡ ଯୋଦ୍ଧାର ମାନ୍ୟତା ଦେବାକୁ ନିବେଦନ କରିଥିଲେ। ଏହି ଅବସରରେ ନଲେଜ ସେଣ୍ଟରର ପରିଚାଳନା ନିର୍ଦ୍ଦେଶକ ସଜେଦା ଖାତୁନ, ସାମ୍ବାଦିକ ଚାରୁଦତ୍ତ ନାୟକ, ପ୍ରିୟଦର୍ଶନ ବେଇତି, ରାଜେଶ ଦାସ, ଅଫିସ କର୍ମଚାରୀ ଶଶିକାନ୍ତ ତ୍ରିପାଠୀ, ଶେଖ ଅନୱାର, ପ୍ରଭାତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସ୍ୱ ବେହେରାଙ୍କ ସ୍ମୃତିଚାରଣ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଗତକାଲି ଶନିବାର ସକାଳ ୮.୩୦ ସମୟରେ ୭୫ବର୍ଷ ବୟସରେ ହୃଦଘାତରେ ଶ୍ରୀ ବେହେରାଙ୍କର ହୃଦଘାତରେ ମୃତ୍ୟୁ ଘଟିଥିଲା। ସେ ଦୀର୍ଘ ୫୩ ବର୍ଷ ଧରି ଖବରକାଗଜ ବିତରଣ କ୍ଷେତ୍ରରେ ନୀରବଚ୍ଛିନ୍ନ ଭାବେ କାର୍ଯ୍ୟ କରି ଆସିଥିଲେ।

# ୟସ ପାଇଁ ରାସଗୋବିନ୍ଦପୁର ପ୍ରଶାସନର ପ୍ରାକ୍ ପ୍ରସ୍ତୁତି



ବାରିପଦା,୨୪/୦୫ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ପ୍ରଶାସନ ସମ୍ଭାବ୍ୟ ବାତ୍ୟା ୟସକୁ ମୁକାବିଲା କରିବାପାଇଁ ଜୋରଦାର ପ୍ରାକ ପ୍ରସ୍ତୁତି ଆରମ୍ଭ କରିଥିବାର ଜଣାଯାଇଛି। ଏହି କ୍ରମରେ ରବିବାର ମୟୁରଭଞ୍ଜ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ଅଧିକାରୀ ଭବେଶ କୁମାର ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼କ୍ଟର ଶ୍ରୀ ଅରୁଣ କୁମାର ଖଣ୍ଡା ଏବଂ ତହସିଲଦାର ଏନ ନିର୍ଲିପ୍ତା ମହାନ୍ତି ବ୍ଲକର ବିଭିନ୍ନ ପଂଚାୟତ ବୁଲି ସମ୍ଭାବ୍ୟ ବାତ୍ୟାକୁ କିଭଳି ମୁକାବିଲା କରିହେବ ତା ପାଇଁ ହୋଇଥିବା ବ୍ୟବସ୍ଥାକୁ ଯାଂଚକରିଥିଲେ। ପି.ଡି. ଶ୍ରୀ ନାୟକ କିଭଳି ଲୋକମାନଙ୍କୁ କୋଭିଡି ଗାଇଡଲାଇନ ମାନି ତଳିଆ ଏବଂ କଚାଘର ମାନଙ୍କରୁ ଆଣି ଅସ୍ଥାୟୀ ବାତ୍ୟା ଆଶ୍ରୟ ସ୍ଥଳୀ ମାନଙ୍କରେ ଥଇଥାନ କରି ହେବ ତାର ସୁବନ୍ଦବୋସ୍ତ ସହିତ ପାଣି, ଖାଦ୍ୟ, ମାସ୍କ ଏବଂ ସାନିଟାଇଜର ବ୍ୟବସ୍ଥା ମଧ ପ୍ରଶାସନ ତରଫରୁ କରାଯିବାର ବ୍ୟବସ୍ଥା ହୋଇଥିବା ସହିତ ମାଇକ ସାହାଯ୍ୟରେ ଲୋକଙ୍କୁ କୋଭିଡ ନିୟମ ମାନି ସମ୍ଭାବ୍ୟ ବାତ୍ୟାରେ ନିରାପଦ ସ୍ଥାନରେ ରହିବା ନିମନ୍ତେ ଲୋକଙ୍କୁ ଚେତାବନୀ ଦେବାର ବ୍ୟବସ୍ଥା ମଧ୍ୟ କରାଯାଇଛି ବୋଲି ସୂଚନା ଦେଇଛନ୍ତି ।

# ଗଞ୍ଜାମ ଜିଲ୍ଲାରେ ନୂଆ ୧୫୫ କରୋନା ପଜିଟିଭ୍ ଚିହ୍ନଟ, ତିନି ମୃତ

ଗଞ୍ଜାମ,୨୪/୦୫ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ଆଜି ନୂଆ ୧୫୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ରିପୋର୍ଟ ପଜିଟିଭ୍ ଆସିବା ପରେ ଆକ୍ରାନ୍ତ ମାନଙ୍କୁ କୋଭିଡ୍ ହସ୍ପିଟାଲ ଓ ହୋମ୍ ଆଇସୋଲେସନ ରଖାଯାଇ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି । ଗତକାଲି ଜିଲ୍ଲାରେ ୨୩୮ ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବା ଜିଲ୍ଲା ପ୍ରଶାସନ ସୂତ୍ରରୁ ଜଣାପଡିଛି । ସେହିପରି ଚିକିତ୍ସାଧିନ ଅବସ୍ଥାରେ ଆଉ ତିନି ଜଣଙ୍କ ମୃତ୍ୟୁ ଘଟିଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି । ମୃତକ ମାନଙ୍କ ମଧ୍ୟରେ ଦୁଇ ଜଣ ପୁରୁଷ ଓ ଜଣେ ବାଳିକା ରହିଛନ୍ତି । ପୁରୁଷ ଦ୍ୱୟଙ୍କ ବୟସ ୪୦, ୫୧ ବର୍ଷ ।

# ବାତ୍ୟା 'ୟାସ୍'ର ମୁକାବିଲା ଏବଂ ପ୍ରସ୍ତୁତି ନେଇ ୩ କେନ୍ଦ୍ରମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ ବୈଠକ

ଭୁବନେଶ୍ୱର,୨୪/୦୫ (ନି.ପ୍ର): ବାତ୍ୟା 'ୟଶ୍' ଦ୍ୱାରା ଉପୁନ୍ନ ହେବାକୁ ଥିବା ପରିସ୍ଥିତିର ମୁକାବିଲା ପ୍ରସ୍ତୁତି ନେଇ ସୋମବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ରେଳ ମନ୍ତ୍ରୀ ପିୟୂଷ ଗୋଏଲ, କେନ୍ଦ୍ର ଜାହାଜ ଚଲାଚଳ ଏବଂ ଜଳପଥ ରାଷ୍ଟ୍ରମନ୍ତ୍ରୀ ମନସୁଖ ମାଣ୍ଡଭୀୟଜୀଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନ୍ସିରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଓଡିଶାରେ 'ୟଶ' ବାତ୍ୟାର ମୁକାବିଲା ପାଇଁ ଭାରତ ସରକାରଙ୍କ ସବୁ ବିଭାଗ ସତର୍କ ଓ ସମ୍ପୂର୍ଣ୍ଣ ଭାବରେ ପ୍ରସ୍ତୁତ ଅଛନ୍ତି ଏବଂ ଜରୁରୀକାଳୀନ ପରିସ୍ଥିତିକୁ ମୁକାବିଲା ରିବା ପାଇଁ ଓଡ଼ିଶାରେ ଏନଡିଆରଏଫ ଟିମ ପକ୍ଷରୁ ୫୨ଟି ଟିମ୍ ମୁତୟନ କରାଯାଇଛି ବୋଲି ଉଚ୍ଚସ୍ତରୀୟ ବୈଠକ ପରେ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି। ଅନୁଷ୍ଠିତ ହୋଇଯାଇଥିବା ବୈଠକରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସଂସ୍ଥାସମୂହ, ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଝାଡଖଣ୍ଡର ସରକାରଙ୍କ ଅଧିକାରୀମାନେ ପ୍ରମୁଖ ଉପସ୍ଥିତ ରହିଥିଲେ। ଭାରତ ସରକାରଙ୍କ ଜାତୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା(ଏନଡିଏମଏ), ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ(ଏନଡିଆରଏଫ), ଭାରତୀୟ ପାଣିପାଗ ବିଭାଗ, ବନ୍ଦର, ଜାହାଜ ଏବଂ ଜଳପଥ ମନ୍ତ୍ରଣାଳୟ, ଭାରତୀୟ ତଟରକ୍ଷା ବାହିନୀ, ଭାରତୀୟ ନୌସେନା, ପେଟ୍ରୋଲିୟମ ଏବଂ ଗ୍ୟାସ ମନ୍ତ୍ରଣାଳୟ, ପୂର୍ବତଟର ଉଦ୍ୟୋଗସମୂହ, ବ୍ୟବସାୟ ସଂଘର ପ୍ରତିନିଧି ଯଥା ଏଫସିସିଆଇ ଏବଂ ଆସୋଚାମ ମଧ ଏହି ବୈଠକରେ ଉପସ୍ଥିତ ଥିଲେ। ଏ ନେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ଜରୁରୀକାଳୀନ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଓଡ଼ିଶାରେ ୫୨ଟି ଟିମ୍ ସମେତ ପାଂଚଟି ରାଜ୍ୟ ତଥା କେନ୍ଦ୍ର ଶାସିତ ଅଂଚଳ ପାଇଁ ୯୯ଟି ଟିମ୍ ଏନଡ଼ିଆରଏଫ ଦ୍ୱାରା ମୁତୟନ କରାଯାଇଛି । ବାତ୍ୟା ୟଶ୍‌କୁ ଦୃଷ୍ଟିରେ ରଖି ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ମୟୂରଭଞ୍ଜ ଏବଂ ଯାଜପୁରରେ ଏହି ଟିମ୍ ଗୁଡ଼ିକୁ ନିୟୋଜିତ କରାଯାଇଛି। ବାତ୍ୟା ୟଶ୍ ଦ୍ୱାରା ଉପୁନ୍ନ ହେବାକୁ ଥିବା ସ୍ଥିତିର ମୁକାବିଲା କରିବା ପାଇଁ ତୈଳ, ଗ୍ୟାସ ଏବଂ ଇସ୍ପାତ୍ ଶିଳ୍ପ ପ୍ରସ୍ତୁତ ଅଛି। ପେଟ୍ରୋଲିୟମ ଉତ୍ପାଦ, ଅତ୍ୟାବଶ୍ୟକ ସାମଗ୍ରୀ, କୋଭିଡ-୧୯ ପରିଚାଳନା ପାଇଁ ମେଡ଼ିକାଲ ଅକ୍ସିଜେନର ନିରନ୍ତର ଯୋଗାଣ ସୁନିଶ୍ଚିତ କରିବା ପାଇଁ ଆମ ସମସ୍ତ ଶିଳ୍ପ ପ୍ରତିଷ୍ଠାନ ପ୍ରସ୍ତୁତ ଅଛନ୍ତି । ମେଡ଼ିକାଲ ଅକ୍ସିଜେନର ଯୋଗାଣରେ କୌଣସି ସମସ୍ୟା ରହିବ ନାହିଁ। ବାତ୍ୟାର ପରବର୍ତୀ ପର୍ଯ୍ୟାୟରେ ମଧ ଇସ୍ପାତ୍ ଶିଳ୍ପ ହସ୍ପିଟାଲ ଗୁଡ଼ିକୁ ମେଡ଼ିକାଲ ଅକ୍ସିଜେନ୍ ଯୋଗାଇବ ଏବଂ ରାଜ୍ୟ ମାନଙ୍କୁ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବ ବୋଲି ମୁଁ ଆଶ୍ୱାସନା ଦେଉଛି। ସରକାରୀ, ବେସରକାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଂସ୍ଥାସମୂହ ତଥା ପୂର୍ବତଟରେ ଥିବା ସବୁ ଷ୍ଟେକହୋଲ୍ଡର ବାତ୍ୟାର ମୁକାବିଲା କରିବା ସହ ଯେପରି କ୍ଷୟକ୍ଷତି କମ ହେବ ତାହାକୁ ସୁନିଶ୍ଚିତ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ପ୍ରସ୍ତୁତ ଅଛନ୍ତି। ଆସନ୍ତା ୨ -୩ ଦିନ ପାଇଁ ପ୍ରତିଷେଧମୂଳକ ପଦକ୍ଷେପସ୍ୱରୂପ ପୂର୍ବତଟରେ ଥିବା ସମସ୍ତ ବଡ ଶିଳ୍ପାନୁଷ୍ଠାନ ତଥା ଭାରତ ସରକାରଙ୍କ ତୈଳ ଓ ଗ୍ୟାସ ମନ୍ତ୍ରଣାଳୟ ଏବଂ ଇସ୍ପାତ୍ ମନ୍ତ୍ରଣାଳୟରେ ଥିବା ଶିଳ୍ପସଂସ୍ଥାରୁ ସ୍ୱଳ୍ପ ମାନବସମ୍ବଳରେ କାର୍ଯ୍ୟ କରିବା ପାଇଁ ପଦକ୍ଷେପ ନିଆଯାଇଛି। ସମୁଦ୍ରରେ ଥିବା ସମସ୍ତ ଆସେଟ୍ ଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ମଧ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ।

# ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଶୁଖିଲା ଖାଦ୍ୟ ବଂଟନ



ବାରିପଦା,୨୪/୦୫ (ନି.ପ୍ର): ବାରିପଦା ଭଞ୍ଜପୁର ଅଂଚଳର ସ୍ୱେଚ୍ଛାସେବୀ ଯୁବକ ବିଷ୍ଣୁ ସିଂ ଆଜି ଅସହାୟ ଲୋକ ମାନଙ୍କୁ ଶୁଖିଲା ଖାଦ୍ୟ ସହିତ ମାସ୍କ ଓ ସାନିଟାଇଜର ବଂଟନ କରିଛନ୍ତି। ବାରିପଦାର ବିଭିନ୍ନ ସ୍ଥାନରେ ଭିକ୍ଷା ବୃତ୍ତି କରି ଜୀବନ ଯାପନ କରୁଥିବା ବ୍ୟକ୍ତିଙ୍କ ସହିତ ଗରିବ ଲୋକଙ୍କୁ କରୋନା ମହାମାରୀ ସମୟରେ ସହାୟତାର ହାତ ବଢ଼ାଇଛନ୍ତି। ବିଶେଷ କରି ଶନିବାର ଓ ରବିବାର ଦୁଇ ଦିନ ସପ୍ତାହାନ୍ତ ସଟଡାଉନ ଚାଲିଥିବାରୁ ସବୁ ଦୋକାନ ବଜାର ପୁରା ବନ୍ଦ ରହୁଥିବାରୁ ବୁଲା ଭିକାରୀ ତଥା ମାନସିକ ବିକୃତ ଏବଂ ଫୁଟପାତରେ ରହୁଥିବା ଅସହାୟ ଲୋକ ମାନେ କାଇବାକୁ ପାଉ ନଥିବାରୁ ଭୋକ ଓପାସରେ ଦିନ କାଟୁଥିଲେ। ତାଙ୍କୁ ଖାଦ୍ୟ ବଂଟନ କରିବା ସହିତ କରୋନା ବିଷୟରେ ସଚେତନ କରିଥିଲେ । ମୁଁହରେ ମାସ୍କ ଓ ହାତରେ ଗ୍ଲୋଭସ ପିନ୍ଧି ଶ୍ରୀ ସିଂ ସଚେତନତା କରିଥିଲେ। ଏହି କାର୍ଯ୍ୟରେ ଶ୍ରୀ ସିଂ ଙ୍କୁ ମିଟୁ, କେଦାର, ଦିଲ୍ଲୀପ, ମହେନ୍ଦ୍ର, ବାବୁ, ଅଭିଷେକ, ଲଳିତ, ବୁବୁନ, ଆରଏନ, ପ୍ରବୀଣ, ଶିବୁନ, ପିଂଟୁ ଓ ମୁନା ପ୍ରମୁଖ ସ୍ଥାନୀୟ ଯୁବକ ସହଯୋଗ କରିଥିଲେ।

# ଗୋଟିଏ ଦିନରେ ୧୧୦୫୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୪/୦୫ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୧୦୫୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୭୦୩୪୪୧ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୫୮୯୬୧୦ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୧୧୨୬୨ ରହିଛି । ଆଜି ଚିହ୍ନଟ ହୋଇଥିବା ୧୧୦୫୯ ଜଣଙ୍କ ମଧ୍ୟରୁ ୬୧୯୩ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୬୫୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଜିଲ୍ଲାରେ ସବୁଠାରୁ ଅଧିକ ୧୧୩୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୮୫୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୪୦୦ ଜଣ, ବରଗଡ଼ରୁ ୩୬୭ ଜଣ, ଭଦ୍ରକରୁ ୩୭୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୧୬୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୨୬୧, କଟକରୁ ୧୧୩୩ ଜଣ, ଦେବଗଡ ଜିଲ୍ଲାରୁ ୧୦୩ ଜଣ, ଢେଙ୍କାନାଳ ଜିଲ୍ଲାରୁ ୩୫୧ ଜଣ, ଗଜପତି ଜିଲ୍ଲାରୁ ୬୭ , ଗଞ୍ଜାମରୁ ୧୫୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୩୩୦ ଜଣ, ଯାଜପୁରରୁ ୫୬୪ ଜଣ, ଝାରସୁଗୁଡ଼ାରୁ ୩୩୮ ଜଣ, କଳାହାଣ୍ଡିରୁ ୪୦୭ ଜଣ, କନ୍ଧମାଳ ଜିଲ୍ଲାରୁ ୧୦୩ ଜଣ. କେନ୍ଦ୍ରାପଡ଼ାରୁ ୩୦୯ ଜଣ, କେନ୍ଦୁଝରରୁ ୨୦୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୦୧୦ ଜଣ, କୋରାପୁଟରୁ ୧୭୫ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୯୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୬୬୨ ଜଣ, ନବରଙ୍ଗପୁରରୁ ୩୨୨ ଜଣ, ନୟାଗଡ଼ରୁ ୨୪୬ ଜଣ, ନୂଆପଡ଼ାରୁ ୪୦ ଜଣ, ସୋନପୁରରୁ ୨୦୪ ଜଣ, ସୁନ୍ଦରଗଡ଼ରୁ ୭୨୯ ଜଣ ଓ ଷ୍ଟେଟ୍ ପୁଲରୁ ୨୦୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୭ ଗିରଫ, ୯୭ ବାହନ ଜବତ

ଭୁବନେଶ୍ୱର,୨୪/୦୫ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୭ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୯୭ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧୬,୩୦,୪୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ଜିଲ୍ଲା କଂଗ୍ରେସ ପକ୍ଷରୁ 'ୟାସ' ସହାୟତା କମିଟି ଗଠନ

ବାରିପଦା,୨୪/୦୫ (ନି.ପ୍ର): ବାତ୍ୟା ୟଶ ମୟୂରଭଞ୍ଜ ଜିଲ୍ଲା ଦେଇ ଗତି କରିବାର ସମ୍ଭାବନାକୁ ଲକ୍ଷ କରି ଏକ ଦାୟିତ୍ୱ ସମ୍ପନ୍ନ ରାଜନୈତିକ ଦଳ ଭାବରେ ଉକ୍ତ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବା ଓ ବିପନ୍ନଙ୍କୁ ସହାୟତା କରିବା ନିମନ୍ତେ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କମିଟିର ସଭାପତି ହେମନ୍ତ ଦାସଙ୍କ ପକ୍ଷରୁ ଏକ କମିଟି ଗଠନ କରାଯାଇଛି। ଯାହା ଜନ ସାଧାରଣଙ୍କୁ ସଚେତନ କରିବା ସହିତ କ୍ଷୟ କ୍ଷତିର ଆକଳନ, ସହାୟତା ପ୍ରଦାନ ଓ ଜିଲ୍ଲା ପ୍ରଶାସନକୁ ଏ ଦିଗରେ ପୂର୍ଣ୍ଣ ସହଯୋଗ କରିବା ନେଇ କମିଟିର ଗଠନ କରାଯାଇଥିବାର ଜଣାଯାଇଛି। ଏହି କମିଟିରେ କଂଗ୍ରେସ ପକ୍ଷରୁ ବାତ୍ୟା ସହଯୋଗ ପାଇଁ ନାମ ଓ ନମ୍ବର ସର୍ବସାଧାରଣ ନିମନ୍ତେ ପ୍ରଦାନ କରାଯାଇଛି। ଯୋଗେଶ କୁମାର ଅଗ୍ରୱାଲା,ପୂର୍ବତନ ରାଜ୍ୟ ସମ୍ପାଦକ- ୯୪୩୭ ୧୬୧୧୬୭, ଅରବିନ୍ଦ ଦାସ (ବାପି)- ୯୪୩୭୦୮୬୮୩୬, ଶାନ୍ତନୁ ପାଲ (ସହର ସଭାପତି)- ୯୪୩୭୩ ୨୧୮୫୫, ପ୍ରଦୀପ କୁମାର ଦାସ- ୯୪୩୭୭୧୧୨୩୧, ଯୋଗେନ୍ଦ୍ର ମହାନ୍ତି- ୯୯୩୮୮୧୫୪୭୦, ଦୀନକୃଷ୍ଣ ପାତ୍ର- ୯୬୬୮୪୭୭୮୧୪, ଶେଖ୍ ମୁସ୍ତାଫା- ୯୪୩୭୬୧୪୯୦୦, ସଞ୍ଜୟ କୁମାର ସେଠୀ- ୯୪୩୭୦୫୮୯୧୯, କୁଶଧର ବେହେରା- ୯୯୩୭୩୩୪୨୯୧, ରଘୁରାଉତ- ୮୯୧୭୨୯୦୦୮୬, ଦୀପକ କୁମାର ଧଳ- ୮୬୫୮ ୦୩୯୨୦୫, ନିର୍ମଳ ପ୍ରଧାନ- ୭୬୦୬୮୫୬୫୨୭। ଉପରୋକ୍ତ ନମ୍ବର ସହାୟତାରେ ଜିଲ୍ଲା କଂଗ୍ରେସ ପକ୍ଷରୁ ବାତ୍ୟା ୟସ ନିମନ୍ତେ ସହଯୋଗ ଯୋଗାଇବେ ବୋଲି ଜିଲ୍ଲା କଂଗ୍ରେସ ସଭାପତି ହେମନ୍ତ ଦାସ ଜଣାଇଛନ୍ତି।

# ବାଲେଶ୍ୱରରେ ବାତ୍ୟା ପ୍ରସ୍ତୁତିକୁ ନେଇ ଅତିରିକ୍ତ ଆରକ୍ଷୀ ମହାନର୍ଦ୍ଦେଶକଙ୍କ ଅନୁଧ୍ୟାନ



ବାଲେଶ୍ୱର,୨୪/୦୫ (ନି.ପ୍ର): ବାତ୍ୟା ୟସ ମୁକାବିଲା ପାଇଁ ବାଲେଶ୍ୱରରେ ଜିଲା ପୁଲିସ ପକ୍ଷରୁ ଚାଲିଥିବା ପ୍ରସ୍ତୁତିକୁ ନେଇ ସମୀକ୍ଷା କରିଛନ୍ତି ରାଜ୍ୟ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଯଶୋବନ୍ତ ଜେଠୱା। ସୋମବାର ସେ ବାଲେଶ୍ୱରରେ ପହଞ୍ଚି ବାତ୍ୟା ସମୟରେ ଓ ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟ ପାଇଁ ହୋଇଥିବା ପ୍ରସ୍ତୁତିର ସମୀକ୍ଷା କରିଥିଲେ । ପୂର୍ବାଂଚଳ ପୋଲିସ ଆଇଜିଙ୍କ କାର୍ଯ୍ୟାଳୟରେ ଓଡ୍ରାଫ ଟିମ୍‌ଗୁଡିକର ପ୍ରସ୍ତୁତି ସମ୍ପର୍କରେ ଜିଲ୍ଲାର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ରିଜର୍ଭ ପୋଲିସ ଲାଇନଠାରେ ପ୍ରସ୍ତୁତ ହୋଇ ରହିଥିବା ଓଡ୍ରାଫ ଟିମମାନଙ୍କ ସହ ଶ୍ରୀ ଜେଠୱା ଆଲୋଚନା କରିଥିଲେ। ଏହି ଅବସରରେ ବାତ୍ୟା ପୂର୍ବ ଓ ପରବର୍ତ୍ତୀ କାର୍ଯ୍ୟଧାରା ସମ୍ପର୍କରେ ଶ୍ରୀ ଜେଠୱା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇଥିଲେ। ବିଶେଷ କରି ବାତ୍ୟା ପରବର୍ତ୍ତୀ ଉଦ୍ଧାରକାର୍ଯ୍ୟ ପାଇଁ ୭ଟି ଏନଡିଆରଏଫ ଦଳକୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଥିବା ବେଳେ ୧୨ ପ୍ଲାଟୁନ ଓଡ୍ରାଫ ଯବାନଙ୍କୁ ନିୟୋଜିତ କରାଯାଇଥିବା ସେ କହିଥିଲେ । ବାଲେଶ୍ୱରରେ ପହଂଚିଥିବା ଝାରସୁଗୁଡା ଜିଲ୍ଲାର ୨୮ଜଣ, ଦେବଗଡ ଜିଲ୍ଲାର ୪୦ଜଣ, ବୌଦ୍ଧ ଜିଲ୍ଲାର ୩୩ଜଣଙ୍କ ସମେତ ବାଲେଶ୍ୱର ଜିଲ୍ଲାର ୩୦ ଜଣ ଓଡ୍ରାଫ ଯବାନ ବାତ୍ୟା ପରେ ଉଦ୍ଧାର କାର୍ଯ୍ୟରେ ବ୍ୟବହୃତ ହେବାକୁ ଥିବା ବିଭିନ୍ନ ଅତ୍ୟାଧୁନିକ ଯନ୍ତ୍ରପାତି ପ୍ରଦର୍ଶନ କରିଥିଲେ । ଏହି ଯବାନମାନେ ଏନଡିଆରଏଫ ଓ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହ ମିଳିତଭାବେ ଉଦ୍ଧାର କାର୍ଯ୍ୟରେ ସାମିଲ ହେବେ । କେବଳ ବାତ୍ୟା ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟପାଇଁ ରାଜ୍ୟ ସରକାର ୨୦ କୋଟି ଟଙ୍କାର ଆବଶ୍ୟକୀୟ ଅତ୍ୟାଧୁନିକ ଗଛ କଟା ମେସିନ, ଗ୍ୟାସ କଟର୍ସ, କଂକ୍ରିଟ କଟର୍ସ, ଡିଜି ସେଟ୍ ପ୍ରଭୃତି ଉପକରଣ ଓଡ୍ରାଫକୁ ଯୋଗାଇଦେଇଛନ୍ତି । ଓଡ୍ରାଫ ମଧ୍ୟ ବାତ୍ୟା ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟକୁ ସଫଳତାର ସହ ନିୟନ୍ତ୍ରଣ କରିପାରିବ ବୋଲି ଟିମ ଲିଡରମାନେ କହିଛନ୍ତି। ଏଥିପାଇଁ ପୂର୍ବ ବାତ୍ୟା ସମୟର ଅନୁଭୂତି ବେଶ ସହାୟକ ହେବ ବୋଲି ଯବାନମାନେ କହିଛନ୍ତି ।

## ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ ୩୨ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୨୪/୦୫ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ କରୋନାରେ ୩୨ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢ଼ି ୨୫୧୬ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟ ଅନୁସାରେ ଗତ ୨୪ ଘଂଟା ଖୋର୍ଦ୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୬ ଜଣ ମୃତ୍ୟୁବରଣ କରିଛନ୍ତି । ସେହିପରି ଗଂଜାମ ଓ ଝାରସୁଗୁଡା ଜିଲ୍ଲାରେ ୪ - ୪ ଜଣଙ୍କର ମୃତ୍ୟୁ ଘଟିଛି । ଅନୁଗୁଳ, କଳାହାଣ୍ଡି ଓ ସୁନ୍ଦରଗଡ ଜିଲ୍ଲାରେ ୩-୩ ଜଣ ମୃତ୍ୟୁବରଣ କରିଛନ୍ତି । ପୁରୀ. ଗଂଜାମ ଜିଲ୍ଲାରେ ୨-୨ ଜଣ ତଥା ବଲାଂଗୀର, କଟକ, କେନ୍ଦୁଝର, ନୟାଗଡ ଓ ସମ୍ବଲପୁର ଜିଲ୍ଲାରେ ୧-୧ ଜଣ ଲେଖାଏଁ ମୃତ୍ୟୁ ବରଣ କରିଛନ୍ତି।

## ଅତ୍ୟାବଶ୍ୟକ ସାମଗ୍ରୀ ନେବାପାଇଁ ବଜାରରେ ପ୍ରବଳ ଭିଡ଼

କେନ୍ଦ୍ରାପଡ଼ା,୨୪/୦୫ (ନି.ପ୍ର): କେନ୍ଦ୍ରାପଡାର ବିଭିନ୍ନ ଅଂଚଳରେ ସମ୍ଭାବ୍ୟ ବାତ୍ୟା ୟସ୍‌ର ଜଣାପଡିବା ପରେ ଇଛାପୁର ଠାରୁ ଆରମ୍ଭ କରି ଦୁହୁରି ପର୍ଯ୍ୟନ୍ତ ନିତ୍ୟ ସାମଗ୍ରୀ କିଣିବା ପାଇଁ ପ୍ରବଳ ଭିଡ ଦେଖିବାକୁ ମିଳିଛି । ସୋମବାର ୭ଟାରୁ ଦୋକାନ ଖୋଲା ହେବାପରେ ନିତ୍ୟ ବ୍ୟବହାର ଜିନିଷ ଅଟା, ଚାଉଳ, ଡାଲି, ପନିପରିବା, ଆଳୁ, ପିଆଜ କିଣିବା ପାଇଁ ଦୋକାନ ସମ୍ମୁଖରେ ଲୋକଙ୍କର ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା । କୋଭିଡ-୧୯ କରୋନା ମହାମାରୀ ସାଙ୍ଗକୁ ବାତ୍ୟା ୟସ୍‌ର ପ୍ରକୋପ ଯୋଗୁଁ ଲୋକେ ବ୍ୟସ୍ତ ହୋଇ ଆବଶ୍ୟକ ଠାରୁ ଅଧିକ ଜିନିଷ କିଣୁଛନ୍ତି । ଯାହା ଫଳରେ କେତେକ ବ୍ୟବସାୟୀ ମୂଲ୍ୟଠାରୁ ଅଧିକ ରେଟ୍ ନେଉଥିବା ଅଭିଯୋଗ ହୋଇଛି । ଆଳୁ କେଜି ୧୫ ଟଙ୍କା ଥିବାବେଳେ କେତେକ ବ୍ୟବସାୟୀ ୧୭-୧୮ ଟଙ୍କା ଓ ପିଆଜ ୨୦ ଟଙ୍କା ଧାର୍ଯ୍ୟ ଥିବାବେଳେ ତାକୁ ୨୫ ଟଙ୍କା ମୂଲ୍ୟରେ ବିକ୍ରି କରୁଚନ୍ତି ।

## ଫେରାର ଥିବା ଶ୍ରମିକ ଦଲାଲ ଗିରଫ

ମାଲକାନଗିରି,୨୪/୦୫ (ନି.ପ୍ର): ଆନ୍ଧ୍ର ପ୍ରଦେଶ ଓ ତେଲେଙ୍ଗାନା ଙ୍କୁ ବେଆଇନ ଭାବେ ଶ୍ରମିକ ଚାଲାଣ କରିବା ଅଭିଯୋଗ ରେ ଫେରାର ହୋଇଯାଇଥିବା ଜଣେ ଯୁବକ ଙ୍କୁ କାଲିମେଲା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।ଗିରଫ ଯୁବକ ଜଣକ ଭେଜାଙ୍ଗିବାଡା ଗ୍ରାମର ଦେବରାଜ ପାତ୍ର ବୋଲି ଜଣାପଡିଛି ।ସୂଚନା ଅନୁଯାୟୀ ଗତ ୬ ମାସ ତଳେ ଭେଜାଙ୍ଗିବାଡା ଗ୍ରାମର ୬ ଜଣ ଶ୍ରମିକ ଦେବରାଜ ଙ୍କ ଜରିଆରେ ଆନ୍ଧ୍ର କୁ ଦାଦନ ଖଟିବାକୁ ଯାଇଥିଲେ ।କିନ୍ତୁ ସେମାନଙ୍କ ମଧ୍ୟରୁ କେହି ଘରକୁ ନ ଫେରିବାଓ ତାଙ୍କ ସହ ଯୋଗାଯୋଗ ହୋଇ ପାରୁନଥିବାରୁ ଦାଦନ ଶ୍ରମିକଙ୍କ ପରିବାର ଲୋକ ଦେବରାଜ କୁ ସେମାନଙ୍କ ବିଷୟରେ ପଚାରିବାରୁ ସେ କିଛି ନକହି ନିରବ ରହିବାରୁ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା ।ଏନେଇ ଯାଇଥିବା ଜଣେ ଶ୍ରମିକଙ୍କ ବାପା ଖଗପତି ଧାକଡ଼ ଚଳିତ ମାସ ୧୩ ତାରିଖରେ କାଲିମେଲା ଥାନାରେ ଲିଖିତ ଭାବେ ଏତଲା ଦେଇଥିଲେ ।ଏହା ପରଠାରୁ ଦେବରାଜ ଗାଁ ରୁ ଫେରାର ହୋଇଯାଇଥିଲା ।ଉକ୍ତ ଏତଲା କୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭକରିଥିଲା ।ପରେ ଶ୍ରମିକ ଚାଲାଣ ରେ ଦେବରାଜ ସମ୍ପୃକ୍ତ ଥିବା ଜାଣିବାକୁ ପାଇଥିଲା ।ଅନ୍ୟ ପଟେ ଫେରାର ଥିବା ଦେବରାଜ କୁ ଗିରଫ କରିବାରେ ସଫଳ ହୋଇଥିଲା ।ଏ ସମ୍ପର୍କରେ କାଲିମେଲା ଥାନା କେସ ନମ୍ବର ୧୦୬/୨୧ ଦଫା ୩୭୦(୩), ୩୭୧,୩୭୪ରେ ଏକ ମାମଲା ରୁଜୁ କରାଯାଇ ଏହି ଶ୍ରମିକ ଚାଲାଣ ରାକେଟ ରେ ଅନ୍ୟ କେଉଁ ମାନେ ରହିଛନ୍ତି ସେ ନେଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଜଗଦୀଶ ବାରା ସୂଚନା ଦେଇଛନ୍ତି ।

## ବାରିପଦା ରଥଖଳାରେ କରୋନା

### ରଥ ମହାରଣା କରୋନା ଆକ୍ରାନ୍ତ ସୂଚନା ପରେ ପ୍ରସାଶନ ତତ୍ପର



ବାରିପଦା,୨୪/୦୫ (ନି.ପ୍ର): ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ରଥ ନିର୍ମାଣ ଖଳାରେ ପ୍ରଥମରୁ କରୋନାର ପଦଧ୍ୱନୀ ଶୁଭିଲାଣି । ରଥ ନିର୍ମାଣରେ ନିୟୋଜିତ ଥିବା ଜଣେ ବରିଷ୍ଠ ରଥ ମହାରଣା କରୋନାରେ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି। ଉକ୍ତ ବରିଷ୍ଠ ରଥ ମହାରଣାଙ୍କ କରୋନା ରିପୋର୍ଟ ପଜିଟିଭ ଆସିବା ପରେ ଏବେ ଉକ୍ତ ରଥ ମହାରଣା ଜଣଙ୍କ ଗୃହ ସଙ୍ଗରୋଧରେ ଅଛନ୍ତି । ସୂଚନାଯୋଗ୍ୟ; ବାରିପଦାରେ ରଥ ନିର୍ମାଣ କାର୍ଯ୍ୟରେ ୨୬ ଜଣ କାରୀଗର ନିୟୋଜିତ ଅଛନ୍ତି। ତେବେ ଜଣେ ରଥ ମହାରଣାଙ୍କୁ କରୋନା ହେବା ପରେ ଅନ୍ୟମାନଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି। ରଥ କାର୍ଯ୍ୟରେ ନିୟୋଜିତ ସମସ୍ତଙ୍କ କରୋନା ପରୀକ୍ଷା କରାଯିବ ବୋଲି ସୂଚନା ଦେଇଛନ୍ତି ବାରିପଦା ଉପଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ ପି. ଅନ୍ୱେଷା। ରେଡ୍ଡୀ। କେବଳ ନେଗେଟିଭ ରିପୋର୍ଟ ଥିବା ସେବାୟତଙ୍କୁ ନିର୍ମାଣ କାର୍ଯ୍ୟ ପାଇଁ ଅନୁମତି ମିଳିବା ସେହିପରି ପ୍ରତି ସପ୍ତାହରେ ରଥ ନିର୍ମାଣରେ ନିୟୋଜିତ ସମସ୍ତଙ୍କର କୋଭିଡ ପରୀକ୍ଷା କରାଯିବା ସେବାୟତ ମାନଙ୍କୁ ଜୈବବଳୟ ମଧ୍ୟରେ ରଥ ନିର୍ମାଣ କାର୍ଯ୍ୟ ସମ୍ପାଦନ ନିମନ୍ତେ ବ୍ୟବସ୍ଥା କରାଯିବ। ଏନେଇ ଖୁବଶୀଘ୍ର ସମ୍ପୃକ୍ତ ସେବାୟତଙ୍କ ସହିତ ଆଲୋଚନା ହେବ ବୋଲି ଶ୍ରୀମତୀ ରେଡ୍ଡୀ ପ୍ରକାଶ କରିଛନ୍ତି।

## ଆଂଚଳିକ ମହାବିଦ୍ୟାଳୟ ଗଡିଆରେ କୋଭିଡ ଆଲୋଚନା ଚକ୍ର

ବାରିପଦା,୨୪/୦୫ (ନି.ପ୍ର): ଆଜି ସବୁଆଡେ କରୋନାର ଦ୍ୱିତୀୟ ଲହରର କାୟା ବିସ୍ତାର କରିଛି । ସଭିଙ୍କ ମନରେ ଗୋଟିଏ ପ୍ରଶ୍ନ ଆମେ କିପରି ଏହି ମାରତ୍ମକ ରୋଗଠାରୁ ମୁକ୍ତି ପାଇବା। ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଥିବା ଆଂଚଳିକ ମହାବିଦ୍ୟାଳୟ ଗଡିଆରେ ଅନଲାଇନ ମାଧ୍ୟମରେ ଏନ.ଏସ.ଏସ କାଯ୍ୟକ୍ରମ ଅଧିକାରୀ ଡକ୍ଟର ସ୍ମୃତିରଞ୍ଜନ ଦାସଙ୍କ ପୌରହିତ୍ୟରେ କୋଭିଡ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। କଲେଜର ଅଧ୍ୟକ୍ଷ ପ୍ରଫେସର ଗିରିଶ ଚନ୍ଦ୍ର ଦାଶଙ୍କ ତତ୍ୱାବଧାନରେ ଆଲୋଚନା ଚକ୍ର ପରିଚାଳିତ ହେବା ସହ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଏନ.ଏସ.ଏସ ସଂଯୋକ ଡକ୍ଟର ଶୁଭେନ୍ଦୁ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କରୋନା ଠାରୁ ରକ୍ଷା ପାଇବାର ଉପାୟ ବିଷୟରେ ଉପସ୍ଥାପନା କରିଥିଲେ। ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ପୂର୍ବତନ ସିଡି.ଏମ.ଓ .ଡାକ୍ତର ପି.ନାଥ ଭୂୟାଁ ସମ୍ମାନୀତ ଅତିଥି ଭାବେ ଯୋଗ ଦାନ କରି ଛାତ୍ରଛାତ୍ରୀ ମାନଙ୍କୁ କରୋନାର ବିଭିନ୍ନ ଦିଗ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଜାତୀୟ ସେବା ଯୋଜନାର ରାଜ୍ୟ ଅଧିକାରୀ ତଥା ଉଚ୍ଚ ଶିକ୍ଷା ବିଭାଗର ଉପ ସଚିବ ଡକ୍ଟର ରମେଶ ଚନ୍ଦ୍ର ବେହେରା ତଥା ଆଂଚଳିକ ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକା ଶୁଶ୍ରୀ ସରିତା ପଟେଲ୍ ଟେଲିଫୋନ ଯୋଗେ ଶୁଭେଚ୍ଛା ବାର୍ତା ପଠାଇଥିଲେ। ଭୁବନେଶ୍ୱର ଓୟୁଏଟି ବିଶ୍ୱବିଦ୍ୟାଳୟର ଏନଏସଏସ ପ୍ରଶିକ୍ଷକ ନୀରୋଦ ବରଣ ଖୁଂଟିଆ ପିଲାମାନଙ୍କ ଠାରେ ଉତ୍ସାହ ସୃଷ୍ଟି କରିଥିଲେ। ଉକ୍ତ ମହାବିଦ୍ୟାଳୟର ସେବା ଯୋଜନାର ଅଧିକାରୀ ମାନେ ଅଜୟ କୁମାର ରାଉତ୍, ଶ୍ରାବଣୀ ପଣ୍ଡା, ସଂଘମିତ୍ରା ନାୟକ, ତଥା ଡକ୍ଟର ପଙ୍କଜ କୁମାର ମାହାନା ପ୍ରମୁଖ ଯୋଗଦାନ କରିବା ସହିତ ଅନେକ ମହାବିଦ୍ୟାଳୟର ଅଧ୍ୟାପକ ,ଅଧ୍ୟାପିକା, ଅଭିଭାବକ ତଥା ଛାତ୍ରଛାତ୍ରୀ ମାନେ ବୈଠକରେ ଯଯୋଗଦାନ କରିଥିଲେ। ଶେଷରେ ଏନଏସଏସ ଅଧିକାରୀ ଶ୍ରାବଣୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବାତ୍ୟା ପାଇଁ ଟିକାକରଣ, ସର୍ବେକ୍ଷଣ ଓ ପରୀକ୍ଷଣ ବନ୍ଦ

ଭଦ୍ରକ,୨୪/୦୫ (ନି.ପ୍ର): ବାତ୍ୟା ୟଶ ପାଇଁ ଜିଲ୍ଲାର ଟୀକାକରଣ ଓ କୋଭିଡ୍ ପରୀକ୍ଷଣ ବନ୍ଦ ରହିବ ବୋଲି ଜିଲ୍ଲାପାଳ ଡ. ଜ୍ଞାନ ଦାସ ସୂଚନା ଦେଇଛନ୍ତି। ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି ଯେ ବାତ୍ୟା ପାଇଁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ନିର୍ଦ୍ଦେଶ ମୂଳେ ଏହି ନିଷ୍ପତି ନିଆ ଯାଇଛି। ଆସନ୍ତା ୨୫, ୨୬ ଓ ୨୭ ତାରିଖରେ କୋଭିଡ୍ ପରୀକ୍ଷଣ, ଟୀକାକରଣ ଓ ଘରକୁ ଘର ବୁଲି ସର୍ବେକ୍ଷଣ କାର୍ଯ୍ୟ ବନ୍ଦ ରହିବ।

## ଜିଲ୍ଲାରେ ଚିହ୍ନଟ ହେଲେ ୩୭୭ କୋଭିଡ଼ ଆକ୍ରାନ୍ତ

ଭଦ୍ରକ,୨୪/୦୫ (ନି.ପ୍ର): ଜିଲ୍ଲାରୁ ଆଉ ୩୭୭ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେଇଛନ୍ତି। ସେମାନେ ହେଲେ ଧାମନଗର ବ୍ଲକରୁ ୩୩ଜଣ, ଚାନ୍ଦବାଲି ବ୍ଲକରୁ ୪୪ଜଣ, ତିହିଡ଼ି ବ୍ଲକରୁ ୩୧, ଭଣ୍ଡାରିପୋଖରୀରୁ ୩୯, ଭଦ୍ରକ ପୌରପାଳିକାରୁ ୫୬, ବାସୁଦେବପୁର ପୌରପାଳିକାରୁ ଜଣେ, ଭଦ୍ରକ ବ୍ଲକରୁ ୯୦, ଧାମନଗର ଏନ୍ଏସିରୁ ଜଣେ, ବନ୍ତ ବ୍ଲକରୁ ୩୧, ବାସୁଦେବପୁର ବ୍ଲକରୁ ୧୪, ଚାନ୍ଦବାଲି ଏନ୍ଏସିରୁ ୫ଜଣ, ଅନ୍ୟ ଜିଲ୍ଲାରୁ ୧୬ ଏବଂ ଭଦ୍ରକ ଜିଲ୍ଲା ବିଭିନ୍ନ ଅଞ୍ଚଳରୁ ୧୬ଜଣ ବିଭିନ୍ନ ମେଡିକାଲରୁ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲ୍ଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ହୋଇଛି ୧୪ହଜାର ୭୬୫। ସୁସ୍ଥ ହୋଇଛନ୍ତି ୧୧ହଜାର ୪୪୮ ଏବଂ ସକ୍ରିୟ ଆକ୍ରାନ୍ତ ଅଛନ୍ତି ୩୨୮୫।

## ଦେଶରେ ଗତ ୨୪ଘଂଟା ମଧ୍ୟରେ କୋବିଡ ପାଇଁ ୧୯,୨୮,୧୨୭ ନମୂନାର ପରୀକ୍ଷଣ

ନୂଆଦିଲ୍ଲୀ,୨୪/୦୫ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ କୋବିଡ ପାଇଁ ୧୯,୨୮,୧୨୭ ନମୂନାର ପରୀକ୍ଷଣ କରା ଯାଇଛି । ଏହା ସହିତ ଦେଶରେ ବର୍ତ୍ତମାନ ସୁଦ୍ଧା ୩୩,୦୫,୩୬,୦୬୪ ନମୂନାର ପରୀକ୍ଷଣ କରା ଯାଇଥିବା ଆଇସିଏମଆର ପକ୍ଷରୁ ସୂଚନା ଦିଆ ଯାଇଛି ।

## ୟାସ ବାତ୍ୟା ପାଇଁ ଛାତ୍ର କଂଗ୍ରେସର ଟାସ୍କଫୋର୍ସ କମିଟି ଗଠିତ

ଭୁବନେଶ୍ୱର,୨୪/୦୫ (ନି.ପ୍ର): ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ 'ୟାସ' ବାତ୍ୟା ସମୟରେ ଏବଂ ତାର ପରବର୍ତ୍ତି ସମୟରେ ପ୍ରଭାବିତ ଲୋକଙ୍କୁ ସାହାଯ୍ୟ, ରିଲିଫ ବଂଟନ ଏବଂ ପ୍ରଶାସନକୁ ସହଯୋଗ କରିବା ପାଇଁ ଏକ ରାଜ୍ୟସ୍ତରୀୟ ଟାସ୍କଫୋର୍ସ କମିଟି ଗଠନ କରିଛନ୍ତି। ଏହି କମିଟିରେ ସୁନିଲ ମାଟିଆ, ସୌମ୍ୟରଞ୍ଜନ ବରାଳ, ଆଦିତ୍ୟ ପ୍ରିତମ, ନିରଞ୍ଜନ ଦାସ, ସାଗର ପଟ୍ଟନାୟକ, ଅଭିଲାଷ ଜେନା, ରଞ୍ଜିତ ସେନାପତି, ବିଶ୍ୱଭୂଷଣ ମହାପାତ୍ର, ମହମ୍ମଦ ଗୁଲଫାମ, ଅଭିଲାଷ ନନ୍ଦ, ଅହମେଦ ଖାନ, ବାବୁ ଜେନା, ଅଭିରାମ ଗୌଡ଼, ଅଖିଳେଷ ଯାଦବ, ରେହମତ ଅଲ୍ଲୀ, ଆଶୁତୋଷ ମିଶ୍ରଙ୍କୁ ସଭ୍ୟ ଅଛନ୍ତି। ବାଲେଶ୍ୱର , ଭଦ୍ରକ , ମୟୁରଭଞ୍ଜ, କେନ୍ଦ୍ରାପଡ଼ା. ଜଗତସିଂହପୁର, ଯାଜପୁର, କଟକ, ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଛାତ୍ର କଂଗ୍ରେସ ସଭାପତିମାନେ ମଧ୍ୟ ସଭ୍ୟ ଭାବରେ ରହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ୨୫ରୁ ୨୭ ପ୍ରବଳ ବର୍ଷା....

ବଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ହାଇ ଇମ୍ପାକ୍ଟ ଜୋନ ମଧ୍ୟରେ ରହିବ। ଏହା ସହିତ ଯାଜପୁର, କେନ୍ଦୁଝର ଜିଲ୍ଲାରେ ମଧ୍ୟ ପ୍ରଭାବ ରହିବ । ଏହାକୁ ଦୃଷ୍ଟିରେ ରଖି ଏସବୁ ଜିଲ୍ଲାରେ ହାଇଆଲର୍ଟ ଜାରି କରାଯାଇଛି । ବାତ୍ୟା ପରଦିନ ବିଦ୍ୟୁତ ସରବରାହ ଚାଲୁ କରିବାକୁ ବିଦ୍ୟୁତ ବିଭାଗ କର୍ମଚାରୀମାନେ କାମ କରୁଥିବାରୁ ସେଦିନ ସକାଳ ୬ରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ଘରେ ଜେନେରେଟର ନ ଲଗାଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ବାତ୍ୟା ନସରିବା ପର୍ଯ୍ୟନ୍ତ ଘରୁ ନବାରିବାକୁ ପରାମର୍ଶ ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ ଜେନା। ବାତ୍ୟାରେ ପ୍ରଥମ ଦଲକା ପବନ ଆସେ। ତା'ପରେ କିଛି ସମୟ ସବୁ ସ୍ଥିର ହୋଇଯାଏ। ସବୁ ଶାନ୍ତ ପଡ଼ିଗଲା ଭଳି ଲାଗେ। କିନ୍ତୁ ତା'ପରେ ପୁଣି ବହୁତ ଜୋରରେ ଆଉ ଗୋଟିଏ ଦଲକା ପବନ ଆସେ। ତେଣୁ ପ୍ରଥମ ଦଲକା ପବନ ସରିଗଲା ପରେ ଦୟା କରି ଘରୁ ବାହାରନ୍ତୁ ନାହିଁ। ଦ୍ୱିତୀୟ ଦଲକା ପବନ ସରିଲା ପରେ ଗଣମାଧ୍ୟମରୁ ବାତ୍ୟା ସରିବା ନେଇ ସୂଚନା ପାଇବା ପରେ ଘରୁ ବାହାରନ୍ତୁ। ବାତ୍ୟା ବେଳେ ଲୋକେ ଆମ୍ବ ଓ ନଡ଼ିଆ ଗୋଟେଇବାକୁ ବାହାରକୁ ଯାଆନ୍ତୁ ନାହିଁ। ତେଣୁ ବାତ୍ୟା ସମୟରେ କେହି ଘରୁ ବାହାରନ୍ତୁ ନାହିଁ। ବାତ୍ୟା ଆରମ୍ଭରୁ ଶେଷ ହେବା ଯାଏ ସମସ୍ତଙ୍କୁ ଆମେ ଘରେ ରହିବାକୁ ଅନୁରୋଧ କରୁଛୁ।ସେହିପରି ବାତ୍ୟା ପୂର୍ବରୁ ଘରେ ପାଣି ଗଚ୍ଛିତ କରି ରଖନ୍ତୁ। ବାତ୍ୟା ସମୟରେ କୂଅ ଅବା ନଳକୂଅକୁ ପାଣି ଆଣିବାକୁ ଯା'ନ୍ତୁ ନାହିଁ। ବାତ୍ୟା ସମୟରେ ପିଲାମାନଙ୍କୁ ସାଇକେଲ୍ କିମ୍ବା ବାଇକ୍ ନେଇ ବାହାରକୁ ଯିବାକୁ ଦିଅନ୍ତୁନାହିଁ। ସେହିଭଳି ବିଜ୍ଞାପନ ପାଇଁ ଯେଉଁଠି ହୋର୍ଡିଂ ଲାଗିଛି, ସେଗୁଡ଼ିକୁ ଖୋଲି ଦେବା ପାଇଁ ଏସ୍ଆରସି ଅନୁରୋଧ କରିଛନ୍ତି। ଏଗୁଡ଼ିକ ମଧ୍ୟ ଜୀବନହାନୀ କରିବାର ନଜିର ରହିଛି। ସେହିଭଳି ବାତ୍ୟା ପ୍ରଭାବିତ ହେବାକୁ ଥିବା ଜିଲ୍ଲାଗୁଡ଼ିକ ଗାଁ ଗୁଡ଼ିକରେ ଥିବା ଷ୍ଟ୍ରିଟ୍ ଲାଇଟ୍ ର ଫିଟିଂକୁ ଆଜି ଓ କାଲି ମଧ୍ୟରେ ଖୋଲି ରଖି ଦେବାକୁ ଏସ୍ଆରସି ଅନୁରୋଧ କରିଛନ୍ତି।

### ୟାସ୍ ମୁକାବିଲା ପାଇଁ ୫ ଆଇଏଏସ୍ ....

କେନ୍ଦ୍ରାପଡ଼ା ଜିଲ୍ଲା ଦାୟିତ୍ୱ ହେମନ୍ତ ଶର୍ମାଙ୍କୁ ଦିଆଯାଇଥିବା ବେଳେ ଶାଶ୍ୱତ ମିଶ୍ରଙ୍କୁ ଜଗତସିଂହପୁର ଜିଲ୍ଲା ଦାୟିତ୍ୱ ଦିଆଯାଇଛି। ଭିଭି ଯାଦବ ଓ ବିଶାଳ ଦେବ ଯଥାକ୍ରମେ ଭଦ୍ରକ ଓ ବାଲେଶ୍ୱର ଦାୟିତ୍ୱ ନେବେ। ସେହିପରି ମୟୂରଭଞ୍ଜ ଜିଲ୍ଲା ଦାୟିତ୍ୱ ସୁରେଶ ବଶିଷ୍ଟଙ୍କୁ ଦିଆଯାଇଛି। ସେହିପରି କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ଆଇପିଏସ୍ ଜୟନାରାୟଣ ପଙ୍କଜଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଜଗତସିଂହପୁର ପାଇଁ ଅମିତାଭ ଠାକୁର, ଭଦ୍ରକ ପାଇଁ ଅମିତେନ୍ଦ୍ର ନାଥ ସିହ୍ନା, ବାଲେଶ୍ୱର ପାଇଁ ଦୀପ୍ତେଶ ପଟ୍ଟନାୟକ ଓ ମୟୂରଭଞ୍ଜ ପାଇଁ ଆଇପିଏସ୍ ଅନିରୁଦ୍ଧ କୁମାର ସିଂହଙ୍କୁ ଦାୟିତ୍ୱ ଦିଆଯାଇଛି।

### ପାରାଦୀପ ଠାରୁ ୪୯୦କିମି ....

ବହୁ ଜିଲ୍ଲାରେ ବର୍ଷା ଆରମ୍ଭ ହୋଇଯାଇଛି। ଆଇଏମ୍‌ଡି ଡିଜି କହିଛନ୍ତି ଯେ ବାତ୍ୟା ଯୋଗୁ ଏବେ ସମୁଦ୍ରରେ ପବନର ବେଗ ଘଂଟା ପ୍ରତି ୬୫ରୁ ୮୫ କିମି ଭିତରେ ରହିଛି। ଆଜି ଅପରାହ୍ନରୁ ଉପକୂଳ ଅଂଚଳରେ ଘଂଟାପ୍ରତି ୪୦ରୁ୫୦ କିମି ବେଗରେ ପବନ ହେବ। ୨୫ ତାରିଖ ମଧ୍ୟରାତ୍ର ପରେ ପବନ ବଢ଼ିବ ଏବଂ ଏହା ଘଂଟା ପ୍ରତି ୮୦ କିମି ଛୁଇଁପାରେ। ୨୬ ତାରିଖ ସକାଳୁ ପବନର ବେଗ ବଢ଼ି ଘଂଟାପ୍ରତି ୧୨୦ରୁ ୧୩୦ କିମି ହେବ। ଉପକୂଳ ଛୁଇଁଲା ବେଳକୁ ପବନ ବେଗ ଘଂଟାପ୍ରତି ସର୍ବାଧିକ ୧୫୫ରୁ ୧୮୫ କିମି ହେବ। ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ବାତ୍ୟାର ବେଶି ପ୍ରଭାବ ପଡ଼ିବ। ଏହା ବାଲେଶ୍ୱର ଦେଇ ଅତିକ୍ରମ କରିବାର ସମ୍ଭାବନା ଅଧିକ ରହିଛି। ସଂପୃକ୍ତ ୪ ଜିଲ୍ଲାରେ ଘଂଟାପ୍ରତି ୧୨୦ରୁ ୧୬୦ କିମି ବେଗରେ ପବନ ବହିପାରେ। ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ଘଂଟାପ୍ରତି ୯୦ରୁ ୧୨୦ କିମି ବେଗରେ ପବନ ହେବ। ସେହିଭଳି ଗଂଜାମ ଓ ଗଜପତି ଜିଲ୍ଲାରେ ୬୦ରୁ ୮୦ କିମି ବେଗରେ ପବନ ବହିବ। ଆସନ୍ତାକାଲି ଓ ୨୬ ତାରିଖରେ ଉତର ଓଡ଼ିଶାରେ ଅତି ପ୍ରବଳ ବର୍ଷା ହେବ। ବାତ୍ୟା ପ୍ରଭାବରେ ସମୁଦ୍ରରୁ ୨ରୁ୪ ମିଟର ଉଚ୍ଚ ଜୁଆର ଆସିବା ସମ୍ଭାବନା ରହିଛି। ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁରରେ ଉଚ୍ଚ ଜୁଆର ଆସିବାର ସମ୍ଭାବନା ରହିଛି। ଆଗକୁ ପୂର୍ଣ୍ଣିମା ଥିବାରୁ ଓ ସଂପୃକ୍ତ ଅଂଚଳ ସମତଳ ଥିବାରୁ ଜୁଆର ଆସିପାରେ ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ଏହାକୁ ଦୃଷ୍ଟିରେ ରଖି ପାରାଦୀପ ଏବଂ ଧାମରା ପାଇଁ ବିପଦ ସଂକେତ-୪ ଜାରି କରାଯାଇଥିବା ବେଳେ ପୁରୀ ଏବଂ ଗୋପାଳପୁର ପାଇଁ ବିପଦ ସଂକେତ-୩ ଜାରି କରାଯାଇଛି। ସେହିପରି ବାତ୍ୟା ମୁକାବିଲା ପ୍ରସ୍ତୁତି ନେଇ ଏସଆରସି ପ୍ରଦୀପ ଜେନା କହିଛନ୍ତି ୨୨ ଏନଡିଆରଏଫ୍ ଟିମ୍ ଆସିଯାଇଛି, ଆଜି ଆଉ ୩୦ ଟିମ୍ ଆସିବେ। ଓଡ୍ରାଫ୍ ଟିମ୍ ୫୦ରୁ ୬୦ ଓ ଅଗ୍ନିଶମ ଟିମ୍ ୧୭୫ରୁ ୨ଶହ ପ୍ରସ୍ତୁତ। ୩୫ଟି ଗଛକଟା ଟିମ୍, ପୂର୍ତ୍ତର ୧୬୫ ଓ ଗ୍ରାମ୍ୟ ଉନ୍ନୟନର ୩ଶହ ଟିମ୍ ପ୍ରସ୍ତୁତ।

### ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ....

ଆମର ଲକ୍ଷ୍ୟ । ତେଣୁ ସମସ୍ତେ ବାତ୍ୟା ଆଶ୍ରୟସ୍ଥଳ ତଥା ପକ୍କା ଘର ଆଦି ନିରାପଦ ସ୍ଥାନକୁ ଚାଲିଆସିବା ପାଇଁ ସେ ଅନୁରୋଧ କରିଛନ୍ତି। କୋଭିଡ ପାଇଁ ପ୍ରଶାସନ ଗତ ଦୁଇ ମାସ ଧରି ଚାପରେ ଅଛି। ତେଣୁ ବାତ୍ୟାର ମୁକାବିଲା ପାଇଁ ଜନସାଧାରଣ ସ୍ଥାନାନ୍ତରରେ ପ୍ରଶାସନକୁ ପୁରା ସହଯୋଗ କରିବା ପାଇଁ ସେ ନିବେଦନ କରିଛନ୍ତି। ଯେହେତୁ ଏବେ କୋଭିଡ ସମୟ, ତେଣୁ ଆମକୁ ଅଧିକ ସାବଧାନ ରହିବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ ସତର୍କ କରାଇ ଦେଇଥିଲେ। ଗତ ବର୍ଷ ମେ ମାସରେ ମଧ୍ୟ ଆମେ କୋଭିଡ ସହ ବାତ୍ୟା ଅମ୍ଫନର ସାମନା କରିଥିଲେ ଏବଂ ଲୋକଙ୍କ ସହଯୋଗରେ ଆମେ ସଫଳତାର ସହ ସେ ପରିସ୍ଥିତିର ମୁକାବିଲା କରିଥିଲେ। ବାତ୍ୟା ଓଡିଶା ପାଇଁ ନୂଆ ନୁହେଁ, ତଥାପି ଆମକୁ ସତର୍କ ରହିବାକୁ ହେବ। ସାମାନ୍ୟ ହେଳା ବଡ ବିପଦ ସୃଷ୍ଟି କରିପାରେ ବୋଲି ସେ ସତର୍କ କରିଥିଲେ। ସରକାର ବାତ୍ୟା ଓ କୋଭିଡ ଦୁଇଟି ଯାକ ପରିସ୍ଥିତିର ମୁକାବିଲା ପାଇଁ ସଂପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ଜନସାଧାରଣଙ୍କ ସହଯୋଗ ହିଁ ଆମର ପ୍ରସ୍ତୁତିକୁ ଆହୁରି ମଜବୁତ କରିବ ବୋଲି ସେ ଆଶାପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ବିପଦ ସମୟରେ ସାଧାରଣଙ୍କ ଠାରୁ ଆରମ୍ଭ କରି ପଂଚାୟତ ପ୍ରତିନିଧି ବନ୍ଧୁମାନେ ଓ ନାଗରିକ ସମାଜର ବନ୍ଧୁମାନେ ସମସ୍ତେ ସରକାରଙ୍କୁ ପୁରା ସହଯୋଗ ଦେଇ ଆସିଛନ୍ତି। ତେଣୁ ଏଥର ମଧ୍ୟ, ଆମେ ସମସ୍ତେ ମିଶି ଏ ଦୁଇ ବିପଦ ବିରୁଦ୍ଧରେ ଏକାଠି ଲଢିବା ଓ ନିଶ୍ଚୟ ଜିତିବା ବୋଲି ମୁଖ୍ୟମନ୍ତ୍ରୀ ଦୃଢ ବିଶ୍ୱାସ ପ୍ରକାଶ କରିଥିଲେ।

### ବାତ୍ୟା ପାଇଁ ଆରମ୍ଭ ହେଲା....

ମଙ୍ଗଳବାର ଅପରାହ୍ନ ସୁଦ୍ଧା ସ୍ଥାନାନ୍ତର ପ୍ରକ୍ରିୟା ଶେଷ କରିବାକୁ କୁହାଯାଇଛି । କେନ୍ଦ୍ରାପଡା ଜିଲ୍ଲାର ରାଜନଗର, ପାଟକୁରା ଅଂଚଳରେ ଆକାଶ ମେଘାଚ୍ଛନ ରହିବା ସହ ବର୍ଷା ଆରମ୍ଭ ହୋଇଯାଇଛି । ରାଜନଗରରେ ବର୍ଷା ଆରମ୍ଭ ହୋଇଯାଇଥିବା ବେଳେ ସମୁଦ୍ର କୂଳିଆ ଲୋକଙ୍କ ମଧ୍ୟରେ ଭୟ ବଢିଯାଇଛି ବାତ୍ୟା ୟସ୍ର ମୁକାବିଲା ପାଇଁ ପ୍ରଶାସନ ଅଂଟା ଭିଡିଛି । ପାରାଦୀପରେ ଲୋକଙ୍କୁ ଉଦ୍ଧାର ଓ ସଚେତନ କରିବାକୁ ଏନଡିଆରଫ ଟିମ ପଂହଚିଛି । କେନ୍ଦ୍ରପଡାରେ ବି ମାଇକ ଯୋଗେ ସମୁଦ୍ରକୁଳର ଲୋକଙ୍କୁ ସଚେତନ କରାଯାଉଛି । ସୁରକ୍ଷିତ ସ୍ଥାନକୁ ଯିବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଛି । ଉଚସ୍ତରୀୟ ବୈଠକରେ ବି ସ୍ଥିତିର ସମୀକ୍ଷା ହୋଇଛି । ପାଟକୁରାରେ ବି ଆକାଶ ମେଘୁଆ ରହିବା ସହ ବର୍ଷା ଆରମ୍ଭ ହୋଇଛି । ବାତ୍ୟା ଉପକୂଳ ମୁହାଁ ହୋଇଥିବାବେଳେ ପ୍ରସ୍ତୁତିକୁ ଜୋରଦାର କରରିଛନ୍ତି ପାରାଦୀପ ବନ୍ଦର କର୍ତ୍ତୃପକ୍ଷ । ବିଶେଷ କରି ବନ୍ଦରର ବର୍ଥରେ ଲାଗିଥିବା ବିଶାଳ ଯାହାଜଗୁଡିକର କିଭଳି ସୁରକ୍ଷା ଦିଆଯିବ ସେନେଇ ପଦକ୍ଷେପ ନେଉଛନ୍ତି ବନ୍ଦର କର୍ତ୍ତୃପକ୍ଷ । ଉଭୟ ଜାହାଜ ଓ ବନ୍ଦରର ସୁରକ୍ଷା ଦୃଷ୍ଟିରୁ ବର୍ଥ ଓ ଆଙ୍କରେଜରେ ଲାଗିଥିବା ବିଶାଳ ଯାହାଜଗୁଡିକୁ ସମୁଦ୍ର ମଧ୍ୟକୁ ପଠାଇବା ପ୍ରକ୍ରିୟା ଆରମ୍ଭ ହୋଇଛି ।

## ୨୬ ମଇ ଭାରତୀୟ ଗଣତନ୍ତ୍ର ପାଇଁ କଳାଦିବସ ରୂପେ ପାଳନ କରିବାକୁ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ଆହ୍ୱାନ

ଭୁବନେଶ୍ୱର,୨୪/୦୫ (ନି.ପ୍ର): ଶ୍ରମିକ, କୃଷକ ସର୍ବୋପରି ଦେଶ ବାହାରେ ନୀତି ଆପଣାଉଥିବା ନରେନ୍ଦ୍ର ବୋଦିଙ୍କ ୬ ଜଣ ଦିବସ ୨୬ ମଇକୁ ଗଣତନ୍ତ୍ର ପାଇଁ କଳାଦିବସ ରୂପେ ପାଳନ କରିବା ପାଇଁ ଭାରତ ବର୍ଷର ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ମାନଙ୍କ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏହି ଦିବସକୁ କୃଷକ ସଂଘର୍ଷ ମୋର୍ଚ୍ଚାମଧ୍ୟ ଦେଶବାସି କଳା ଦିବସ ରୂପେ ପାଳନ କରିବ। ନରେନ୍ଦ୍ର ମୋଦିଙ୍କ ସରକାର କ୍ଷମତାକୁ ଆସିବା ପରଠାରୁ ଶ୍ରମିକ ବିରୋଧି ନୀତି ଆପଣାଇବା ସହ ୪୪ଟି ଶ୍ରମ ଆଇନ୍‌କୁ ୪ଟି କୋଡ୍‌ରେ ପରିଣତ କରିବା, ଭାରତବର୍ଷ ରାଷ୍ଟ୍ରାୟତ ଉଦ୍ୟୋଗ ମାନଙ୍କର ବିକ୍ରି, ଘରୋଇକରଣ, କୋଇଲା କ୍ଷେତ୍ର, ବିମାନ ବନ୍ଦର ପ୍ରଭୁତିକୁ ଆଦାନୀ ହାତରେ ଟେକିଦେବା ନିତିଦିନିଆ ଘଟଣାରେ ପରିଣତ ହୋଇଛି। ସରକାର କୋଭିଡ୍ ମହାମାରୀର ମୁକାବିଲା କରିବା ବଦଳରେ କୋଭିଡ୍ ସଂକଟରୁ ନିଜର ସ୍ୱାର୍ଥସିଦ୍ଧି ପାଇଁ ବ୍ୟବହାର କରୁଛନ୍ତି। କଳା, କୃଷି ଆଇନ ପ୍ରତ୍ୟାହାର ଯାହାର କୃଷକ ଆନ୍ଦୋଳନ ୬ ମାସରେ ପହଁଚିଥିବାବେଳେ ସରକାର କର୍ଣ୍ଣପାତ କରୁନାହାନ୍ତି। ଏପରି ଅବସ୍ଥାରେ ସମସ୍ତଙ୍କୁ ମାଗଣାରେ ଟିକା, ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ମଜବୁତ କରିବା, ସମସ୍ତ ଅସଂଗଠିତ ଶ୍ରମିକ ମାନଙ୍କୁ ମାଗଣାରେ ଖାଦ୍ୟଶସ୍ୟ ଯୋଗାଇଦେବା ସହ ୭୫୦୦ ଟଙ୍କାର ଆର୍ଥିକ ସହାୟତା, କଳା କୃଷି ଆଇନ ପ୍ରତ୍ୟାହାର, ଲେବର କୋଡ୍ ପ୍ରତ୍ୟାହାର ଏବଂ ରାଷ୍ଟ୍ରୀୟ ଉଦ୍ୟୋଗରେ ବିକ୍ରି ଓ ଘରୋଇକରଣ ବନ୍ଦ ବିରୁଦ୍ଧରେ ଆସନ୍ତା ତା. ୨୬.୦୫.୨୦୨୧ ଦେଶବ୍ୟାପି କଳାଦିବସକୁ ଓଡ଼ିଶାରେ କଳାବ୍ୟାଚ ପରିଧାନ, ପ୍ରତିବାଦ, ପ୍ଲାକାର୍ଡ଼ ସୋ ମାଧ୍ୟମରେ ପାଳନ କରିବାକୁ ରାଷ୍ଟ୍ରୀୟ ମଜଦୁର କଗ୍ରେସର ଜାତୀୟ ଉପସଭାପତି, ଓଡ଼ିଶା ଶାଖାର ସଭାପତି ତଥା ପୂର୍ବତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆ, ଏ.ଆଇ.ଟି.ୟୁ.ସିର ରାମକୃଷ୍ଣ ପଣ୍ଡା, ଏଚ.ଏମ୍.ଏସ୍ର ବିରେନ୍ଦ୍ର ଦାସ, ସି.ଆଇ.ଟି.ୟୁର ରମେଶ ଜେନା, ଏ.ଆଇ.ୟୁ.ଟି.ୟୁ.ସିର ପୂର୍ଣ୍ଣ ବେହେରା, ଏ.ଆଇ.ସି.ସି.ଟି.ୟୁର ମହେନ୍ଦ୍ର ପରିଡ଼ା, ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଉପସଭାପତି ମଦନମୋହନ ଧଳ, ସାଧାରଣ ସଂପାଦକ - କିଶୋର ଜେନା,ଯୁବ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସଭାପତି - ସତ୍ୟବ୍ରତ ନାୟକ, ସଭାନେତ୍ରୀ - ପ୍ରଣତି ମିଶ୍ର ପକ୍ଷରୁ ଆହ୍ୱାନ ଦିଆଯାଇଛି।

ଧ୍ୱନି ପ୍ରତିଧ୍ୱନି



# ମଦ ବେପାରୀଙ୍କୁ ଫି ଛାଡ ପ୍ରତିବାଦରେ ଜିଲ୍ଲା କଂଗ୍ରେସର ଧାରଣା

ଭଦ୍ରକ,୨୪/୦୫ (ନି.ପ୍ର): ପ୍ରଦେଶ କଂଗ୍ରେସର ନିଷ୍ପତି ଅନୁସାରେ ରାଜ୍ୟ ସରକାର ମଦ ବେପାରୀଙ୍କୁ ଫି ଛାଡ କରାଯିବାକୁ ପ୍ରତିବାଦ କରି ଆଜି ଜିଲ୍ଲା ସଭାପତି ସୁବ୍ରତ ଦାସଙ୍କ ସଭାପତିତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଘଂଟିକିଆ ଧାରଣା ଦିଆ ଯାଇଥିଲା। ପରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। କରୋନା ମହାମାରୀରେ ରାଜ୍ୟର ସାଧାରଣ ଜନତା ଲଢେଇ କରିଚାଲିଥିବା ବେଳେ ରାଜ୍ୟ ସରକାର ମଦ ବେପାରୀଙ୍କ ପ୍ରୀତିରେ ସେମାନଙ୍କ ଫି କୁ ଗତ ୨୦୨୦ ଜୁନ ମାସରୁ ୨୦୨୦ ଡିସେମ୍ବର ପର୍ଯ୍ୟନ୍ତ ଛାଡ କରିବା ପାଇଁ କ୍ୟାବିନେଟ ମଞ୍ଜୁରୀ ଦେଇଛନ୍ତି। ଯାହାକୁ କଂଗ୍ରେସ ଦଳ ଘୋର ନିନ୍ଦା କରୁଛି। ମଦ ବେପାରୀଙ୍କୁ ଫି ଛାଡ କରାଯାଉଛି, ଅଥଚ ଗରିବ ଉପରେ କରୋନା ମାଡକୁ ଲାଘବ କରିବାରେ ପଛଘୁ। ଦେଇଛନ୍ତି। ଯଦି ଫି ଛାଡ କାରିବାର ଅଛି, ଛୋଟଛୋଟ ସ୍ୱଳ୍ପ ଆୟକାରୀ ନିମ୍ନ ବ୍ୟବସାୟୀମାନେ ପ୍ରତିଷ୍ଠାନ କରିଥିଲେ ବି ସମ୍ପୃକ୍ତ ବ୍ୟକ୍ତି ବିଶେଷମାନଙ୍କର ଲାଇସେନ୍ସ୍ ଫି ରାଜ୍ୟ ସରକାର ଛାଡ କରନ୍ତୁ ବୋଲି ସଭାପତି ଶ୍ରୀ ଦାସ ଦାବି କରିଥିଲେ। ସେ ଆହୁରି କହିଥିଲେ କି ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ଆକାଶ ଛୁଆଁ ଦରବୃଦ୍ଧି ଏବଂ ରନ୍ଧନ ଗ୍ୟାସ, ପେଟ୍ରୋଲ ଓ ଡିଜେଲ ଉପରେ ଭାଟ ଛାଡ କରନ୍ତୁ, ଇଲେକ୍ଟ୍ରି ବିଲ୍, ପ୍ରାଇଭେଟ ସ୍କୁଲ ଫି ଛାଡ କରନ୍ତୁ। ତାହା ନକରି ମଦ ବେପାରୀଙ୍କ ଫି ଛାଡ କରିବାର ଅର୍ଥ ଆଗାମୀ ପଂଚାୟତ ନିର୍ବାଚନ ପାଇଁ ରାଜ୍ୟ ସରକାର ମଦ ବେପାରୀଙ୍କ ଠାରୁ ଅଘୋଷିତ ଅର୍ଥ ଆଦାୟ କରିବା ପାଇଁ ଏହି ପଦକ୍ଷେପ ନେଇଛନ୍ତି ବୋଲି ଶ୍ରୀ ଦାସ କହିଥିଲେ। ଉକ୍ତ ଧାରଣାରେ ମହିଳା କଂଗ୍ରେସ ସଭାନେତ୍ରୀ ସବିତା ଚନ୍ଦ, ଧାମନଗର ବିଧାନସଭା ନେତା ବିଦ୍ୟାଧର ଯେନା, ଟାଉନ କଂଗ୍ରେସ ସଭାପତି ଅବଦୁଲ ମୁକିତ ଖାଁ, ଛାତ୍ର କଂଗ୍ରେସର ସଭାପତି ସୌମ୍ୟ ରଂଜନ ବାରିକ, ଯୁବନେତା ହେମନ୍ତ ମହାପାତ୍ର, ସୁବ୍ରତ ବେହୁରା, ଜିଲ୍ଲା ସାଧାରଣ ସମ୍ପାଦକ ପୀତବାସ ଧଳ, ଗୁଲାମ ମଇଉଦ୍ଦିନ, ଅସରଫ୍ ଅଲ୍ଲୀ ଖାଁ, ବିଜୟ ବାରିକ, ରଜନୀକାନ୍ତ ଚନ୍ଦ, ବାପୁଜୀ ପରିଡ଼ା, ନିରଞ୍ଜନ ମଲ୍ଲିକ, ମମତା ନାୟକ, ପ୍ରଭାତ ନଳିନୀ ପଣ୍ଡା, ବାସନ୍ତୀ ଲତା ନାୟକ, ରଞ୍ଜନ ଯେନା, ସାହାବାଜ୍ ଖାଁ,ସେକ୍ ବବି, ସେକ୍ ଜିକୁ ପ୍ରମୁଖ ଯୋଗ ଦେଇଥିଲେ।

## ୩୧୦ ଲିଟର ଦେଶୀ ରନ୍ଧା ମଦ ଓ ଜିଂଜର ଜବତ, ୬ ଗିରଫ

ଭଦ୍ରକ,୨୪/୦୫ (ନି.ପ୍ର): ଆଜି ଜିଲାପାଳ ଡ. ଜ୍ଞାନଦାସଙ୍କ ନିର୍ଦ୍ଦେଶ କ୍ରମେ ଓ ଉପଜିଲାପାଳ ପୀତାମ୍ବର ସାମଲଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜିଲା ଅବକାରୀ ବିଭାଗ ପକ୍ଷରୁ ଅବକାରୀ ନିରୀକ୍ଷକ କ୍ଷୀତିଶ ଦାସ, ଭଦ୍ରକ ଭ୍ରାମ୍ୟମାଣ ସ୍କ୍ୱାର୍ଡ ଭାରପ୍ରାପ୍ତ ଅଧିକାରୀ ବ୍ରଜମୋହନ ମଲ୍ଲିକ ଓ କର୍ମଚାରୀମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ବାସୁଦେବପୁର ଥାନା ଅଧୀନସ୍ଥ ଇରମ, ଅଢୁଆଁ, ପଢୁଆଁ, କୁମାରପୁର ଓ ଗୁଆଗଡିଆ ଅଂଚଳରେ ଚଢାଉ କରି ୩୧୦ ଲିଟର ଦେଶୀ ରନ୍ଧାମଦ ଓ ୧୪.୮୫୦ ଲିଟର ଜିଂଜର ଜବତ କରିବା ସହ ଏଥିରେ ସଂପୃକ୍ତ ୬ ଜଣଙ୍କୁ ଗିରଫ କରିଛନ୍ତି। ଏହି ଗିରଫ ବ୍ୟକ୍ତିମାନେ ହେଲେ ଇରମର ଶ୍ରୀହରି ଦାସ ଓ ରମାକାନ୍ତ ଦାସ, ଅଢୁଆଁ ଗ୍ରାମର ବୁଲୁ ମଲ୍ଲିକ ଓ କପିଳ ମଲ୍ଲିକ ଏବଂ କୁମାରପୁର ଗ୍ରାମର ପ୍ରଦୀପ ପଣ୍ଡା ଓ ବସନ୍ତ କୁମାର ନାୟକ। ଜବତ ମଦ ଓ ଜିଂଜରର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଏହି ଚଢାଉରେ ଏଏସ୍ଆଇ ପ୍ରହ୍ଲାଦ ସାମଲ, ଭବେଶ ଦାସ, ପୁରୁଷୋ ମ ମଲ୍ଲିକ, ଦୀପକ କୁମାର ରାଉତ, କନେଷ୍ଟବଳ ପ୍ରଦୀପ ମଲ୍ଲିକ, ମୁରଲୀ ପ୍ରଧାନ, ପରେଶ ଟୁଡୁ ଓ ଜେମାମଣି ଜାମୁଡା ପ୍ରମୁଖ ସାମିଲ ଥିଲେ। ଏଥିନେଇ ଅବକାରୀ ବିଭାଗ ପକ୍ଷରୁ ୬ଟି ପୃଥକ୍ ପୃଥକ୍ ମାମଲା ରୁଜୁ କରାଯାଇଛି।

# ବାତ୍ୟା ମୁକାବିଲା ପ୍ରସ୍ତୁତିକୁ ନେଇ ଜିଲ୍ଲାପାଳଙ୍କ ସୂଚନା ପ୍ରଦାନ



ବାଲେଶ୍ୱର,୨୪/୦୫ (ନି.ପ୍ର): ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଦିନକ ପରେ ମଇ ୨୫ ଓ ୨୬ତାରିଖରେ ପ୍ରବଳ ବର୍ଷା ଓ ପବନ ନେଇ ରୂପ ନେବାକୁ ଯାଉଥିବା ସମ୍ଭାବ୍ୟ ବାତ୍ୟାରେ ବାଲେଶ୍ୱର ଜିଲ୍ଲା ଅଧିକ ପ୍ରଭାବିତ ହେବାର ସମ୍ଭାବନା ଅଛି । ଏହି ପରିପ୍ରେକ୍ଷୀରେ ଜିରୋ କାଜୁଆଲିଟିକୁ ଲକ୍ଷ୍ୟ ରଖି ଜିଲ୍ଲା ପ୍ରଶାସନ ତରଫରୁ ବାତ୍ୟାର ମୁକାବିଲା ପାଇଁ କିପରି ପ୍ରସ୍ତୁତି ରହିଛି ସେ ନେଇ ଆଜି ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ ସଦଭାବନା ସଭାଗୃହରେ ଆୟୋଜିତ ଏକ ସାକ୍ଷାତକାରରେ ସାମ୍ବାଦିକମାନଙ୍କୁ ସୂଚନା ପ୍ରଦାନ କରିଥିଲେ । ଏହି କ୍ରମରେ ଜଣାଇଥିଲେ କି ତଳିଆ ଅଂଚଳରୁ ଲୋକ ସ୍ଥାନାନ୍ତରଣ କାର୍ଯ୍ୟ ଆରମ୍ଭ ହୋଇସାରିଛି । ସେମାନଙ୍କ ପାଇଁ ୧୨ଶହଟି ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ବିଶୋଧନ କରାଯିବା ସହିତ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଉପକରଣ ସହ ପୂର୍ଣ୍ଣ ପ୍ରସ୍ତୁତ କରାଯାଇଛି । ସେଥି ମଧ୍ୟରେ ୧୪୦ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ରହିଛି । ପ୍ରତି କେନ୍ଦ୍ର ପାଇଁ ୩ଜଣ ଲେଖାଏଁ ନୋଡାଲ ଅଧିକାରୀ ନିଯୁକ୍ତି କରାଯିବା ସହ ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ ନିୟୋଜିତ କରାଯାଇଛି । ଆସନ୍ନ ପ୍ରସବା ୬ଶହ ମହିଳାଙ୍କୁ ନିକଟସ୍ଥ ପିଏଚସି ବା ସିଏଚସିକୁ ସ୍ଥାନାନ୍ତରଣ ପାଇଁ ଚିହ୍ନଟ କରାଯାଇଛି। ବିଶେଷ କରି କଚ୍ଚା ଓ ଆଜବେଷ୍ଟସ ଛପର ଥିବା ଘରୁ ଲୋକଙ୍କୁ ଶତ ପ୍ରତିଶତ ସ୍ଥାନାନ୍ତରଣ ପାଇଁ ଲକ୍ଷ୍ୟ ରଖାଯାଇଛି । ମାଇକ ଦ୍ୱାରା ନିକଟସ୍ଥ ଆଶ୍ରୟସ୍ଥଳୀକୁ ଯିବା ପାଇଁ ଘୋଷଣା ମଧ୍ୟ କରାଯାଉଛି । ବାତ୍ୟା ସମୟରେ ଉଦ୍ଧାରଜନିତ କାର୍ଯ୍ୟ ପାଇଁ ୭ଟି ଏନଡିଆରଏଫ, ୧୮ଟି ଅଗ୍ନିଶମ ଓ ଓଡ୍ରାଫ ଦଳ ପହଂଚିସାରିଛି । ଚିଙ୍ଗୁଡି ଘେରିମାନଙ୍କରେ କାମ କରୁଥିବା ବାହାର ଜିଲ୍ଲା କିମ୍ବା ଏହି ଜିଲ୍ଲାର ଶ୍ରମିକ ତଥା ମାଲିକମାନେ ମଧ୍ୟ ନିକଟସ୍ଥ ଆଶ୍ରୟସ୍ଥଳୀ ବା କଂକ୍ରିଟ ଛାତ ଥିବା ମଜଭୁତ ଘରେ ଆଶ୍ରୟ ନେବା ପାଇଁ ଜିଲ୍ଲାପାଳ ସାମ୍ବାଦିକମାନଙ୍କ ଜରିଆରେ ଅନୁରୋଧ କରିଥିଲେ । ସେହିପରି ସହରାଂଚଳ କିମ୍ବା ବ୍ଲକସ୍ତରରେ ଥିବା ଦୋକାନମାନଙ୍କରେ ଲାଗିଥିବା ହୋର୍ଡିଂ, ସାଇନେଜ ଆଦିକୁ କାଢି ଦୋକାନ ଭିତରେ ରଖିଦେବା ପାଇଁ ପରାମର୍ଶ ଦେଇଥିଲେ । ବାତ୍ୟା ସମୟରେ ମଜବୁତ ଛାତ ଘରେ ଆଶ୍ରୟ ନେବା ଏବଂ ଆଦୌ ଘରୁ ନ ବାହାରିବାକୁ ସେ ଅନୁରୋଧ କରିଥିଲେ । ବାତ୍ୟା ପୂର୍ବରୁ ପାଣି ମହଜୁଦ ରଖିବାକୁ ମଧ୍ୟ ଜଣାଇଥିଲେ । ସର୍ବୋପରି ବାତ୍ୟା ମୁକାବିଲାରେ ଲୋକ ସ୍ଥାନାନ୍ତରଣ, ବାତ୍ୟା ସମୟରେ ଓ ପରେ ଉଦ୍ଧାର, ରିଲିଫ ଆଦି ପରିଚାଳନାଗତ କାର୍ଯ୍ୟ ତଥା କୋଭିଡ୍ ମହାମାରୀ ନିୟମ ପାଳନ ଦିଗରେ ଜନସାଧାରଣ ଓ ସାମ୍ବାଦିକମାନଙ୍କର ସହଯୋଗ କାମନା କରିଥିଲେ ।

## ବନ ବିଭାଗ ଦ୍ୱାରା ନାଗ ସାପ ଉଦ୍ଧାର



ବାରିପଦା / ରାଇରଙ୍ଗପୁର,୨୪/୦୫ (ନି.ପ୍ର): ମୟୂରଭଂଜ ଜିଲ୍ଲା ସୀମାନ୍ତ ଜାମଦା ବ୍ଲକର କଇଁପୁର ଗ୍ରାମର ହରି ମଣ୍ଡପ ନିକଟରୁ ରବିବାର ସକାଳେ ବନ ବିଭାଗ କର୍ମଚାରୀଙ୍କ ଦ୍ୱାରା ଏକ ନାଗସାପ ଉଦ୍ଧାର କରାଯାଇଛି। ସୂଚନାଯୋଗ୍ୟଯେ ରବିବାର ସକାଳେ କଇଁପୁର ଗ୍ରାମର ଯତିନ୍ଦ୍ର ନାଥଙ୍କ ଘରେ ଏକ ନାଗସାପ ପଶି ସଁ ସଁ କରୁଥିଲା। ଘର ଲୋକେ ଓ ଗାଁ ଲୋକେ ପାଟି କରିବାରୁ ସାପଟି ହରିମଣ୍ଡପ ପାଖରେ ଆସି ରହିଯାଇଥିଲା। ବନ ବିଭାଗର ଫରେଷ୍ଟର ରତିକାନ୍ତ ପଲାଇ, କୁନ୍ତି ହାଁସଦା ଓ ସ୍ନେକ ହେଲ୍ପ ଲାଇନ କର୍ମଚାରୀ ଘଟଣାସ୍ଥଳରେ ପହଂଚି ସାପକୁ ଉଦ୍ଧାର କରିବା ସହ ଏକ ବସ୍ତାରେ ପୁରାଇ ମାନବୀର ସଂରକ୍ଷିତ ଜଙ୍ଗଲରେ ଛାଡି ଦେଇଥିବାର ଜଣାଯାଇଛି ।

## ରାଇରଙ୍ଗପୁର ଅଗ୍ନିଶମ ସର୍କଲରୁ ୮ଟି ଟିମ୍ ବାରିପଦା ଓ ଭଦ୍ରକ ଗସ୍ତ



ବାରିପଦା / ରାଇରଙ୍ଗପୁର ,୨୪/୦୫ (ନି.ପ୍ର): କରୋନା ମହାମାରୀ ଭଳି ଏକ ଜାତୀୟ ବିପତ୍ତି ଚାଲିଥିବାବେଳେ ରାତି ପାହିଲେ ମହାବାତ୍ୟାର ସାମନାସାମନି ହେବେ ମୟୂରଭଂଜ ସମେତ ୭ଜିଲ୍ଲାବାସୀ। ପୂର୍ବ ବଙ୍ଗୋପ ସାଗରରେ ଲଘୁଚାପ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ମୟୂରଭଂଜ ଜିଲ୍ଲାରେ ବାତ୍ୟାର ବ୍ୟାପକ କ୍ଷୟକ୍ଷତି ସୃଷ୍ଟି ହେବାର ସମ୍ଭାବନାକୁ ଲକ୍ଷ କରି ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏଥିପାଇଁ ରାଜ୍ୟ ସରକାରଙ୍କ ତତ୍ପରତା ଅନୁସାରେ ଅଗ୍ନିଶମ ଆଇଜିଙ୍କ ନିର୍ଦ୍ଦେଶକ୍ରମେ ରାଇରଙ୍ଗପୁର ଅଗ୍ନିଶମ ବିବାଗ ପକ୍ଷରୁ ବ୍ୟାପପକ ପ୍ରସ୍ତୁତି ହୋଇଛି। ରବିବାର ପୂର୍ବାହ୍ନରେ ୮ଟି ଟିମରେ ୬୦ ଜଣ କର୍ମଚାରୀ ସାମିଲ ହୋଇ, ୪ଟି ଟିମ୍ ଭଦ୍ରକ ଅଭିମୁଖେ ଏବଂ ୪ଟି ଟିମ୍ ବାରିପଦା ଅଭିମୁଖେ ଗସ୍ତ କରିଛନ୍ତି। ପ୍ରତ୍ୟେକ ଟିମରେ ଜଣେ ଅଫିସର, ଜଣେ ଲିଡିଂ ଫାୟାର ମେନ, ଜଣେ ଡ୍ରାଇଭର, ୪ଜଣ ଫାୟାର ମେନ ସାମିଲ ହୋଇଛନ୍ତି। ଅଗ୍ନିଶମ ବିଭାଗ ପକ୍ଷରୁ ସେମାନଙ୍କୁ ଯାନ୍ତ୍ରିକ କରତ, ଆସ୍କା ଲାଇଟ୍, ଗଛକଟା ମେସିନ, ଜେନେରେଟର ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଉପକରଣ ଯୋଗାଇ ଦିଆଯାଇଛି। ସେମାନେ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇ ଲୋକଙ୍କ ଜୀବନ ସୁରକ୍ଷା ଓ ସୁରକ୍ଷିତ ଜାଗାରେ ଥଇଥାନ, ରାସ୍ତାରେ ଗଛ, ବିଦ୍ୟୁତ ଖୁଂଟି ପଡିଥିଲେ ପରିଷ୍କାର କରିବାରେ ସାମିଲ ହେବେ ବୋଲି ଅଗ୍ନିଶମ ଅଧିକାରୀ କୃଷ୍ଣଚନ୍ଦ୍ର ସାମଲ ଗଣମାଧ୍ୟମକୁ ସୂଚନା ଦେଇଥିଲେ।

## ବାତ୍ୟା ପୂର୍ବ ପ୍ରସ୍ତୁତି ଓ ମୁକାବିଲା ନେଇ ନଡ୍ଡାଙ୍କ ରାଜ୍ୟ ନେତୃବୃନ୍ଦଙ୍କ ସହ ସମୀକ୍ଷା ବୈଠକ

ଭୁବନେଶ୍ୱର,୨୪/୦୫ (ନି.ପ୍ର): ବାତ୍ୟା 'ୟଶ୍' ମୁକାବିଲା ପାଇଁ ପାର୍ଟୀ ତରଫରୁ ଏକ ରାଜ୍ୟସ୍ତରୀୟ କୋର୍ଡିନେସନ କମିଟି ସହ ପ୍ରଭାବିତ ୧୨ଟି ଜିଲ୍ଲାରେ କୋର୍ଡିନେସନ କମିଟି ଗଠନ କରିବାକୁ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ଜେ. ପି ନଡ୍ଡା ନିର୍ଦ୍ଦେଶ ଦେଇଛନ୍ତି । ଏହି କମିଟି ରାଜ୍ୟ ସରକାର, ସ୍ଥାନୀୟ ପ୍ରଶାସନ, ବିଭିନ୍ନ ସରକାରୀ ବିଭାଗ, ବିପର୍ଯ୍ୟୟ ମ୍ୟାନେଜମେଂଟ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଏନଡିଆରଏଫ ଇତ୍ୟାଦିଙ୍କ ସହ ସମନ୍ୱୟ ରକ୍ଷା କରି ସାଧାରଣ ଜନତାଙ୍କୁ ସହୟତା ଓ ସହଯୋଗ କରିବେ । ସମସ୍ତ ପ୍ରକାରର ସହଯୋଗ ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି ବୋଲି ଶ୍ରୀ ନଡ୍ଡା ସୂଚନା ଦେଇ କହିଛନ୍ତି । ବାତ୍ୟାର ପ୍ରଭାବ ଅନୁଯାୟୀ ବିଜେପି କାର୍ଯ୍ୟକର୍ତାମାନେ ନିଜ ନିଜ ଅଂଚଳରେ ସଜାଗ ରହିବା ସହ ପଂଚାୟତ, ମଣ୍ଡଳ, ବିଧାନସଭା ଓ ଜିଲ୍ଲା ସ୍ତରରେ ବାତ୍ୟାର ମୁକାବିଲା କରିବା ପାଇଁ ଯୋଜନାର ରୂପରେଖ ପ୍ରସ୍ତୁତ କରି ବାତ୍ୟା ପ୍ରଭାବିତ ଅଂଚଳବାସୀଙ୍କୁ ସାହାଯ୍ୟ ଓ ସହଯୋଗ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ବାତ୍ୟା ପୂର୍ବ ଓ ପରବର୍ତୀ ଆବଶ୍ୟକୀୟ ସୁଚନା ପ୍ରଭାବିତ ଅଂଚଳରେ ଆଦାନ ପ୍ରଦାନ କରି ସଚେତନ ସୃଷ୍ଟି କରିବାକୁ ଶ୍ରୀ ନଡ୍ଡା ପରାମର୍ଶ ଦେଇଛନ୍ତି । ସାଧାରଣ ଜନଜୀବନ ଓ ପଶୁଧନ ସୁରକ୍ଷା, ଖାଦ୍ୟଶସ୍ୟ ସଂରକ୍ଷଣ, ଅତ୍ୟାବଶ୍ୟକ ସାମଗ୍ରୀ ସୁବଂଟନ, ଜରୁରୀକାଳୀନ ସ୍ୱାସ୍ଥ୍ୟସେବା, ବାତ୍ୟା ପୂର୍ବ ଓ ପରବର୍ତୀ ସ୍ଥିତିର ସୁପରିଚାଳନା ଆଦି ମୁଖ୍ୟ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବିଶେଷ ଭାବେ ଗର୍ଭବତୀ ମହିଳା, ଶିଶୁ, ବୃଦ୍ଧ, ଅସହାୟ, ଦିବ୍ୟାଙ୍ଗମାନଙ୍କୁ ପ୍ରାଥମିକତା ଆଧାରରେ ସେବା ଯୋଗାଇ ଦେବାକୁ ଶ୍ରୀ ନଡ୍ଡା କାର୍ଯ୍ୟକର୍ତାଙ୍କୁ ପରାମର୍ଶ ଦେଇଛନ୍ତି । ବାତ୍ୟା ପ୍ରଭାବିତ ଅଂଚଳରେ କୋଭିଡ୍ ଚିକିତ୍ସା ଏବଂ ଟୀକାକରଣ ଯେପରି ପ୍ରଭାବିତ ନହୁଏ ସେଥିପାଇଁ ଅଧିକ ଗୁରୁତ୍ୱ ଦେବା ପାଇଁ ଶ୍ରୀ ନଡ୍ଡା କହିଛନ୍ତି ।

### ଘୁର୍ଣ୍ଣିଝଡ ୟାସ୍ ପ୍ରଭାବରେ ବାଲିଆପାଳରେ ତୁହାକୁ ତୁହା ବର୍ଷାଆରମ୍ଭ

## ବାଲିଆପାଳରେ ୨୫୦ ଲୋକଙ୍କୁ ସ୍ଥାନାନ୍ତର କଲା ବ୍ଲକ ପ୍ରଶାସନ



ବାଲିଆପାଳ,୨୪/୦୫ (ନି.ପ୍ର): ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ସୃଷ୍ଟି ହୋଇଥିବା ଘୁର୍ଣ୍ଣିଝଡ ୟଶ ବାଲେଶ୍ୱର ଜିଲ୍ଲାର ଉପକୂଳବର୍ତ୍ତୀ ଅଂଚଳକୁ ଆସନ୍ତା ୨୬ ତାରିଖରେ ଛୁଇଁବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।ଏହାର ପ୍ରଭାବରେ ଝଡ ତୋଫାନ ଲାଗି ରହିବ ବୋଲି ଏସଆରସି ପୂର୍ବରୁ ସତର୍କ କରାଇଥିଲା ବେଳେ ଆଜି ସକାଳଠାରୁ ବାଲିଆପାଳ ବ୍ଲକରେ ତୁହାକୁ ତୁହା ବର୍ଷା ଲାଗି ରହିଛି । ତେବେ ପ୍ରଶାସନ ପକ୍ଷରୁ ପୂର୍ବ ପ୍ରସ୍ତୁତି ମୂତାବକ ସମସ୍ତ ବାତ୍ୟା ଓବନ୍ୟାଆଶ୍ରୟସ୍ଥଳି ସମେତ ୧୩୯ଟି ସୁରକ୍ଷିତ ସ୍ଥାନରେ କଚ୍ଚାଘର,ଏଜବେଷ୍ଟସ ଓ ଛପର ଘରେ ରହୁଥିବା ଲୋକଙ୍କୁ ସ୍ଥାନାନ୍ତର ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଆଜି ବାଲିଆପାଳ ତହସିଲଦାର ଦୀପକ କୁମାର ଦାସ, ତହସିଲ ଟିମ ସହ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳକୁ ଯାଇ କଚ୍ଚାଗଚ୍ଛ ରହୁଥିବା ଲୋକମାନଙ୍କୁ ସେମାନଙ୍କର ଜରୁରୀ କାଗଜପତ୍ର ଓସାମଗ୍ରି ନେଇ ଏହିସବୁ ସୁରକ୍ଷିତ ଆଶ୍ରୟସ୍ଥଳୀ କୁ ଚାଲିଆସିବା ପାଇଁ ମାଇକ ଯୋଗେ ପ୍ରଚାର କରିଥିଲେ । ବାଲିଆପାଳ ବ୍ଲକର ମୋଟ ୨୮ଟି ପଞ୍ଚାୟତର ୧୭ ହଜାର ୩୦୦ ଲୋକଙ୍କୁ ସ୍ଥାନାନ୍ତର କରିବାକୁ ପ୍ରଶାସନ ଆକଳନ କରିଥିବା ବେଳେ ଆଜି ସନ୍ଧ୍ୟା ସୁଦ୍ଧା ୨୫୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ବିଡିଓ ଲଳିତ ସୋରେଙ୍ଗ ସୂଚନା ପ୍ରଦାନ କରିଛନ୍ତି ।ସେହିପରି ବାତ୍ୟା ସମୟରେ ଲୋକଙ୍କ ଉଦ୍ଧାର କାର୍ଯ୍ୟ ଓ ରାସ୍ତା ଘାଟ ସଫା ପାଇଁ ଆଜି ବ୍ଲକରେ ଦୁଇଟି ଏନଡିଆରଏଫ ଟିମ ଓ ଦୁଇଟି ଦମକଳ ବାହିନୀ ପହଂଚିଛି ।ବାତ୍ୟା ପରିଚାଳନା ପାଇଁ ପ୍ରତିପଞ୍ଚାୟତର ଜଣେ ଲେଖାଏଁ ନୋଡାଲ ଅଫିସର ଏବଂ ବିଦ୍ୟାଳୟ ମାନଙ୍କରେ ଦୁଇଜଣ ଲେଖାଏଁ ଶିକ୍ଷକ ନିଯୁକ୍ତ କରାଯାଇଛି ।ବାତ୍ୟାପାଇଁ ଭୟଭୀତ ନହେବା ପାଇଁ ପରାମର୍ଶ ଦେବା ସହ ବାତ୍ୟା ମୁକାବିଲା ପାଇଁ ପ୍ରଶାସନ ସବୁପ୍ରକାର ପ୍ରସ୍ତୁତଥିବା ବିଡିଓ ଶ୍ରୀଯୁକ୍ତ ସୋରେଙ୍ଗ କହିଛନ୍ତି । ଆଜିବି ବହୁ ଜମିରେ ପାଚିଲା ଧାନ ଗଛ ସବୁ ଛିଡା ହୋଇଥିବା ବେଳେ ଏହି ବର୍ଷା ଏବଂ ପବନ ସବୁ କିଛି ଉଜାଡି ଦେବା ନେଇ ଚାଷିକୂଳ ଚିନ୍ତାରେ ଅଛନ୍ତି । ସେହିପରି ମାଟି ଘରେ ରହୁଥିବା ୭ଜଣ କରୋନା ଆକ୍ରାନ୍ତ ମାନଙ୍କୁ ବ୍ଲକ ଆଇସୁଲେସନ ସେଣ୍ଟରକୁ ଅଣାଯିବା ସହ ସନ୍ଧ୍ୟା ସୁଦ୍ଧା ୬ ଜଣ ଗର୍ଭବତୀ ମହିଳାଙ୍କୁ ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଛି ।

# ଅଗଷ୍ଟ ୨୩ ପର୍ଯ୍ୟନ୍ତ ଜିଲ୍ଲାର ଘରେ ଘରେ ହେବ ସ୍ୱାସ୍ଥ୍ୟ ଯାଂଚ୍

### ଆବଶ୍ୟକୀୟ ଜିନିଷ କିଣିବାକୁ ଗାଁ କଲ୍ୟାଣ ସମିତି ଓ ଆଶା ମାନଙ୍କୁ ୧୦ ହଜାର ଅନୁଦାନ

କନ୍ଧମାଳ,୨୪/୦୫ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ଆଜିଠାରୁ ସମସ୍ତ ଗ୍ରାମାଂଚଳରେ ଲୋକମାନଙ୍କର ଘରକୁଘର ବୁଲି ସେମାନଙ୍କର ସ୍ୱାସ୍ଥ୍ୟ ଯାଂଚ କରାଯିବା ସହିତ କୋଭିଡ ସଂକ୍ରମଣରେ ଥିବା ଲୋକଙ୍କୁ ଆବଶ୍ୟକୀୟ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯିବା ସହିତ ଅନ୍ୟାନ୍ୟ ରୋଗର ଲକ୍ଷଣ ଦେଖାଗଲେ ସେମାନଙ୍କୁ ରୋଗର ଚିକିତ୍ସା ପାଇଁ ମଧ ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲା ସ୍ୱସ୍ଥ୍ୟ ବିଭାଗ ସୂତ୍ରରୁ ଜଣାପଡିଛି । ତେବେ ଜିଲ୍ଲାରେ ଥିବା ସମସ୍ତ ଆଶା ଏବଂ ଅଙ୍ଗନବାଡି କର୍ମିମାନଙ୍କ ସମେତ ସେହି ଅଂଚଳର ସମସ୍ତ ପୁରୁଷ ଓ ମହିଳା ସ୍ୱାସ୍ଥ୍ୟ କର୍ମି ମାନେ ମଧ ଏହି ୩ ମାସ ଧରି ହେବାକୁ ଥିବା ସ୍ୱାସ୍ଥ୍ୟ ଯାଂଚ୍ ଅଭିଯାନରେ ସାମିଲ ହେବେ । ଏଥରରେ ସେମାନେ ଗ୍ରାମାଂଚଳର ଲୋକଙ୍କ ସ୍ୱାସ୍ଥ୍ୟ ଯାଂଚ କରି ସେମାନଙ୍କ ମଧ୍ୟରେ ଥିବା କୋଭିଡ ସଂକ୍ରମିତ ମାନଙ୍କ ସମତେ ଡାଇରିଆ, ଟିବି, ମ୍ୟାଲେରିଆ ଓ ଗର୍ଭବତୀ ମହିଳାଙ୍କର ସ୍ୱାସ୍ଥ୍ୟ ଯାଂଚ କରି ସେମାନଙ୍କୁ ଆବଶ୍ୟକୀୟ ସ୍ୱସ୍ଥ୍ୟ ସେବା ଯୋଗାଇବା ବ୍ୟବସ୍ଥା କରିବେ ବୋଲି ଜଣାପଡିଛି । ଏହାସହିତ ଲୋକଙ୍କୁ ମାସ୍କ, ସାନିଟାଇଜର, ସାବୁନ ଓ ଅଂଚଳର ଅନ୍ୟ ଆବଶ୍ୟକୀୟ ସ୍ୱାସ୍ଥ୍ୟ ସେବା ସର୍ମ୍ପକିତ ଜିନିଷ କିଣିବାକୁ ପ୍ରଥମ ପର୍ଯ୍ୟାୟରେ ଗାଁ କଲ୍ୟାଣ ସମିତି ଗୁଡିକୁ ଓ ଆଶା କର୍ମି ମାନଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି । ଏହି ୩ ମାସ ଭିତରେ ଏଥିରେ ନିୟୋଜିତ ଥିବା ଆଶା ଏବଂ ଅଙ୍ଗନବାଡି କର୍ମି ମାନଙ୍କୁ ମାସକୁ ଏକ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ ବୋଲି ମଧ ବିଭାଗ ପକ୍ଷରୁ ସୁଚନା ମିଳିଛି । ତେବେ ଏହାଦ୍ୱାରା ଜିଲ୍ଲାର ଲୋକଙ୍କର ସ୍ୱାସ୍ଥ୍ୟାବସ୍ଥା ସହିତ କୋଭିଡ ସର୍ମ୍ପକିତ ସୂଚନା ମଧ ମିଳିପାରିବ ବୋଲି ଜଣାପଡିଛି ।

## ବାତ୍ୟା ପରିଚାଳନା ଓ ଉଦ୍ଧାର ପାଇଁ କଂଗ୍ରେସ କମିଟି ଗଠିତ

ଭଦ୍ରକ,୨୪/୦୫ (ନି.ପ୍ର): ବାତ୍ୟା 'ୟଶ୍'ର ମୁକାବିଲା କରିବା ପାଇଁ ବିପତ୍ତି ସମୟରେ ଜନ ସାଧାରଣଙ୍କୁ ଉଦ୍ଧାର କରିବା, ସେମାନଙ୍କୁ ସହଯୋଗ କରିବା ପାଇଁ ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ କମିଟି ଗଠନ କରାଯାଇଛି। ଏହି କମିଟିରେ - ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଅଶୋକ କୁମାର ଦାସ ଆବାହକ ଥିବା ବେଳେ ନଳିନୀକାନ୍ତ ମହାନ୍ତି, ଭଦ୍ରକ ବିଧାନସଭା ନେତା, ଦିଗମ୍ବର ଦାସ ଚାନ୍ଦବାଲି ବିଧାନସଭା ନେତା, ବିଦ୍ୟାଧର ଯେନା, ଧାମନଗର ବିଧାନସଭା ନେତା,ରମେଶ ଚନ୍ଦ୍ର ବଳ, ବାସୁଦେବପୁର ବ୍ଲକ ସଭାପତି, ଭକ୍ତ ରଞ୍ଜନ ପଟ୍ଟନାୟକ, ବାସୁଦେବପୁର ଟାଉନ ସଭାପତି, କିଶୁରାମ ଯେନା, ଚାନ୍ଦବାଲି ବ୍ଲକ ସଭାପତି ସରୋଜ ଦାସ, ତିହିଡ଼ି ବ୍ଲକ ସଭାପତି, ବୃନ୍ଦାବନ ମହାଳିକ, ଚାନ୍ଦବାଲି ଟାଉନ ସଭାପତି, ଗୋଲକ ବେହେରା, ଭଣ୍ଡାରିପୋଖରୀ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି, ନିରଞ୍ଜନ ମଲ୍ଲିକ, ବନ୍ତ ବ୍ଲକ ଉପସଭାପତି ସଭ୍ୟ ଭାବେ ରହିଛନ୍ତି।

# ଜିଲ୍ଲାପାଳଙ୍କ ବାତ୍ୟା ଆଶ୍ରୟସ୍ଥଳୀ ଗସ୍ତ

### ୧୦ଟି ସ୍ଥାୟୀ ଓ ୪୧୪ଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ ରହିଛି



ବାରିପଦା (ପି.ଏନ.ଏସ.) ତା ୨୩/୦୫ ବାତ୍ୟା ୟସର ପ୍ରଭାବ ଜିଲ୍ଲାରେ ପଡିବା ନେଇ ଜିଲ୍ଲାକୁ ରାଜ୍ୟ ସରକାରଙ୍କ ପାଣିପାଗ ବିଭାଗ ଓରେଞ୍ଜ ଜୋନରେ ରଖାଯାଇଛି। ତେବେ ଜିଲ୍ଲାରେ ୨୫ତାରିଖ ସନ୍ଧ୍ୟା ସମୟ ଠାରୁ ୨୭ତାରିଖ ଯାଏଁ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବା ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଏହାର ମୁକବଲା ପାଇଁ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଖୋଦ ବାତ୍ୟା ଆଶ୍ରୟସ୍ଥଳୀ ଗସ୍ତ କରି ସ୍ଥିତି ଅନୁଧାନ କରିଛନ୍ତି। ଜିଲ୍ଲାରେ ୧୦ଟି ସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ରହିଥିବା ବେଳେ ୪୧୪ଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ ରଖାଯାଇଛି। ଜିଲ୍ଲାରେ ଦୁଇଟି ଓଡ୍ରାଫ ଟିମ ସହିତ ଗୋଟିଏ ଏନଡିଆରଏଫ ଟିମ ଭୁବନେଶ୍ୱରରୁ ଆସି ଜିଲ୍ଲାରେ ପହଂଚି ବାତ୍ୟାର ମୁକାବିଲା ପାଇଁ ପ୍ରସ୍ତୁତ ରହିଛିନ୍ତି। ଜିଲ୍ଲାର ସମସ୍ତ ଉଚ୍ଚପଦସ୍ଥ ଅଧିକାରୀ ମାନଙ୍କ ସହିତ ବ୍ଲକ ସ୍ତରୀୟ ଅଧିକାରୀ ମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ବିଶେଷ କରି, ବାରିପଦା ଓ ଉଦଳା ଉପଖଣ୍ଡର ୧୪ଟି ବ୍ଲକର ନଦୀ କୂଳବର୍ତୀ ଅଂଳରେ ବସବାସ କରୁଥିବା ତଳିଆ, ଚାଳ ଛପର ଘର, କଚାଘର ଆଦିରେ ଜରୁରୀକାଳୀନ ଭିତ୍ତିରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟୁତ ବିଭାଗ, ପାନୀୟଜଳ ଯୋଗାଣ, ଅଗ୍ନିଶମ ବିଭାଗ, ଜନ ସ୍ୱାସ୍ଥ୍ୟ ବିଭାଗ, ରାଜସ୍ୱ ବିଭାଗ, କୋଭିଡ ନିୟମ ପାଳନ କରି ବାତ୍ୟା ପ୍ରଭାବିତ ଲୋକ ମାନଙ୍କୁ ସ୍ଥାନାନ୍ତରିତ କରିବା ସହ ଆର୍ଣ୍ଟିଜେନ ଟେଷ୍ଟ ବାଧତାମୂଳକ କରାଯାଇଛି। ଜିଲ୍ଲାର ସମସ୍ତ ଉପଖଣ୍ଡ ଓ ଗ୍ରାମାଂଚଳରେ ଜେନେରେଟରର ବ୍ୟବସ୍ଥା କରାଯାଇଛି। ପ୍ରଭାବିତ ମାନଙ୍କ ପାଇଁ ଶୁଖିଲା ଓ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଥିବା ସୂଚନା ଦେଇଛନ୍ତି ଜିଲ୍ଲାପାଳ ବିନୀତ ଭରଦ୍ୱାଜ। ଏହି ଗସ୍ତ ସମୟରେ ଜିଲ୍ଲାପାଳଙ୍କ ସହିତ ଉପଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ, ଜରୁରୀକାଳୀନ ଅଧିକାରୀ ସୁଜୟ କୁମାର ପତି ଏବଂ ଅନ୍ୟ ଉଚ୍ଚପଦସ୍ଥ ଅଧିକାରୀ ଉପସ୍ଥିତ ରହିଥିଲେ।

## ମୟୂରଭଞ୍ଜ ଛାଡିଲେ ହାତୀ ପଲ



ବାରିପଦା / କରଞ୍ଜିଆ,୨୪/୦୫ (ନି.ପ୍ର): ଦୀର୍ଘ ଛଅ ଦିନ ପରେ ଧୀରେ ଧୀରେ ଝାରଖଣ୍ଡ ମୁହାଁ ୧୭ ଟିକିଆ ହାତୀ ପଲ। ଗତ ୧୮ତାରିଖ ଦିନ ଚମ୍ପୁଆ ବନଖଣ୍ଡରୁ ବୈତରଣୀ ନଦୀ ପାର ହୋଇ କରଞ୍ଜିଆ ବନଖଣ୍ଡରେ ପ୍ରବେଶ କରିଥିଲେ। ରରୁଆଁ, ସୁକ୍ରୁଲି ଏବଂ କରଞ୍ଜିଆ ବ୍ଲକର ବିଭିନ୍ୟ ଅଂଚଳରେ ଆତଙ୍କ ମଧ୍ୟ ଖେଳାଇ ଥିଲେ। ସ୍ଥାନୀୟ ଅଂଚଳରେ ବିଲରେ ଧାନ ନଥିବା ବେଳେ ହାତୀ ଖାଦ୍ୟ ଅନ୍ୱେଷଣ କରି ଗ୍ରାମ ଭିତରକୁ ପ୍ରବେଶ କରିଥିବା ବେଳେ ଗ୍ରାମବାସୀ ଚିନ୍ତାରେ ରହିଥିଲେ। ଗ୍ରାମକୁ ହାତୀ ପ୍ରବେଶ କଲେ ଆମ୍ବ, ପଣସ ଓ ଅନ୍ୟାନ୍ୟ ଫଳ ଖାଇବା ସହିତ ଅନେକ ଧନ ଜୀବନ ନଷ୍ଟ କରିଥିଲେ। ହାତୀ ଛଅ ଦିନ ପରେ ଏବେ ଧୀରେ ଧୀରେ ମୟୂରଭଞ୍ଜ ଜିଲ୍ଲା ଛାଡି ଝାରଖଣ୍ଡ ମୁହାଁ ହୋଇ ଥିବାର ଜଣାଯାଇଛି । ଏବେ ସୁକ୍ରୁଲି ବ୍ଲକ କୁଜିଆମ ଜଙ୍ଗଲରେ ରହିଛନ୍ତି। କୁଜିଆମରୁ ଝାରଖଣ୍ଡ ଏକରୁ ଦେଢ଼ କିଲୋମିଟର ହୋଇଥିବା ବେଳେ ରବିବାର ଝାରଖଣ୍ଡକୁ ଫେରି ଯିବାର ଜଣାପଡିଛି। ସେଥିପାଇଁ ବନ ବିଭାଗ ମଧ ହାତୀ ପଲଙ୍କୁ ଘଉଡ଼ାଇବା ପାଇଁ ପ୍ରୟାସ ଜାରି ରଖିଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo